EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

ବର୍ଷ-୬ ସଂଖ୍ୟା-୩୫ ୧୨ - ୧୮ ସେପ୍ଟେମ୍ବର, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-35 12th - 18th SEPTEMBER, 2022 BHUBANESWAR ₹ 5/- (8 Pages)




### ୨୦୨୪ ନିର୍ବାଚନ ପୂର୍ବରୁ ଘାରିଛି କି ପୁରସ୍କାର ନିଶା !

## ଭଉଣୀ ନେଲେନି 'ପଦ୍ମ ଶ୍ରୀ' ଭାଇ ନେଲେ 'ଜୀବନବ୍ୟାପି'

**ଭୁବନେଶ୍ୱର, (ତାରକ ମହାନ୍ତି) :** ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିଲ୍ଲୀରୁ ଜୀବନବ୍ୟାପି ସାଧନା ପୁରସ୍କାର ଆଣି ଭୁବନେଶ୍ୱର ମାଟିରେ ଅବତରଣ କରିବା ପରେ ବିଜୁ ଜନତା ଦଳ ପକ୍ଷରୁ ତାଙ୍କୁ ଯେଭଳି ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଗଲା ତାହାକୁ ନେଇ ବିରୋଧୀ ନାନା କଥା କହୁଛନ୍ତି। କେହି କେହି ଏହାକୁ ଗୋଟେ ଏନଜିଓ ଦେଇଛି କହୁଛନ୍ତି ତ ଆଉକିଏ କହୁଛନ୍ତି ଜୀବନବ୍ୟାପି ପାଇଁ ଏ ପୁରସ୍କାର କ'ଣ ? କାରଣ ଜଣେ ବ୍ୟକ୍ତି ଯେଉଁ କ୍ଷେତ୍ରରେ ଅଧିକ ସମୟ କାର୍ଯ୍ୟ କରିଥାନ୍ତି ଅଥବା ସେଭଳି କିଛି ସ୍ମରଣୀୟ କାର୍ଯ୍ୟ କରନ୍ତି ତେବେ ତାଙ୍କୁ ପଦ ପଦବୀରୁ / କ୍ଷମତାରୁ ଯିବା ପରେ ଏଭଳି ପୁରସ୍କୃତ କରାଯାଏ। ହେଲେ



ନବୀନଙ୍କ କ୍ଷେତ୍ରରେ ଏଭଳି ପୁରସ୍କାର ମିଳିବାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଅତୀତରେ ଏଭଳି ପୁରସ୍କାର ପାଇଥିବା ବ୍ୟକ୍ତିବିଶେଷ ଯେଉଁ ସମୟରେ ଜୀବନବ୍ୟାପି ସାଧନା ପୁରସ୍କାର ପାଇଛନ୍ତି, ସେମାନଙ୍କ ବ୍ୟକ୍ତିତ୍ୱ ଓ କର୍ତ୍ତବ୍ୟନିଷ୍ଠା ଆଧାରରେ ଏହା ତାଙ୍କୁ ମିଳିଥିଲେ ବି କ୍ଷମତାରେ ଥିଲା ବେଳେ ନୁହେଁ, ବରଂ କ୍ଷମତାରୁ ହଟିବା ପରେ ବା ଅବସର ନେଇଯିବା ପରେ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ କ୍ଷେତ୍ରରେ ଏହାର ଭିନ୍ନତା ବେଶ ସ୍ପଷ୍ଟ ବୋଲି କିଛି ବୁଦ୍ଧିଜୀବୀ କହୁଛନ୍ତି। କାରଣ ଦୀର୍ଘ ୨୫ବର୍ଷର ରାଜନୈତିକ ଜୀବନରେ ନବୀନ ୨୨ବର୍ଷ ଧରି ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ନବୀନଙ୍କ ଲୋକପ୍ରିୟତା ଦୃଷ୍ଟିରୁ ବିଜେଡିକୁ ବିପୁଳ ଭୋଟ ମିଳୁଥିବା କଥା ସମସ୍ତେ ଜାଣନ୍ତି। ମାତ୍ର ଅଚାନକ ଏଭଳି ଜୀବନବ୍ୟାପି ପୁରସ୍କାର ପ୍ରସଙ୍ଗକୁ ନେଇ କଂଗ୍ରେସ ଓ ବିଜେପି ଭିନ୍ନ ଭିନ୍ନ କଥା କହୁଛନ୍ତି। ଏଇଟା ଗୋଟେ ପ୍ରହସନ। କିଣା ଆୱାର୍ଡ। ଯେଉଁ ସଂସ୍ଥା ଏହି ପୁରସ୍କାର ଦେଇଛି, ତା'ର କ୍ରେଡିବିଲିଟି କ'ଣ ଜଣାନାହିଁ। କେତେ ଟଙ୍କାରେ କିଣାଯାଇଛି ତାହା ସେମାନଙ୍କୁ ଜଣାନାହିଁ। ➤ ପୃ-୬

### ୧୨ ରାଜ୍ୟରେ କଂଗ୍ରେସର ଭାରତ ଯୋଡୋ ଯାତ୍ରା

## କାହିଁକି ବାଦ୍ ପଡିଲା ବାକି ରାଜ୍ୟ ?

**ଭୁବନେଶ୍ୱର :** ଗତ ୭ ସେପ୍ଟେମ୍ବରରୁ କଂଗ୍ରେସ ଭାରତ ଯୋଡୋ ଯାତ୍ରା ଅଭିଯାନ ଆରମ୍ଭ କରିଦେଇଛି। ତାମିଲନାଡର କନ୍ୟାକୁମାରୀରୁ ଆରମ୍ଭ ଏହି ଯାତ୍ରା ୧୨ଟି ରାଜ୍ୟ ଅତିକ୍ରମ କରି ଜାମ୍ମୁ-କାଶ୍ମୀରରେ ପହଂଚିବ। ୩୫୭୦ କିମିର ଏହି ଲମ୍ବା ଯାତ୍ରା ପାଇଁ ୫ ମାସ ସମୟ ଧାର୍ଯ୍ୟ ହୋଇଛି, ଯାହାର ନେତୃତ୍ୱ ନେଇଛନ୍ତି ରାହୁଲ ଗାନ୍ଧୀ। ଏହି ଯାତ୍ରା ଦ୍ୱାରା କଂଗ୍ରେସ ଏକ ନୂଆ ପରିଚୟ ମିଳିବ ଏବଂ ଦଳୀୟ ତଥା ସମର୍ଥକଙ୍କ ମନବଳକୁ ମଜବୁତ କରିପାରିବ ଓ ବିରୋଧୀ ଦଳ ଭାବରେ ନିଜ ସ୍ଥାନ ସୁଦୃଢ କରିପାରିବ ବୋଲି କଂଗ୍ରେସ କହିଛି। କିନ୍ତୁ ଏହି ଯାତ୍ରା ନକ୍ସାରେ ଓଡିଶା ନାହିଁ। କେବଳ ଓଡିଶା ହିଁ ନୁହେଁ, ଝାଡଖଣ୍ଡ, ବିହାର, ପଶ୍ଚିମବଂଗ ବି ବାଦ୍ ପଡିଛି। ତେବେ ଭାରତ ଯୋଡୋ ଯାତ୍ରାରେ କେବଳ ୧୨ଟି ରାଜ୍ୟକୁ କାହିଁକି ଅନ୍ତର୍ଭୁକ୍ତ କରାଯାଇଛି ? ଏଭଳି କି



ଉତ୍ତରପ୍ରଦେଶର ଏକ ଛୋଟିଆ ଅଂଶକୁ ହିଁ କାହିଁକି କଭର କରାଯାଇଛି ? ଏହି ପ୍ରଶ୍ନ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ କାରଣ ଲୋକସଭାରେ ୮୦ ଟି ସିଟ କେବଳ ଉତ୍ତରପ୍ରଦେଶରୁ ଆସିଥିବାବେଳେ ବିହାର ୪୦ ଆସନ ବିଶିଷ୍ଟ ରାଜ୍ୟ ଅଟେ। ଏହା ବ୍ୟତୀତ ପଶ୍ଚିମ ବଙ୍ଗରୁ ୪୨ ଟି ଆସନ ମଧ୍ୟ ରହିଛି। ଏଭଳି ପରିସ୍ଥିତିରେ ଏହି ➤ ପୃ-୬

### କୋଇଲାକୁ ନେଇ କେନ୍ଦ୍ରର ସାଘାତିକ ଖେଳ

## ଦରକାର ୯୫ ମିଲିୟନ ଟନ୍ , ମିଳୁଛି ୬୫ ମିଲିୟନ ଟନ୍

**ଭୁବନେଶ୍ୱର :** କୋଇଲାକୁ ନେଇ ସାଂଘାତିକ ଖେଳ ଖେଳୁଛି କେନ୍ଦ୍ର ସରକାର। ବର୍ଷେ ବିତିଲା, ଟଳିଲାନି କୋଇଲା କ୍ରାଇସିସ। ଶକ୍ତି ଉତ୍ପାଦନ ପାଇଁ ଦେଉଛି, ଏମଏସଏମଇ ଶିଳ୍ପ ପାଇଁ ଆଖି ବୁଜି ଦେଉଛି। ଏମିତି ସ୍ଥିତିରେ ପ୍ରଶ୍ନ ଉଠିବାରେ ଲାଗିଛି କେମିତି ଚାଲିବ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠାନ ? କେନ୍ଦ୍ର କ'ଣ ଚାହୁଁନି ଓଡ଼ିଶା ବିକାଶ ? ସ୍ଥିତି ଏମିତି ନେହୁରା ହୋଇ ହୋଇ ଥକିଗଲାଣି ଶିଳ୍ପ ସଂଘ। କୋଇଲା ମନ୍ତ୍ରୀଙ୍କୁ ଚିଠି ଲେଖି ଲେଖି ନିରାଶ। ଶେଷରେ ବାଧ ହୋଇ କୋଇଲା ଅଭାବ ଦୂର ପାଇଁ ପ୍ରଧାନମନ୍ତ୍ରୀ ଓ



ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କୁ ହାତ ଯୋଡ଼ି ଗୁହାରୀ କରିଛନ୍ତି ରାଜ୍ୟ ଶିଳ୍ପ ସଂଘ ଓ ଆଲୁମିନିୟମ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ। ରାଜ୍ୟକୁ ପୁଞ୍ଜି ନିବେଶର ସୁଅ ଛୁଟୁଛି। କିନ୍ତୁ କେନ୍ଦ୍ର ସରକାରଙ୍କ ଅବହେଳା ଯୋଗୁଁ ଆଲୁମିନିୟମ, ସ୍ପଞ୍ଜ ଆଇରନ୍ ଓ କୋଇଲା ଉପରେ ନିର୍ଭରଶୀଳ ଏମ୍ଏସ୍ଏମ୍ଇ ଶିଳ୍ପ ଏବେ ହାତ ବାନ୍ଧି ବସିଲେଣି। ରାଜ୍ୟରେ ବାର୍ଷିକ ୯୫ ମିଲିୟନ୍ ଟନ୍ କୋଇଲା ଆବଶ୍ୟକ। କିନ୍ତୁ ମିଳୁଛି ମାତ୍ର ୬୫ ମିଲିୟନ୍ ଟନ୍। କୋଲ୍ ଇଣ୍ଡିଆ ରିପୋର୍ଟ କହୁଛି ଗତ ଏପ୍ରିଲରୁ ଜୁଲାଇ ଭିତରେ କୋଇଲା ଉତ୍ପାଦନ ୨୪ ପ୍ରତିଶତ ବଢ଼ିଛି। ଅଥଚ ଅଣଶକ୍ତି ଉତ୍ପାଦନ ୟୁନିଟକୁ ୨୩ ପ୍ରତିଶତ କମ୍ କୋଇଲା ଯୋଗାଣ ହୋଇଛି। ବାରମ୍ବାର କେନ୍ଦ୍ର କୋଇଲା ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଏବେ ପାଣିର ଗାର ହୋଇଛି। ପ୍ରାଚୁର୍ଯ୍ୟ ଭିତରେ କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି କେନ୍ଦ୍ର ସରକାର। ➤ ପୃ-୬

## ଶିଳ୍ପାୟନରେ ସ୍ୱର୍ଣ୍ଣିମ ଇତିହାସ ଲେଖୁଛି ଓଡ଼ିଶା

**ଭୁବନେଶ୍ୱର:** ଉନ୍ନତ ଭିତ୍ତିଭୂମି, ସିଙ୍ଗଲ ୱିଣ୍ଡୋ ସୁବିଧା। ବିଦେଶୀ ପୁଞ୍ଜି ନିବେଶକଙ୍କ ପାଇଁ ଓଡ଼ିଶା ପାଲଟିଛି ପ୍ରଥମ ପସନ୍ଦ। ଶିଳ୍ପାୟନ ସହ ତାଳ ଦେଇ ନିର୍ମାଣ ହେଉଛି ଲଜିଷ୍ଟିକ ଓ ଇଣ୍ଡଷ୍ଟ୍ରିଆଲ ହାଉସିଂ। ରାଜ୍ୟର ୧୨ଟି ଶିଳ୍ପାଞ୍ଚଳରେ ଇଡକୋ ନିର୍ମାଣ କରୁଛି ମେଗା ଶ୍ରମିକ ହଷ୍ଟେଲ୍। ଆଗକୁ ଆହୁରି ୯ଟି ଶିଳ୍ପାଞ୍ଚଳରେ ନିର୍ମାଣ ହେବ ଶ୍ରମିକ ହଷ୍ଟେଲ୍। ଶିଳ୍ପାୟନ କ୍ଷେତ୍ରରେ ଓଡ଼ିଶା ଉପରେ ସାରା ବିଶ୍ୱର ନଜର ରହିଛି। ଲୁହାପଥର, ବକ୍ସାଇଟ୍ ପାଇଁ ଓଡ଼ିଶା ପ୍ରସିଦ୍ଧ। ସେହିପରି ଖାଦ୍ୟ ପ୍ରକ୍ରିୟାକରଣ, ଆଇଟି, ପେଟ୍ରୋକେମିକାଲ, ପ୍ଲାଷ୍ଟିକ କ୍ଷେତ୍ରରେ ଦେଶ ବିଦେଶରୁ ଆସୁଛି ପୁଞ୍ଜି। ବ୍ୟାପକ ଶିଳ୍ପାୟନକୁ ନଜରରେ ରଖି କଞ୍ଚାମାଲ ଓ ଉତ୍ପାଦିତ ଦ୍ରବ୍ୟର ପରିବହନ ପାଇଁ ଲଜିଷ୍ଟିକ ଉପରେ ଗୁରୁତ୍ୱ ଦିଆଯାଉଛି। ଆଗାମୀ ୫ ବର୍ଷରେ ବନ୍ଦର, ରେଳପଥ, ରାଜପଥ, ସ୍ଲରୀ ପାଇପ ଲାଇନରେ ୩ ଲକ୍ଷ କୋଟି ଟଙ୍କା ପୁଞ୍ଜି ନିବେଶ ହେବ। ଏଥିରେ ରାଜ୍ୟ ଓ କେନ୍ଦ୍ର ସରକାର ସହିତ କର୍ପୋରେଟ ଜଗତ ବି ସହଯୋଗ କରିବେ। ପୁଞ୍ଜିନିବେଶ କ୍ଷେତ୍ରରେ ଓଡ଼ିଶା ଏବେ ବହୁ ଆଗରେ। ଏହାକୁ ବାସ୍ତବ ରୂପ ଦେବାକୁ ଏବଂ ନେକ୍ସଟ୍ ଲେଭଲକୁ ନେବା ପାଇଁ ଲଜିଷ୍ଟିକ ଆପ୍ରୋଚ ଉପରେ ବି ଫୋକସ କରାଯାଉଛି । ହେଲେ ଅନେକ ଦିନ ହେଲାଣି ପଡ଼ି ରହିଥିବା ରେଳ ପ୍ରକଳ୍ପ ଏଥିରେ ବାଧକ ସାଜୁଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ ଭଳି ଜିଲ୍ଲାରେ ବିଜୁ ସଡ଼କ ଓ ଜାତୀୟ ରାଜପଥ ଅଧିକ ଚଉଡ଼ା କରିବାକୁ ଯୋଜନା ହେଉଛି। ପାରାଦୀପ ବନ୍ଦରରେ ୨୫ ନିୟୁତ ଟନର ପଣ୍ୟ କାରବାର ପାଇଁ ଜିନ୍ଦଲ କମ୍ପାନୀ ଦୁଇଟି ବର୍ଥ ସ୍ଥାପନ କରୁଛି। କେନ୍ଦୁଝର ଓ ସୁନ୍ଦରଗଡ଼ ଭଳି ଖଣି ଅଞ୍ଚଳରୁ ବନ୍ଦର ନଗରୀ ପାରାଦୀପକୁ କଞ୍ଚାମାଲ ପାଇଁ ବିଛା ଯାଇଥିବା ସ୍ଲରୀ ପାଇପ ଲାଇନ ଦେଶର ବୃହତ୍ତମ ନେଟୱାର୍କ । ➤ ପୃ-୬

### ବକ୍ରବାଣୀ



କିଣନ୍ତୁ ଅବା ସିଏ ପାଇଥା'ନ୍ତୁ
ଟିଭିରେ ଦେଖି ଖୁସି ହେଇଥା'ନ୍ତୁ
ଦେଇଥାଉ ଯିଏ ବୁଝୁଚି କିଏ
ବଦଳରେ ମାଲ୍ ନଉବା ଯିଏ
ଗଣ୍ଡେ ଖାଇବାକୁ ଯାହାର ନାହିଁ
ନାଚି ଗାଇବାକୁ ଅଇଲେ ଧାଇଁ
ଅଧାରୁ ଅଧିକ ମାଗଣା ଖିଆ
ଖୁଆଇ ପିଆଇ କରିଲେ ଠିଆ
ଭୁବନେଶ୍ୱରକୁ ଜାଆମ୍ କଲେ
କଉଁ ପୁରସ୍କାର ସତେ ପାଇଲେ।

—— ଟୁଟୁ

### 'ପ୍ରଧାନମନ୍ତ୍ରୀ ଟିବିମୁକ୍ତ ଭାରତ ଅଭିଯାନ' ଶୁଭାରମ୍ଭ କଲେ ରାଷ୍ଟ୍ରପତି

## ୨୦୨୫ ସୁଦ୍ଧା ଟିବି ଦୂରୀକରଣ ଲକ୍ଷ୍ୟ

**ନୂଆଦିଲ୍ଲୀ, (ପିଆଇବି):** "ଜନସ୍ୱାର୍ଥ ଦୃଷ୍ଟିରୁ କୌଣସି କଲ୍ୟାଣକାରୀ ଯୋଜନା ଆରମ୍ଭ କରାଗଲେ ତାହାର ସଫଳତା ସମ୍ଭାବନା ବହୁଗୁଣିତ ହୋଇଥାଏ । ସମ୍ମାନୀୟ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଯୁଦ୍ଧକାଳୀନ ଭିତ୍ତିରେ ଜନଭାଗୀଦାରିତା ଉତ୍ସାହ ନେଇ ଟିବି ଦୂର କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିବା ସହ 'ପ୍ରଧାନମନ୍ତ୍ରୀ ଟିବିମୁକ୍ତ ଭାରତ ଅଭିଯାନ'ର ଶୁଭାରମ୍ଭ କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭ୍ୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଭାରତୀ ପ୍ରବୀଣ ପାୱାରଙ୍କ ସମେତ କେନ୍ଦ୍ରମନ୍ତ୍ରୀ, ରାଜ୍ୟପାଳ ଓ ଉପରାଜ୍ୟପାଳ, ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ଗଣ ଓ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଅଭିଯାନର ଶୁଭାରମ୍ଭ କାଳରେ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ଏଥିରେ ରାଜ୍ୟ ଓ ଜିଲ୍ଲା, ସ୍ୱାସ୍ଥ୍ୟ ପ୍ରଶାସକଗଣ, ବାଣିଜ୍ୟିକ ପ୍ରତିନିଧି, ଶିକ୍ଷାନୁଷ୍ଠାନ, ନାଗରିକ ସମାଜ, ଏନଜିଓ ଓ ଟିବି ବିଶେଷଜ୍ଞ ପ୍ରମୁଖ ଯୋଗଦେଇ ବୈଶ୍ୱିକ ଲକ୍ଷ୍ୟ ୨୦୩୦ର ପାଞ୍ଚ ବର୍ଷ ଆଗରୁ ୨୦୨୫ ସୁଦ୍ଧା ଏହି ଯନ୍ତ୍ରଣାଦାୟକ ସଂକ୍ରାମକ ରୋଗକୁ ଦେଶରୁ ହଟାଇବା ପାଇଁ ସେମାନଙ୍କ ଅଙ୍ଗୀକାରବଦ୍ଧତାକୁ ଦୋହରାଇଥିଲେ। ଏହି ଲକ୍ଷ୍ୟ ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୮ରେ ଦିଲ୍ଲୀରେ ଅନୁଷ୍ଠିତ ଟିବି ଶିଖର




ସମ୍ମିଳନୀରେ ଘୋଷଣା କରିଥିଲେ। ରାଷ୍ଟ୍ରପତି ମଧ୍ୟ ଟିବି ଉପଚାରରେ ରହିଥିବା ରୋଗୀମାନଙ୍କ ଅତିରିକ୍ତ ନିଦାନ, ପୌଷ୍ଟିକତା ଓ ପେଶାଗତ ସହାୟତା, ନିର୍ବାଚିତ ପ୍ରତିନିଧିତ୍ୱ, ବାଣିଜ୍ୟିକ ସଂସ୍ଥା, ଏନଜିଓ ଓ ରୋଗୀଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ସାହାଯ୍ୟ କରିବାକୁ ଆଗେଇ ଆସୁଥିବା ଜନସାଧାରଣଙ୍କ ପାଇଁ ନିକ୍ଷୟ ମିତ୍ର ପଦକ୍ଷେପ ମଧ୍ୟ ଆରମ୍ଭ ହୋଇଥିବା କହିଛନ୍ତି। ୨୦୨୫ ସୁଦ୍ଧା ଟିବି ସମାପ୍ତ କରିବା ପାଇଁ ଭାରତର ପ୍ରତିବଦ୍ଧତା ଏବଂ ସମାଜ, ଗୋଷ୍ଠୀ ସହଯୋଗ ଓ ସିଏସଆର ସୁଯୋଗ ଯୋଗାଇ ଦେବ। ଏହି ଆଭାସୀ ଶୁଭାରମ୍ଭ କାର୍ଯ୍ୟକ୍ରମ ➤ ପୃ-୬

## ନୂପୁର ଶର୍ମାଙ୍କୁ ଆଶ୍ୱସ୍ତି

### ଗିରଫ ଆବେଦନ ସୁପ୍ରିମକୋର୍ଟରେ ଖାରଜ

**ନୂଆଦିଲ୍ଲୀ:** ପ୍ରଫେଟ ମହମ୍ମଦଙ୍କ ସମ୍ପର୍କରେ ଅଭଦ୍ର ଟିପ୍ପଣୀ କରିଥିବା ପୂର୍ବତନ ବିଜେପି ନେତ୍ରୀ ନୂପୁର ଶର୍ମାଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଏହି ଅଭଦ୍ର ଟିପ୍ପଣୀ ପାଇଁ ତାଙ୍କୁ ଗିରଫ କରାଯିବା ଦାବିରେ ହୋଇଥିବା ଆବେଦନକୁ ଆଜି ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଏହି ଆବେଦନରେ ଘଟଣାର ନିରପେକ୍ଷ ତଦନ୍ତ ଦାବି ମଧ୍ୟ ଦାବି କରାଯାଇଥିଲା। ହେଲେ ଏଥିରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଜଣେ ମହିଳା ଆଇନଜୀବୀ ଏପରି ଆବେଦନ କରିଥିଲେ ଓ ପ୍ରଫେଟ ମହମ୍ମଦଙ୍କ ସମ୍ପର୍କରେ ନୂପୁର ଦେଇଥିବା ବୟାନର ବିସ୍ତୃତ ତଦନ୍ତ ପାଇଁ ଦାବି କରିଥିଲେ। ଆଜି ଏହି ଆବେଦନ ସିଜେଆଇ ଜଷ୍ଟିସ ୟୁୟୁ ଲଳିତଙ୍କ ଖଣ୍ଡପୀଠ ଆଗରେ ଉପସ୍ଥାପନ କରାଯାଇଥିଲା। ହେଲେ ଖଣ୍ଡପୀଠ



ଆବେଦନରେ ହସ୍ତକ୍ଷେପ କରାଯାଇ ପାରିବ ନାହିଁ ବୋଲି କହିଛନ୍ତି। ଆବେଦକାରୀ ଓକିଲ ଖଣ୍ଡପୀଠଙ୍କୁ କହିଥିଲେ ଯେ ଟି ପୁନାୱାଲା ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଏହି ଘଟଣାରେ ମଧ୍ୟ କାର୍ଯ୍ୟକାରୀ କରାଯାଉ। ମନ ଲିଚିଂକୁ ରୋକିବା ପାଇଁ ପୁନାୱାଲା ମାମଲାରେ ସୁପ୍ରିମକୋର୍ଟ ➤ ପୃ-୬






### ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଏ ?

**ଭଦ୍ରକ :** ଜିଲ୍ଲାର ମୁଖ୍ୟ ସ୍କୁଲ ଭାବେ ପରିଗଣିତ ବଙ୍କ ଯୁଜି ଏମ୍ଇ ସ୍କୁଲର ପ୍ରଧାନ ଶିକ୍ଷକ କିଏ ପଚାରିଲେ ଏଠାରେ କାର୍ଯ୍ୟରତ କୌଣସି କର୍ମଚାରୀ ଏହାର ସଠିକ୍ ଉତ୍ତର ଦେଇପାରୁନାହାନ୍ତି। ଘଟଣାର ସତ୍ୟାସତ୍ୟ ଜାଣିବାକୁ ସୂଚନା ଅଧିକାର କର୍ମୀ ତଥା ସାମ୍ବାଦିକ ବିକାଶ କୁମାର ଧଳ ଭଦ୍ରକ ବ୍ଲକ ଶିକ୍ଷାଧିକାରୀଙ୍କୁ ଏନେଇ ତଥ୍ୟ ମାଗିଥିଲେ। ଉକ୍ତ ସ୍କୁଲରେ ଯିଏ ପ୍ରକୃତ ପ୍ରଧାନ ଶିକ୍ଷୟିତ୍ରୀ କାର୍ଯ୍ୟ କରୁଛନ୍ତି ତାଙ୍କ ନାମ ହେଉଛି ସ୍ୱର୍ଣ୍ଣଲତା ପାଢ଼ୀ। ହେଲେ ଏହି ତଥ୍ୟ ବିଇଓ ଦେଲେ ନାହିଁ। ପରେ ଜଣାପଡିଲା ସ୍କୁଲ ଲେଟର ପ୍ୟାଡ୍‌ରେ ଆଉ ଜଣେ ଡେପୁଟେସନରେ ଆସିଥିବା ଶିକ୍ଷୟିତ୍ରୀ ଆରତୀ ସାହୁ ନିଜକୁ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଉପସ୍ଥାପିତ କରି ବିଭାଗକୁ ଚିଠିପତ୍ର ଆଦାନ ପ୍ରଦାନ କରୁଛନ୍ତି। ତେବେ ପ୍ରଶ୍ନ ଉଠୁଛି ବିଦ୍ୟାଳୟର ଅସଲ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାଁରେ ଆଉ ଜଣେ କିଭଳି କାର୍ଯ୍ୟ କରିପାରିବ ! ଯାହାକୁ ନେଇ ସବୁ ମହଲରେ ସନ୍ଦେହର ସୂତ୍ରପାତ ଆରମ୍ଭ ହୋଇଛି। କଥା ହେଉଛି, ସରକାରଙ୍କ ନିୟମ ବାହାରକୁ ଯାଇ କୌଣସି ଶିକ୍ଷୟିତ୍ରୀ ନିଜକୁ ପ୍ରଧାନ ଶିକ୍ଷୟିତ୍ରୀ କହିପାରିବେ କି ? ଘଟଣାର ବିଧିବଦ୍ଧ ତଦନ୍ତ କରାଗଲେ ସତ ପଦାକୁ ଆସିପାରିବ।

## ବାରିପଦାରେ ହେବ ଅତ୍ୟାଧୁନିକ ମଡେଲ ବସଷ୍ଟାଣ୍ଡ



**ବାରିପଦା, (ବିଜୁ ସିଂ):** ମୟୂରଭଞ୍ଜ ଜିଲାର ସଦର ମହକୁମା ବାରିପଦା ପୌରପରିଷଦରେ ରହିଥିବା ଯାତ୍ରୀବାହୀ ବସଷ୍ଟାଣ୍ଡକୁ ଅତ୍ୟାଧୁନିକ ମଡେଲ ବସଷ୍ଟାଣ୍ଡରେ ପରିଣତ କରାଯିବା ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠିନମ୍ବର ୧୪୩୬୬ ଅନୁଯାୟୀ ସରକାରୀ ଅନୁମତି ମିଳିବା ସହ ଏହାର ଆଧୁନିକିକରଣ ପାଇଁ ବ୍ୟୟ ଅଟକଳ ମଧ୍ୟ ପ୍ରକାଶ ପାଇଛି । ଏହାର ନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥିର କରାଯାଇଛି। ଏଥିନିମନ୍ତେ ମୋଟ ୩କୋଟି ୬୫ଲକ୍ଷ ୫୪ ହଜାର ଟଙ୍କାର ଅଟକଳ ପ୍ରସ୍ତୁତ ମଧ୍ୟ ହୋଇଛି। ସେଥି ମଧ୍ୟରୁ ଷ୍ଟାଣ୍ଡ ଭିତରେ କୋଠାଘର ନିର୍ମାଣ ପାଇଁ ୧କୋଟି ୨୮ଲକ୍ଷ ୨୮ ହଜାର ଟଙ୍କା, ଷ୍ଟାଣ୍ଡର ଆନ୍ତରିଣ ରାସ୍ତା ନିର୍ମାଣ ପାଇଁ ୫୮ଲକ୍ଷ ୭୭ ହଜାର ଟଙ୍କା, ଡ୍ରେନଜ୍ ପାଇଁ ୧୫ଲକ୍ଷ ୫୯ ହଜାର ଟଙ୍କା, ପାର୍କିଂ ଓ ପକ୍କା ଚଟାଣ ପାଇଁ ୨୦ଲକ୍ଷ ୭୩ ହଜାର ଟଙ୍କା, ପାଚେରୀ ପାଇଁ ୫ଲକ୍ଷ ୭୧ ହଜାର ଟଙ୍କା, ପ୍ରବେଶ ଫାଟକ ଓ ନିରାପତା କିଓସ୍କ ପାଇଁ ୧୩ଲକ୍ଷ ୩୬ ହଜାର ଟଙ୍କା ଏବଂ ବସିବା ପାଇଁ ଖୋଲା ଜାଗା ଓ ଚଲାପଥ ସକାଶେ ୫ଲକ୍ଷ ୬୧

### ଉନ୍ନତିକରଣ ପାଇଁ ଖର୍ଚ୍ଚ ହେବ ୩ କୋଟି ୫୬ ଲକ୍ଷ ୫୪ ହଜାର ଟଙ୍କା

ହଜାର ଟଙ୍କା, ସମସ୍ତ ପ୍ରକାର ପରିମଳ ବ୍ୟବସ୍ଥା ଆଦି ନିମନ୍ତେ ୨୪ଲକ୍ଷ ୮୦ ହଜାର ଟଙ୍କା ବ୍ୟୟବରାଦ କରା ଯାଇଥିବାର ଜଣାଯାଇଛି। ତେବେ ଦୀର୍ଘ ବର୍ଷ ଧରି ବାରିପଦା ମୁଖ୍ୟ ବସଷ୍ଟାଣ୍ଡ ରଘୁନାଥପୁର ଅଂଚଳକୁ ସ୍ଥାନାନ୍ତରିତ ହେବା ନେଇ ଜାଗା ଚିହ୍ନଟ ସହ ଯେଉଁ କାର୍ଯ୍ୟକ୍ରମ ଚାଲିଥିଲା ତାହା ବର୍ତ୍ତମାନ ପାଇଁ ହୁଏତ ସ୍ଥଗିତ ରହିବ ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ତେବେ ଏହି ବାରିପଦା ପୌରପରିଷଦ ବସଷ୍ଟାଣ୍ଡକୁ ଅତ୍ୟାଧୁନିକ ମଡେଲ ଷ୍ଟାଣ୍ଡରେ ପରିଣତ କରାଯିବା ସକାଶେ ରାଜ୍ୟ ସରକାରଙ୍କ ଏହି ନିଷ୍ପତି ପରେ ବାରିପଦା ନଗରପାଳ ଶ୍ରୀ କୃଷ୍ଣାନନ୍ଦ ମହାନ୍ତିଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** – ନୂତନ ବ୍ୟବସାୟରୁ ଦୂରେଇ ରହନ୍ତୁ। କାର୍ଯ୍ୟ କ୍ଷେତ୍ରରେ ସାବଧାନ ରହନ୍ତୁ। ଘର ଓ ଜମି ସମ୍ବନ୍ଧୀୟ ବିବାଦ ଦେଖାଦେଇପାରେ। ବ୍ୟୟ ବୃଦ୍ଧି ହେବ। ଆପଣଙ୍କ ବ୍ୟବହାରରେ ଜୀବନସାଥୀ କ୍ରୋଧିତ ହେବେ। ପ୍ରତିକାର : ହନୁମାନଙ୍କୁ ଚଣା ଓ ଗୁଡ ଭୋଗ ଲଗାନ୍ତୁ।

**ବୃଷ** – ବ୍ୟୟରେ ଅଯଥା ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ବରିଷ୍ଠ ଓ କନିଷ୍ଠଙ୍କ ସହଯୋଗ ମିଳିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। କୌଣସି ମହିଳାଙ୍କୁ ପ୍ରଣୟ ନିବେଦନ କରି ଅପମାନିତ ହେବେ। ପ୍ରତିକାର : ମା' ଦୁର୍ଗାଙ୍କ ଚାଳିଶା ପାଠ କରନ୍ତୁ।

**ମିଥୁନ** – ବ୍ୟବସାୟୀଙ୍କୁ ଅହେତୁକ ଲାଭର ସମ୍ଭାବନା ଅଛି। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକର ଶିକାର ହୋଇପାରନ୍ତି। ପ୍ରେମ ସମ୍ବନ୍ଧ ପାଇଁ ସମୟ ଅନୁକୂଳ। ପ୍ରତିକାର : ଗଣେଶଙ୍କୁ ପୂଜା କରିବା ପରେ ମୁଗ ଡାଲି ଦକ୍ଷିଣା ସହ କୌଣସି ଦରିଦ୍ରକୁ ଦାନ କରନ୍ତୁ।

**କର୍କଟ** – ବ୍ୟବସାୟ ପାଇଁ ସମୟ ଭଲ। ଗୁରୁଜନଙ୍କ ମାର୍ଗଦର୍ଶନ ପାଇବେ। ବାଣୀରେ ଲଗାମ ଦିଅନ୍ତୁ। ଶତ୍ରୁମାନେ ପରାଜିତ ହେବେ। ନୂଆ ଚାକିରି ମିଳିପାରେ। ପ୍ରତିକାର : ଶିବ ଲିଙ୍ଗରେ ଗାଈ କ୍ଷୀର ଅର୍ପଣ କରନ୍ତୁ।

**ସିଂହ** – ପରିବାରରେ ମତାନ୍ତର ହୋଇପାରେ ନୂଆ ବ୍ୟବସାୟ ପାଇଁ ସମୟ ଅନୁକୂଳ। ଆୟ ଓ ବ୍ୟୟରେ ବୃଦ୍ଧି ହେବ ମା'ଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ପ୍ରତିକାର : ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କରନ୍ତୁ

**କନ୍ୟା** – ଆର୍ଥିକ ସ୍ଥିତିରେ ସୁଧାର ହେବ। ଧନପ୍ରାପ୍ତି ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇଁ ପରିଶ୍ରମ କରିବାକୁ ପଡିବ। ପରିବାରରେ ସମୟ ବିତାଇବେ। ପ୍ରତିକାର : ଗାଈଙ୍କୁ ଚାରା ଖୁଆନ୍ତୁ।

**ତୁଳା** – ଆୟ ତୁଳନାରେ ବ୍ୟୟରେ ବୃଦ୍ଧି ହୋଇପାରେ ବାଣୀରେ କଠୋରତା ଆଣଙ୍କୁ କଷ୍ଟ ଦେଇପାରେ। ଅନ୍ୟର ଭୁଲ ପାଇଁ ଦଣ୍ଡିତ ହୋଇପାରନ୍ତି। ପ୍ରତିକାର : ଭଗବାନ ବିଷ୍ଣୁଙ୍କୁ ଆରାଧନା କରନ୍ତୁ

**ବିଛା** – ମନକୁ ଶାନ୍ତି ଓ ସ୍ଥିର ରଖନ୍ତୁ ସଫଳତା ପାଇବେ। ଆର୍ଥିକ ସ୍ଥିତି ଦୃଢ଼ ହେବ। ଅନାବଶ୍ୟକ ତର୍କରୁ ଦୂରେଇ ରହନ୍ତୁ। ଗୁପ୍ତ ଶତ୍ରୁଙ୍କ ଠାରୁ ଦୂରେଇ ରହନ୍ତୁ। ଶତ୍ରୁମାନେ ପ୍ରଭାବହୀନ ହେବେ। ପ୍ରତିକାର : ସୁନ୍ଦରକାଣ୍ଡ ପାଠ କରନ୍ତୁ।

**ଧନୁ** – ଆୟ ଓ ବ୍ୟୟର ସମାନ ବୃଦ୍ଧି ହେବ। ଜୀବନରେ ଥିବା ଏକ ବିଶେଷ ସମସ୍ୟାର ସମାଧାନ ହୋଇପାରେ। ଅଯଥା କଥା କହନ୍ତୁ ନାହିଁ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ ପ୍ରତିକାର : ଗୁରୁବାର ଦିନ କଦଳୀ ଗଛମୂଳରେ ଜଳ ଅର୍ପଣ କରନ୍ତୁ।

**ମକର** – କାର୍ଯ୍ୟ କ୍ଷେତ୍ରରେ ଅଯଥା କଥାରେ ମୁଣ୍ଡ ପୂରାନ୍ତୁ ନାହିଁ। ଭାଗୀଦାରି ବ୍ୟବସାୟୀମାନେ କଷ୍ଟ ପାଇବେ। କ୍ରୋଧର ନିୟନ୍ତ୍ରଣ କରନ୍ତୁ। ଦାମ୍ପତ୍ୟ ଜୀବନରେ ବିଶ୍ୱସରେ ବୃଦ୍ଧି ହେବ। ପ୍ରତିକାର : ବରଗଛ ମୂଳରେ ଦୀପଦାନ କରନ୍ତୁ।

**କୁମ୍ଭ** – ବ୍ୟବସାୟରେ ସତର୍କ ରହନ୍ତୁ। ଯାନବାହନ ଚଳାଇବା ବେଳେ ସତର୍କ ରହନ୍ତୁ ପରିବାରର ବରିଷ୍ଠ ସଦସ୍ୟଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ଧାର୍ମିକ କାର୍ଯ୍ୟରେ ରୁଚି ବଢ଼ିବ। ପ୍ରତିକାର : ଶ୍ରୀ ହନୁମାନଙ୍କୁ ଦୀପ ଦିଅନ୍ତୁ ଓ ଚାଳିଶା ପାଠ କରନ୍ତୁ

**ମୀନ** – ଜୀବନରେ ଉତ୍‌ଥାନ ଓ ପତନ ଲାଗି ରହିବ। ଗୁରୁଜନଙ୍କ ସହଯୋଗ ମିଳିବ ଘର ଓ ବାହାନ କିଣିପାରନ୍ତି କାର୍ଯ୍ୟ କ୍ଷେତ୍ରରେ ସଫଳତା ପାଇବେ କ୍ରୋଧରେ ନିୟନ୍ତ୍ରଣ ରଖନ୍ତୁ ପ୍ରତିକାର : ଧର୍ମ ସ୍ଥାନରେ ହଳଦିଆ ପ୍ରସାଦ ଦାନ କରନ୍ତୁ

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# କର୍ତ୍ତବ୍ୟ ପଥ ଉଦ୍‌ଘାଟନ, ନେତାଜୀଙ୍କ ଷ୍ଟାଚ୍ୟୁ ଉନ୍ମୋଚନ

**ନୂଆଦିଲ୍ଲୀ :** ସେଣ୍ଟ୍ରାଲ ଭିସ୍ତା ଅଧୀନରେ ନୂଆ କରି ରାଷ୍ଟ୍ରପତି ଭବନ ଠାରୁ ଇଣ୍ଡିଆ ଗେଟ୍ ଯାଏ ଲମ୍ବିଥିବା କର୍ତ୍ତବ୍ୟ ପଥକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିଛନ୍ତି। ପୂର୍ବରୁ ରାଜପଥ ନାଁରେ ଏହି ମାର୍ଗ ଜଣାଶୁଣା ଥିବା ବେଳେ ଆଜି ଠାରୁ ଏହାର ନାଁ କର୍ତ୍ତବ୍ୟ ପଥ ହୋଇ ଯାଇଛି। ଏବେ ଇଂରେଜମାନଙ୍କ ରାଜପଥ ଇତିହାସରେ ପରିଣତ ହୋଇଥିବା ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ଶହେ ବର୍ଷର ଇତିହାସରେ ତୃତୀୟ ଥର ପାଇଁ ରାଜପଥର ନାଁ ପରିବର୍ତ୍ତନ କରାଯାଇଛି। ପ୍ରଥମେ ଏହି ରାସ୍ତାକୁ କିଙ୍ଗ୍ସ ୱେ ବୋଲି କୁହାଯାଉଥିଲା। ଦେଶ ସ୍ୱାଧୀନ ହେବା ପରେ ୧୯୫୫ରେ ଏହାର ନାଁ ବଦଳାଯାଇ ରାଜପଥ ରଖାଯାଇଥିଲା। ଆଉ ଏବେ ଏହାର ନାଁ କର୍ତ୍ତବ୍ୟପଥକୁ ପରିବର୍ତ୍ତନ କରାଯାଇଛି। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦି ସ୍ୱାଧୀନତା ଦିବସ ଦିନ ମଧ୍ୟ ସୂଚନା ଦେଇଥିଲେ। ସେହିପରି ଇଣ୍ଡିଆ ଗେଟ୍ କର୍ତ୍ତବ୍ୟ ପଥରେ ତିଆରି କରାଯାଇଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୨୮ ଫୁଟ ଉଚ୍ଚ ପ୍ରତିମୂର୍ତ୍ତିକୁ ମଧ୍ୟ ମୋଦି ଅନାବରଣ କରିଛନ୍ତି। ଇଣ୍ଡିଆ ଗେଟ୍ ପାଖରେ ଗତ ଜାନୁଆରୀ ୨୩ ତାରିଖ ପରାକ୍ରମ ଦିବସ ଅବସରରେ ଯେଉଁଠି ପ୍ରଧାନମନ୍ତ୍ରୀ ମୋଦି ନେତାଜୀ ସୁଭାଷଙ୍କ ହୋଲୋଗ୍ରାମର ଅନାବରଣ କରିଥିଲେ ସେଠାରେ ହିଁ ନୂଆ ପ୍ରତିମୂର୍ତ୍ତିକୁ ତିଆରି କରାଯାଇଛି। ଗ୍ରାନାଇଟ୍ ପଥରରେ ନିର୍ମିତ ଏହି ଆକର୍ଷଣୀୟ ପ୍ରତିମୂର୍ତ୍ତି ଉଚ୍ଚତା ୨୮ ଫୁଟ୍, ଲମ୍ବ ୧୦ ଫୁଟ୍ ଓ ଚଉଡ଼ା ୮ ଫୁଟ୍। ମୂର୍ତ୍ତି ନିର୍ମାଣ ପାଇଁ ତେଲେଙ୍ଗାନାରୁ ୨୮୦ ମେଟ୍ରିକ୍ ଟନର ଗୋଟିକିଆ ପଥର ଆସିଛି। ଏହି ପଥର ଆଣିବା ପାଇଁ ୧୦୦ ଫୁଟ୍ ଲମ୍ବ ବିଶିଷ୍ଟ ଗୋଟିଏ ୧୪୦ ଚକିଆ ସ୍ୱତନ୍ତ୍ର ଟ୍ରକ୍ ତିଆରି ହୋଇଥିଲା। ଟ୍ରକଟି ୧୬୬୫ କିଲୋମିଟର ରାସ୍ତା ଅତିକ୍ରମ କରି ପଥର ସହ ଦିଲ୍ଲୀରେ ପହଞ୍ଚିବା ପରେ ନିର୍ମାଣ କାମ ଆରମ୍ଭ ହୋଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜଣେ ଓଡ଼ିଆଙ୍କ ହାତରେ ହିଁ ତିଆରି ହୋଇଛି ଏହି ବିଶାଳ ପ୍ରତିମୂର୍ତ୍ତିର ଡିଜାଇନ୍। ପ୍ରଖ୍ୟାତ ଭାସ୍କର୍ଯ୍ୟ



ଶିଳ୍ପୀ ତଥା ନ୍ୟାସନାଲ୍ ଗ୍ୟାଲେରୀ ଅଫ୍ ମଡର୍ଣ୍ଣ ଆର୍ଟର ମହାନିର୍ଦ୍ଦେଶକ ଅଦ୍ୱୈତ ଗଡ଼ନାୟକ ଏହାର ଡିଜାଇନ୍ କରିଥିଲେ। ପଥର ଶିଳ୍ପୀ ଅରୁଣ ଯୋଗୀରାଜଙ୍କ ନେତୃତ୍ୱରେ ୨୬ ହଜାର ଘଣ୍ଟାର ସମୟ ଆଉ ୨୮୦ ମେଟ୍ରିକ୍ ଟନର ପଥର ଖୋଦେଇ ପରେ ନେତାଜୀଙ୍କର ଏହି ମୂର୍ତ୍ତିଟି ତିଆରି ହୋଇଛି। ଅନ୍ୟପକ୍ଷରେ କର୍ତ୍ତବ୍ୟପଥ ବିଜୟଚୌକରୁ ଇଣ୍ଡିଆ ଗେଟ୍ ଯାଏ ଲମ୍ବିଛି। ଏହି ରାସ୍ତା ଓ ଏହାର ଉଭୟ ପାର୍ଶ୍ୱର ସୌନ୍ଦର୍ଯ୍ୟକରଣ କରାଯାଇଛି। ଏହି ପୂରା ଅଞ୍ଚଳକୁ ସେଣ୍ଟ୍ରାଲ ଭିସ୍ତା ଆଭିନ୍ୟୁ କୁହଯାଉଛି। ୩.୨ କିମିର କର୍ତ୍ତବ୍ୟପଥ ଆଖପାଖରେ ରହିଛି ଲାଲ୍ ଗ୍ରାନାଇଟ୍ ପଥରରେ ନିର୍ମିତ ସାଢ଼େ ୧୫ କିଲୋମିଟର ବ୍ୟାପୀ ୱାକ୍‌ୱେ, ୧୯ ଏକର ପରିମିତ ଅଞ୍ଚଳରେ ଆକର୍ଷଣୀୟ କେନାଲ୍। ଏହା ଉପରେ ୧୬ଟି ବ୍ରିଜ୍ ତିଆରି ହୋଇଛି। ଲୋକଙ୍କ ଆମୋଦ ପ୍ରମୋଦ, ଖାଦ୍ୟପେୟ ସୁବିଧା ପାଇଁ ଫୁଡ୍ ଷ୍ଟଲ, ଭେଣ୍ଡିଂଜୋନ୍, ଶୌଚାଳୟ, ପାର୍କିଂ ବ୍ୟବସ୍ଥା, ପଥଚାରୀଙ୍କ ପାଇଁ ଅଣ୍ଡରପାସିଂ ବ୍ୟବସ୍ଥା ରହିଛି। ସେଣ୍ଟ୍ରାଲ ଭିସ୍ତା ପ୍ରକଳ୍ପର ଅଧୀନରେ ନିର୍ମାଣ କାମ ଗତ ବର୍ଷ ଫେବୃଆରୀ ୧ରୁ ଆରମ୍ଭ ହୋଇଥିଲା। ଏହାର ସୌନ୍ଦର୍ଯ୍ୟକରଣ କାମ ପ୍ରାୟ ୨୦ ମାସ ଧରି ଚାଲିଥିଲା। ଏବେ ଏହାକୁ ଏହି ଅଞ୍ଚଳ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ସେଣ୍ଟ୍ରାଲ୍ ଭିସ୍ତା ଅଞ୍ଚଳରେ ଏବେ ପ୍ରାୟ ୨ ମାସ ପାଇଁ ପାର୍କିଂ ଫି ଛାଡ଼ ରହିବ। ଏଠାରେ ହଜାରେରୁ ଅଧିକ କାର୍ ଓ ପ୍ରାୟ ୪୦ଟି ବସ୍ ପାର୍କିଂ ପାଇଁ ବ୍ୟବସ୍ଥା ରହିଛି।

## ଚାଉଳ ଦର ନିୟନ୍ତ୍ରଣ ପାଇଁ କେନ୍ଦ୍ରର ବଡ଼ ନିଷ୍ପତ୍ତି : ରପ୍ତାନୀ ଉପରେ ୨୦% ରପ୍ତାନୀ ଶୁଳ୍କ ଲାଗୁ

**ନୂଆଦିଲ୍ଲୀ :** ଭାରତରେ ଚାଉଳ ମୂଲ୍ୟରେ ନିୟନ୍ତ୍ରଣ ଆଣିବା ପାଇଁ କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ରିପୋର୍ଟ ଅନୁସାରେ, କେନ୍ଦ୍ର ସରକାର ଚାଉଳର ବିଭିନ୍ନ ଗ୍ରେଡର ରପ୍ତାନୀ ଉପରେ ୨୦ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପଶ୍ଚିମବଙ୍ଗ, ବିହାର ଏବଂ ଉତ୍ତର ପ୍ରଦେଶ ପରି ପ୍ରମୁଖ ଚାଉଳ ଉତ୍ପାଦାନକାରୀ ରାଜ୍ୟରେ ହାରାହାରି ଠାରୁ କାମ ବର୍ଷା ହୋଇଛି। ଫଳରେ ଧାନ ଉତ୍ପାଦନ କମିବାର ଆଶଂକା ରହିଛି। ସରକାରଙ୍କ ଏହି ନିଷ୍ପତ୍ତି ପରେ ଏବେ ଦେଶରୁ ବିଦେଶକୁ ଚାଉଳ ରପ୍ତାନୀ ମହଙ୍ଗା ହେବ। ତେବେ ଏହା ପୂର୍ବରୁ ଚାଉଳର ରପ୍ତାନୀ ଉପରେ କୌଣସି ପ୍ରତିବନ୍ଧକ ଲାଗୁ କରିବା ନେଇ କୌଣସି ଯୋଜନା ନଥିବା କେନ୍ଦ୍ର ସରକାର କହିଥିଲେ। ଘରୋଇ ଆବଶ୍ୟକତାକୁ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ବଫର ଷ୍ଟକ ଥିବା କେନ୍ଦ୍ର ସରକାର କହିଥିଲେ।

## ବିଜେପିର ମିଶନ ୨୦୨୪

# ଫୋକସରେ ୧୪୪ ଲୋକସଭା ଆସନ

**ନୂଆଦିଲ୍ଲୀ :** ବିରୋଧୀଙ୍କ ଘନଘନ ବୈଠକ ଓ କାର୍ଯ୍ୟକ୍ରମକୁ ଦେଖି କ୍ଷମତାସୀନ ବିଜେପି ମଧ୍ୟ ଏବେଠାରୁ ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ୨୦୨୪ର ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ଦିଲ୍ଲୀରେ ବିଜେପି ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛି। ୨୦୧୯ ସାଧାରଣ ନିର୍ବାଚନରେ ଦଳ ଯେଉଁ ୧୪୪ଟି ଆସନରେ ବହୁତ କମ ଭୋଟ ବ୍ୟବଧାନରେ ହାରିଥିଲା, ୨୦୨୪ରେ ସେଗୁଡ଼ିକୁ ଦଖଲ କରିବା ପାଇଁ ଲକ୍ଷ୍ୟ ରଖିଛି। ଯଦି ତୃଣମୂଳସ୍ତରରେ ଠିକ୍ ଭାବେ ସବୁ କିଛି କାମ କରାଯାଇ ପାରିବ, ତା'ହେଲେ ସେହି ୧୪୪ଟି ଆସନରୁ ଦଳ ନିଶ୍ଚିତ ଅଧିକାଂଶ ସ୍ଥାନରେ ବାଜିମାତ କରିବ ବୋଲି ହାଇକମାଣ୍ଡ ଆଶା ରଖିଛନ୍ତି। ଏହି ସିଟ୍ ଗୁଡ଼ିକ ଜିତି ପାରିଲେ ବିଜେପିର ମୋଟ ଆସନ ସଂଖ୍ୟା ମଧ୍ୟ ବଢ଼ିବ ବୋଲି ଶୀର୍ଷ ନେତାମାନେ ଆଜିର ବୈଠକରେ ମତ ରଖିଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ବିଜେପି ୫୪୩ ଲୋକସଭା ଆସନରୁ ୩୦୩ଟିରେ ଜିତିଥିଲା। ଦୀର୍ଘ ଦଶନ୍ଧି ମଧ୍ୟରେ ପ୍ରଥମଥର ପାଇଁ ବିଜେପିକୁ ସରକାର ଗଠନ



ପାଇଁ ପୂର୍ଣ୍ଣବହୁମତ ମିଳିଥିଲା। ଆଜି ୨୦୨୪ ପାଇଁ ବିଜେପି କରିଥିବା ବୈଠକର ଅଧ୍ୟକ୍ଷତା ଦଳର ଅଧ୍ୟକ୍ଷ ଜେପି ନଡ୍ଡା ଓ ଚାଣକ୍ୟ ଅମିତ ଶାହ କରିଥିଲେ। ବୈଠକରେ ଯୋଗଦେଇଥିବା କେନ୍ଦ୍ରମନ୍ତ୍ରୀ ଏବଂ ବରିଷ୍ଠ ନେତାମାନଙ୍କୁ ସ୍ୱତନ୍ତ୍ର ଟାସ୍କ ଦିଆଯାଇଛି। କେନ୍ଦ୍ରମନ୍ତ୍ରୀମାନଙ୍କୁ ଜଣକା ୩ରୁ ୪ଟି ଆସନ ଉପରେ ଫୋକସ କରିବାକୁ କୁହାଯାଇଛି। ବିଗତ କିଛି ମାସ ହେଲା କେନ୍ଦ୍ରମନ୍ତ୍ରୀ ଏକାଧିକ ନିର୍ବାଚନ ମଣ୍ଡଳୀ ଗସ୍ତରେ ଯାଉଛନ୍ତି। ସେଠାକାର ସ୍ଥିତି ପରଖି ବା ସହ ଫିଡବ୍ୟାକ ମଧ୍ୟ ଦେଉଛନ୍ତି। ମନ୍ତ୍ରୀମାନଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସେମାନଙ୍କୁ ନିଜ ମତାମତ ସରଳ ନାମକ ଗୋଟିଏ ପୋର୍ଟାଲରେ ଦାଖଲ କରିବାକୁ କୁହାଯାଇଛି। ସେମାନେ ଏଥିରେ ପୂରା ସ୍ଥିତି ସମ୍ପର୍କରେ ବିସ୍ତୃତ ତଥ୍ୟ ଦେବେ। ସେହିପରି କେନ୍ଦ୍ର ସରକାରଙ୍କ ସାମାଜିକ କଲ୍ୟାଣ ଯୋଜନାର ହିତାଧିକାରୀଙ୍କ ସମ୍ପର୍କରେ ତଥ୍ୟ ବି ଉପସ୍ଥାପନ କରିବେ। ଗୋଟିଏ ନିର୍ବାଚନ ମଣ୍ଡଳୀରେ ସରକାରୀ ଯୋଜନାର ସ୍ଥିତି କ'ଣ? ନିର୍ବାଚନ ମଣ୍ଡଳୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କେତୋଟି ଲେଖାଏ ସମାଜିକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରାଯାଉଛି? ଲୋକମାନେ ଠିକ୍ ଭାବେ ଏହାର ଲାଭ ଉଠାଇ ପାରୁଛନ୍ତି କି ନାହିଁ? ଲୋକମାନେ ଯୋଜନା ସମ୍ପର୍କରେ ଅବଗତ ଅଛନ୍ତି କି ନାହିଁ, ତା'ର ତଥ୍ୟ ମଧ୍ୟ ମନ୍ତ୍ରୀମାନେ ତୃଣମୂଳସ୍ତରକୁ ଯାଇ ସଂଗ୍ରହ କରିବେ। ଏହାବାଦ ମନ୍ତ୍ରୀମାନଙ୍କୁ ତୃଣମୂଳସ୍ତରରେ ଦଳର ସଂଗଠନକୁ ମଜବୁତ କରିବା ଦାୟିତ୍ୱ ଦିଆଯାଇଛି। ଏହି ସବୁ କାମ ଓ ଅନ୍ୟ ସବୁ ମତାମତ ଦଳର ବୁଥ ସ୍ତରୀୟ ଆକ୍ସନ ପ୍ଲାନକୁ ସୁଦୃଢ଼ କରିପାରିବ ବୋଲି ବିଜେପିର ବରିଷ୍ଠ ନେତାମାନେ ଆଶା ରଖିଛନ୍ତି। ଆଜିର ବୈଠକରେ ପୂର୍ବରୁ ମିଳିଥିବା ସବୁ ତଥ୍ୟର ସମୀକ୍ଷା ମଧ୍ୟ କରାଯାଇଛି। ଏଥିସହ ଆଗାମୀ ରଣନୀତି ସମ୍ପର୍କରେ ଆଲୋଚନା କରାଯାଇଥିବା ଜଣାପଡ଼ିଛି।

# ୧୪,୫୦୦ ସ୍କୁଲର ହେବ ନବୀକରଣ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ସମଗ୍ର ଦେଶରେ ୧୪,୫୦୦ ସ୍କୁଲର ନବୀକରଣ କରାଯିବା ନିଷ୍ପତ୍ତିକୁ ମଞ୍ଜୁରୀ ଦିଆଯାଇଛି। ଏହି ସବୁ ସ୍କୁଲଗୁଡିକୁ ପିଏମ-ଶ୍ରୀ ସ୍କୁଲ ଯୋଜନାରେ ନବୀକରଣ କରାଯିବ। ଯୋଜନାରେ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ନବୋଦୟ ବିଦ୍ୟାଳୟକୁ ସାମିଲ୍ କରାଯାଇଛି। ଅନ୍ୟ ଏକ ନିଷ୍ପତ୍ତିକ୍ରମେ କ୍ୟାବିନେଟ୍ ରେଳୱେ ଜମିକୁ ଦୀର୍ଘକାଳୀନ ପାଇଁ ଲିଜ୍ରେ ନେବାକୁ ନିଷ୍ପତ୍ତି ନେଇଛି। ପିଏମ ଗତି ଶକ୍ତି ଫ୍ରେମୱାର୍କ ଆଧାରରେ ଏହି ଜମିକୁ ବ୍ୟବହାର କରାଯିବ। ଏହି ଜମି ଉପରେ ଆଗାମୀ ପାଞ୍ଚ ବର୍ଷରେ ୩୦୦ କାର୍ଗୋ ଟର୍ମିନାଲ ପ୍ରତିଷ୍ଠା କରାଯିବ। କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର କ୍ୟାବିନେଟ୍ ନିଷ୍ପତ୍ତି ବିଷୟରେ ସୂଚନା ଦେଇ କହିଛନ୍ତି, ଆଗାମୀ ୯୦ ଦିନରେ ପିଏମ ଗତି ଶକ୍ତି ଯୋଜନାକୁ କାର୍ଯ୍ୟକାରୀ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ପିଏମ ଶ୍ରୀ ଯୋଜନାର ଘୋଷଣା କରିଥିଲେ। ସେ ଟୁଇଟ୍ କରି ଜଣାଇଥିଲେ, ଆଜି ଶିକ୍ଷକ ଦିବସ ଉପଲକ୍ଷେ ଏକ ନୂତନ ପ୍ରୟାସର ଘୋଷଣା କରୁଛି। ପିଏମଶ୍ରୀ ଯୋଜନା ଆଧାରରେ ସମଗ୍ର ଦେଶରେ ୧୪,୫୦୦ ସ୍କୁଲର ନବୀକରଣ କରାଯିବ। ଏହାକୁ ମୋଡେଲ୍ ସ୍କୁଲ ପରି ତଥା ନୂତନ ଶିକ୍ଷା ନୀତିର ଭାବନା ଅନୁରୂପ ବିକଶିତ କରାଯିବ। ସ୍କୁଲ ଗୁଡିକୁ ଆଧୁନିକ ଶିକ୍ଷାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯିବ। ଏଥିରେ ନୂତନ ସ୍ମାର୍ଟ ଶ୍ରେଣୀ ଗୃହ ଏବଂ ଅନ୍ୟ ଦିଗକୁ ନଜରରେ ରଖି ପ୍ରସ୍ତୁତ କରାଯିବ। ଏହା ପୂର୍ବରୁ ଜୁନରେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଯୋଜନା ବିଷୟରେ ସୂଚନା ଦେଇଥିଲେ। ଶିକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଯେଉଁ ୧୪,୫୦୦ ସ୍କୁଲକୁ ଯୋଜନା ମୁତାବକ ଚୟନ କରାଯିବ, ସେଥିରେ ଅଧିକାଂଶ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ। ଆଉ କିଛି ସ୍କୁଲ ରାଜ୍ୟ ସରକାରଙ୍କ ଦ୍ୱାରା ସଞ୍ଚାଳିତ।

# 'କାଓ ଥେରାପି' କରି ସୁସ୍ଥ ହେଉଛନ୍ତି ମାନସିକ ରୋଗୀ

**ନୂଆଦିଲ୍ଲୀ :** ଅଷ୍ଟ୍ରେଲିଆରେ ଭାରତୀୟ ଗାଈଙ୍କ ଜରିଆରେ ମାନସିକ ଭାବେ ଅସୁସ୍ଥ ଥିବା ଲୋକମାନଙ୍କର ଚିକିତ୍ସା କରାଯାଉଛି। ତାକୁ 'କାଓ ଥେରାପି' ବୋଲି କୁହାଯାଉଛି। ସେଠାକାର ନର୍ଥ କ୍ୱିନ୍ସଲାଣ୍ଡରେ ଏଥିଲାଗି ଆନୁଷ୍ଠାନିକ ଭାବେ 'କାଓ କାଉନ୍ସିଲିଂ' ଫାର୍ମ ବି ଖୋଲାଯାଇଛି। ସେଠାକୁ ଲୋକମାନେ ଆସି ମାନସିକ ଶାନ୍ତି ଲାଗି ଗାଈ ସହ ସମୟ ବିତାଉଛନ୍ତି। ସେମାନଙ୍କର ସେବା କରୁଛନ୍ତି। ସେମାନଙ୍କୁ କୁଣ୍ଢାଇ ନିଜର ସୁଖଦୁଃଖ ସେୟାର କରୁଛନ୍ତି। 'କାଓ ଥେରାପି' ଲାଗି ସେମାନଙ୍କଠାରୁ ଦେୟ ଆକାରରେ କିଛି ଅର୍ଥ ଆଦାୟ କରାଯାଉଛି। ଏହି ଥେରାପି ପାଇଁ ଭାରତୀୟ ଗାଈମାନଙ୍କୁ ବାଛିବାର କାରଣ ହେଲା ଏମାନେ ଅନ୍ୟ ପ୍ରଜାତିର ଗାଈଙ୍କ ଅପେକ୍ଷା ଶାନ୍ତ। ପ୍ରଥମରୁ ଲୋକଙ୍କୁ ଆକ୍ରମଣ କରିବାକୁ ପ୍ରସ୍ତୁତ ରୁହନ୍ତି ନାହିଁ। ଏ ସଂପର୍କରେ ଜଣେ ରୋଗୀ ଡୋନା ଏଷ୍ଟିଲ୍ କହିଛନ୍ତି, ମୁଁ ପର୍ସନାଲିଟି ଡିଜ୍‌ଅର୍ଡର, ଉତ୍କଣ୍ଠା ଓ ମାନସିକ ଅବସାଦରେ ପୀଡ଼ିତ। କାଉନ୍ସିଲିଂ କେନ୍ଦ୍ରରେ ଗାଈଗୁଡ଼ିକଙ୍କର



ସେବା କରିବା ଦ୍ୱାରା ଧୀରେ ଧୀରେ ଠିକ୍ ହେଉଛି। ଏହି ଭାରତୀୟ ଗାଈଗୁଡ଼ିକ ମୋ' ଜୀବନ ବଞ୍ଚାଇଛନ୍ତି। ବର୍ଷକ ପୂର୍ବରୁ ଯଦି କେହି ମୋତେ 'କାଓ ଥେରାପି' କଥା କହିଥାନ୍ତେ ତା' ହେଲେ ମୋତେ ହାସ୍ୟାସ୍ପଦ ଲାଗିଥାନ୍ତା। କିନ୍ତୁ ଏବେ ଏହା ମୋତେ ଏକ ନୂଆ ଜୀବନ ଦେଇଛି। ବର୍ଷକ ମଧ୍ୟରେ ମୁଁ ବହୁ ପରିମାଣରେ ଠିକ୍ ହୋଇଯାଇଛି। ମାନସିକ ଅବସାଦ ସହିତ ଅଟିଜିମ୍ ସମସ୍ୟା ଭୋଗୁଥିବା ରୋଗୀଙ୍କୁ ବି ଏଠାରେ ଚିକିତ୍ସା କରାଯାଉଛି। ଅଟିଜିମ୍ ସଂପର୍କରେ କାର୍ଯ୍ୟ କରୁଥିବା ବୈଜ୍ଞାନିକ ଟେମ୍ପଲ ଗ୍ରାଡିନ୍ କହିଛନ୍ତି, ଏହି ରୋଗରେ ପୀଡ଼ିତ ବ୍ୟକ୍ତି ଅନ୍ୟ ଲୋକଙ୍କ ସହିତ ସହଜ ହୋଇପାରନ୍ତି ନାହିଁ। କିନ୍ତୁ ପଶୁପକ୍ଷୀଙ୍କ ସହ ଖୁବ୍ ଆରାମରେ ମିଶିଯାଆନ୍ତି। ତା' ପରେ ମଣିଷଙ୍କ ସହ ମିଶିବା ସହଜ ହୋଇଯାଏ। ଆଗରୁ ଏହି ରୋଗୀମାନଙ୍କୁ ଘୋଡ଼ାଶାଳକୁ ନିଆଯାଉଥିଲା। ତାକୁ 'ଇକ୍ୱାଇନ୍ ଥେରାପି' କୁହାଯାଇଥାଏ। ବର୍ତ୍ତମାନ 'ଇକ୍ୱାଇନ୍ ଥେରାପି'ର ବିକଳ୍ପ ଭାବେ ଅଷ୍ଟ୍ରେଲିଆରେ 'କାଓ ଥେରାପି' ଲୋକପ୍ରିୟ ହେଉଛି। ଫାର୍ମ ଆରମ୍ଭ କରିଥିବା ୩୪ ବର୍ଷୀୟ ଲରେନ୍ସ ଫକ୍ସ କହନ୍ତି, ମୁଁ ସେଣ୍ଟ୍ରାଲ କ୍ୱିନସଲାଣ୍ଡ ବିଶ୍ୱବିଦ୍ୟାଳୟରେ ଏମ୍ବିଏ କରୁଥିବାବେଳେ 'କାଓ ଥେରାପି' କରାଇବାର ଆଇଡିଆ ମନକୁ ଆସିଥିଲା। ମୁଁ ଏଠାରେ ଲୋକଙ୍କୁ ଠିକ୍ ହେଉଥିବାର ଦେଖୁଛି। ବିଭିନ୍ନ ପ୍ରକାର ମାନସିକ ରୋଗରେ ପୀଡ଼ିତ ଲୋକେ ଏଠାକୁ ଆସୁଛନ୍ତି। ପୂର୍ବରୁ ମୁଁ ଦୌଡ଼ ପ୍ରତିଯୋଗିତାରେ ଭାଗ ନେଉଥିବା ଘୋଡ଼ାଙ୍କ ସହ ଦୀର୍ଘ ଦିନ ବିତାଇଛି। ସେମାନେ ସ୍ୱଭାବତଃ ଆକ୍ରାମକ ହୋଇଥାନ୍ତି। କିନ୍ତୁ ଗାଈଙ୍କ ସହ ସମୟ ବିତାଇଲେ ଶାନ୍ତି ଓ ଖୁସି ମିଳିଥାଏ। ସେଥିଲାଗି ମାନସିକ ଅବସାଦଗ୍ରସ୍ତ ଲୋକମାନେ ସ୍ୱାଭାବିକ ହେଉଛନ୍ତି।

## କରୋନା ମୁକାବିଲାରେ ଭାରତକୁ ଆଉ ଏକ ସଫଳତା

# ପ୍ରଥମ ନାଜାଲ ଭ୍ୟାକ୍ସିନ୍‌କୁ ମଞ୍ଜୁରି




**ନୂଆଦିଲ୍ଲୀ :** ମହାମାରୀ କରୋନା ବିରୋଧରେ ଦେଶକୁ ମିଳିଛି ବଡ଼ ଅସ୍ତ୍ର। ଏଣିକି କରୋନାକୁ ମାତ ଦେବ ନାଜାଲ ଟିକା। ଭାରତ ବାୟୋଟେକ ପ୍ରସ୍ତୁତ କରିଥିବା କରୋନା ବିରୋଧୀ ନାଜାଲ ଟିକା ବା ନାକରେ ପଡୁଥିବା ଟିକାକୁ ଆଜି ଭାରତ ସରକାର ଜରୁରିକାଳୀନ ବ୍ୟବହାର ପାଇଁ ଅନୁମତି ଦେଇଛନ୍ତି। ପ୍ରଥମଥର ପାଇଁ ଦେଶରେ କୌଣସି ନାଜାଲ କରୋନା ଟିକାକୁ ବ୍ୟବହାର ପାଇଁ ଡିସିଜିଆଇ ଅନୁମତି ଦେଇଛି। ଏହାର ଅର୍ଥ ଆଉ ଲୋକଙ୍କୁ ଇଞ୍ଜେକସନ ଦ୍ୱାରା କରୋନା ଟିକା ନେବାକୁ ପଡ଼ିବ ନାହିଁ। ସେମାନେ ସାଧାରଣ ଟିକା ଭଳି ନାକରେ କରୋନା ଟିକା ନେଇ ପାରିବେ। ତେବେ ପ୍ରାଥମିକ ଅବସ୍ଥାରେ ଏହି ଟିକାକୁ କେବଳ ପ୍ରାପ୍ତ ବୟସ୍କମାନେ ହିଁ ନେଇ ପାରିବେ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଏ ସମ୍ପର୍କରେ ଟ୍ୱିଟ କରି କହିଛନ୍ତି ଯେ କୋଭିଡ-୧୯ ବିରୋଧୀ ଲଢ଼େଇକୁ ବଡ଼ ବୁଷ୍ଟର ମିଳିଛି। ଭାରତ ବାୟୋଟେକ ପ୍ରସ୍ତୁତ କରିଥିବା ChAd36-SARS-CoV-S କୋଭିଡ ୧୯ ନାଜାଲ ଟିକାକୁ ଅନୁମିତ ମିଳିଛି। ଏବେ ଏହି ଟିକାକୁ ୧୮ ବର୍ଷରୁ ଅଧିକ ବୟସ୍କଙ୍କୁ ଦିଆଯିବ। ଏହି ପଦକ୍ଷେପ କରୋନା ବିରୋଧରେ ଆମେ ମିଳିତ ଭାବେ କରୁଥିବା ଲଢ଼େଇକୁ ଅଧିକ ବଳ ଦେବାରେ ସହାୟକ ହେବ ବୋଲି ସେ କେହିଛନ୍ତି। ଫେବୃଆରୀ ମାସରେ ମୁମ୍ବାଇ ଭିତ୍ତିକ ଗ୍ଲେନମାର୍କ ଭାରତରେ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଗୋଟିଏ ନାଜାଲ ସ୍ପ୍ରେ ବାହାର କରିଥିଲା। SaNOtize ମିଶି ପ୍ରାପ୍ତ ବୟସ୍କଙ୍କ ପାଇଁ ଏହି ସ୍ପ୍ରେକୁ ବିକଶିତ କରାଯାଇଥିଲା। କମ୍ପାନୀକୁ ଉତ୍ପାଦନ ଓ ମାର୍କେଟିଂ ପାଇଁ ଡିସିଜିଆଇ ଅନୁମତି ଦେଇଥିଲା। ହେଲେ ପ୍ରଥମଥର ପାଇଁ ଭାରତ ବାୟୋଟେକ ପ୍ରସ୍ତୁତ କରିଥିବା ନାଜାଲ କରୋନା ଟିକାକୁ ବ୍ୟବହାର ପାଇଁ ଅନୁମତି ମିଳିଛି।

## ବର୍ଷକରେ ୫୦୦ କୋଟି ଆଣ୍ଟିବାୟୋଟିକ୍ ଟାବ୍‌ଲେଟ୍ ଖାଇଛନ୍ତି ଭାରତୀୟ

# ଆଜିଥ୍ରୋମାଇସିନ୍ ସବୁଠାରୁ ଅଧିକ

**ନୂଆଦିଲ୍ଲୀ :** କରୋନା ସମୟରେ ଲାଞ୍ଚ ନେଇ ଡାକ୍ତରମାନେ ରୋଗୀଙ୍କୁ ଡୋଲୋ-୬୫୦ ଟାବ୍ଲେଟ୍ ଲେଖିବା ଘଟଣା ସାମ୍ନାକୁ ଆସିବା ପରେ ଚର୍ଚ୍ଚା ଜୋର ଧରିଥିଲା। ଏନେଇ ତଦନ୍ତ ମଧ୍ୟ ଚାଲିଛି। ହେଲେ ଏବେ ଭାରତୀୟଙ୍କର ଔଷଧ ବ୍ୟବହାରକୁ ନେଇ ଏକ ଚମକାଇଲା ଭଳି ତଥ୍ୟ ସାମ୍ନାକୁ ଆସିଛି। ଭରତୀୟ ଅତ୍ୟଧିକ ମାତ୍ରାରେ ଆଣ୍ଟିବାୟୋଟିକ ଟାବ୍‌ଲେଟ୍ ବ୍ୟବହାର କରୁଛନ୍ତି ବୋଲି ଏକ ଗବେଷଣାରେ ପ୍ରକାଶ ପାଇଛି। ୨୦୧୯ରେ ଭାରତୀୟମାନେ ୫୦୦ କୋଟିରୁ ଅଧିକ ଆଣ୍ଟିବାୟୋଟିକ ଟାବ୍‌ଲେଟ୍ ବ୍ୟବହାର କରିଥିବା ଗବେଷକମାନେ ଜାଣିବାକୁ ପାଇଛନ୍ତି। ସେଥିମଧ୍ୟରୁ ଆଜିଥ୍ରୋମାଇସିନ୍‌କୁ ସର୍ବାଧିକ ବ୍ୟବହାର କରାଯାଇଥିଲା ବୋଲି ଗବେଷଣାରେ ଜଣାପଡ଼ିଛି। ସ୍ୱାସ୍ଥ୍ୟ ସମ୍ପର୍କିତ ଗବେଷଣା ପ୍ରକାଶ କରୁଥିବା ପ୍ରତିଷ୍ଠିତ ଲାନସେଟ ରିଜନାଲ ହେଲ୍ଥ ସାଉଥଇଷ୍ଟ ଏସିଆ ପତ୍ରିକାରେ ଏହି ଗବେଷଣା ପ୍ରକାଶ ପାଇଛି। ଲୋକଙ୍କର ଆଣ୍ଟିବାୟୋଟିକର ବ୍ୟବହାର ନେଇ ଚିନ୍ତାପ୍ରକଟ କରିଛନ୍ତି ଗବେଷକ। ଭାରତରେ ଆଣ୍ଟିବାୟୋଟିକର ବିକ୍ରି ଓ ବ୍ୟବହାରକୁ ନେଇ ଥିବା ନିୟମକୁ ଆଉ ଟିକେ କଡ଼ା କରିବା ଓ ଏଥିପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି ବୋଲି ଗବେଷଣା ରିପୋର୍ଟରେ କୁହାଯାଇଛି। ଏଥିରେ କୁହାଯାଇଛି ଯେ ଭାରତରେ ଆଣ୍ଟିବାୟୋଟିକର ଅତ୍ୟଧିକ ବ୍ୟବହାର ଏହାର ବିକ୍ରିକୁ ବଢ଼ାଉଛି। ଆଣ୍ଟିବାୟୋଟିକ୍ ବିକ୍ରିରେ ପ୍ରତିବନ୍ଧକ ନଥିବାରୁ ଏହାର ବିକ୍ରିୟ ଓ ଉପଲବ୍ଧତାରେ ଅସନ୍ତୁଳନ



ଦେଖାଦେଉଛି ବୋଲି ଗବେଷଣାରେ କୁହାଯାଇଛି। ରିପୋର୍ଟରେ କୁହାଯାଇଛି ଯଦିଓ ଭାରତ ବହୁଳମାତ୍ରାରେ ଆଣ୍ଟିବାୟୋଟିକ ବ୍ୟବହାର କରୁଛି। ହେଲେ ଆମେରିକା ଓ ୟୁରୋପ ଭଳି ଆଣ୍ଟିବାୟୋଟିକର ବ୍ୟବହାର ଉପରେ ନଜର ରଖିବାକୁ କୌଣସି ବ୍ୟବସ୍ଥା ନାହିଁ। ୨୦୧୫ରୁ ଆଣ୍ଟିବାୟୋଟିକର ବ୍ୟବହାର ନେଇ ଗବେଷଣା ସଂସ୍ଥା ୬୫ଟି ଦେଶରେ ଗବେଷଣା କରିଥିଲା। ହେଲେ ଭାରତରେ ୨୦୧୫ରୁ ତଥ୍ୟ ମିଳିଲା ନାହିଁ ବୋଲି ଲାନସେଟ୍ କହିଛି। ଆମେରିକାର ରୋଗ ନିୟନ୍ତ୍ରଣ ଓ ପ୍ରତିରୋଧ କେନ୍ଦ୍ର(ସିଡିସି)ର ଅନୁସାରେ, ବ୍ୟାକ୍ଟେରିଆଙ୍କ ଦ୍ୱାରା ହୋଇଥିବା ସଂକ୍ରମଣକୁ ରୋକିବା ପାଇଁ ଆଣ୍ଟିବାୟୋଟିକର ବ୍ୟବହାର କରାଯାଇଥାଏ। ଆଣ୍ଟିବାୟୋଟିକ୍‌ରେ ବ୍ୟାକ୍ଟେରିଆକୁ ମାରିବା ପାଇଁ କିମ୍ବା ସଂକ୍ରମଣକୁ ରୋକିବା ପାଇଁ ବ୍ୟବହାର କରାଯାଇଥାଏ। ମାସାଚୁସେଟର ବୁଷ୍ଟନ ୟୁନିଭର୍ସିଟି ଅଫ୍ ପବ୍ଲିକ୍ ହେଲ୍ଥ ମାହାମାରୀ ବିଭାଗର ଗବେଷକ ଓ ପବ୍ଲିକ ହେଲ୍ଥ ଫାଉଣ୍ଡେସନ ଅଫ୍ ଇଣ୍ଡିଆ ପକ୍ଷରୁ ଔଷଧର ବ୍ୟବହାର ନେଇ ତଥ୍ୟ ସଂଗ୍ରହ କରାଯାଇଥିଲା। ଦେଶର ୯ ହଜାର ଔଷଧ ବିକ୍ରେତାଙ୍କ ଠାରୁ ଏହି ତଥ୍ୟ ସଂଗ୍ରହ କରିଥିଲା ଏକ ଘରୋଇ ସଂସ୍ଥା ଫାର୍ମା ଟ୍ରାକ୍। ଏମାନେ ଜାଣିବାକୁ ପାଇଥିଲେ ଯେ ଦୈନିକ ୫୦୭୧ ମିଲିୟନ ଡୋଜ୍ ବ୍ୟବହାର କରାଯାଉଥିଲା। ଯାହା ପ୍ରତି ୧୦୦୦ରେ ବ୍ୟବହାର ମାତ୍ରା ୧.୪ ବୋଲି ଗବେଷଣାରେ କୁହାଯାଇଛି। ତେବେ ଏହା ଭିତରେ ଆଜିଥ୍ରୋମାଇସିନ୍-୫୦୦ ଟାବ୍‌ଲେଟ୍ ସବୁଠାରୁ ଅଧିକ ବ୍ୟବହାର କରାଯାଇଥିବା ବେଳେ ଦ୍ୱିତୀୟରେ ସେଫିକ୍ସାଇମ୍-୨୦୦କୁ ବ୍ୟବହାର କରାଯାଇଥିଲା।

# ବର୍ଷା-ବନ୍ୟାରେ ୧୪ ହଜାର ବାସଗୃହ କ୍ଷତିଗ୍ରସ୍ତ

**ଭୁବନେଶ୍ୱର :** ପ୍ରବଳ ବର୍ଷା ପାଇଁ ରାଜ୍ୟରେ ହୋଇଥିବା ବନ୍ୟାର କ୍ଷୟକ୍ଷତି ରିପୋର୍ଟ ଆସିଛି। ବନ୍ୟାରେ ୧୪ ହଜାର ୨୩୫ ଘର ଭାଙ୍ଗିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏଥିରେ ୧ଲକ୍ଷ ୨୬ ହଜାର ୧୬୨ ହେକ୍ଟର ଚାଷଜମି ନଷ୍ଟ ହୋଇଯାଇଛି। ଆହୁରି ମଧ୍ୟ ୨୮ ହଜାର ହେକ୍ଟର ଚାଷଜମି ନଷ୍ଟ ହୋଇଛି। ଖବର ଅନୁସାରେ, ଗତ ଅଗଷ୍ଟ ମାସ ଦ୍ୱିତୀୟ ଓ ତୃତୀୟ ସପ୍ତାହରେ ହୋଇଥିବା ବନ୍ୟା ଓ ପ୍ରବଳ ବୃଷ୍ଟିପାତ ପାଇଁ ରାଜ୍ୟର ୨୪ଟି ଜିଲ୍ଲା ଅନୁଗୁଳ, ବରଗଡ, ବୌଦ୍ଧ, ନୟାଗଡ, ସମ୍ବଲପୁର, ସୁବର୍ଣ୍ଣପୁର, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, ପୁରୀ, ଭଦ୍ରକ ବାଲେଶ୍ୱର, ଯାଜପୁର, କେଉଁଝର, ମୟୁରଭଞ୍ଜ, ବଲାଙ୍ଗିର, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ନୂଆପଡା ଓ ସୁନ୍ଦରଗଡ ପ୍ରଭାବିତ ହୋଇଥିଲା। ବନ୍ୟା ଓ ପ୍ରବଳ ବୃଷ୍ଟିପାତ ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ ସମ୍ପୃକ୍ତ ଜିଲ୍ଲା ଓ ବିଭାଗମାନଙ୍କୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲାପାଳ ମାନଙ୍କଠାରୁ ମିଳିଥିବା କ୍ଷୟକ୍ଷତିର ଆକଳନର ତଥ୍ୟ ଅନୁସାରେ ୧୪,୨୩୫ଟି ଘର,



୧୨୩୬ଟି ଗାଈ ଗୁହାଳ, ୫୦୩୬ ହେକ୍ଟର ଚାଷ ଜମି ବାଲିଚର, ୧୧୨୫ଟି ଡଙ୍ଗା ଓ ଜାଲ, ୨୮. ୩୮୨ ହେକ୍ଟର ମାଛ ପୋଖରୀ ଓ ୪୮୩.୧୪୫ ହେକ୍ଟର ମାଛ ଜାଁଳ ଚାଷ କ୍ଷତିଗ୍ରସ୍ତ ହୋଇଅଛି । ୧, ୨୬, ୧୬୨ ହେକ୍ଟର ଚାଷ ଜମି ଶତକଡ଼ା ୩୩ଭାଗରୁ ଅଧିକ ଫସଲ ହାନୀ ହୋଇଅଛି। ଜିଲ୍ଲାପାଳମାନଙ୍କର କ୍ଷୟକ୍ଷତିର ଆକଳନକୁ ଭିତ୍ତିକରି ଓ ବିପର୍ଯ୍ୟୟ ସହାୟତା ପାଣ୍ଠିର ସର୍ତ୍ତ ଓ ନିୟମାବଳୀ ଅନୁଯାୟୀ ଘର ନିର୍ମାଣ ସହାୟତା, ବାସନକୁସନ ସହାୟତା, କୃଷି ଭିତ୍ତିକ ସହାୟତା, ବାଲିଚର ସହାୟତା, ମୃତ ଗୋରୁଗାଈଙ୍କ ପାଇଁ ସହାୟତା, କ୍ଷତିଗ୍ରସ୍ତ ଡଙ୍ଗା ଓ ଜାଲ, ମାଛ ପୋଖରୀ, ମାଛ ଜାଆଁଳ ଚାଷ, ହସ୍ତତନ୍ତ ବୁଣାକାର, ହସ୍ତଶିଳ୍ପ କାରିଗର, ରେଶମ ଚାଷୀଙ୍କ ପାଇଁ ସହାୟତା ବାବଦକୁ ୧୨୮ କୋଟି ୫୮ ଲକ୍ଷ ଟଙ୍କା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମଞ୍ଜୁର କରାଯାଇଛି। ସେହିପରି ଜଳବନ୍ଦୀ ଘେରରେ ପ୍ରଭାବିତ ହୋଇଥିବା ଲୋକମାନଙ୍କୁ ଖାଦ୍ୟ ସହାୟତା ବାବଦକୁ ବର୍ତ୍ତମାନ ସୁଦ୍ଧା ଜିଲ୍ଲାପାଳମାନଙ୍କୁ ୯୯ କୋଟି ୯୨ ଲକ୍ଷ ୯୭ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ଜଳସମ୍ପଦ ବିଭାଗ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ ଓ ଶକ୍ତି ବିଭାଗ ଠାରୁ ସାଧାରଣ ସମ୍ପତ୍ତି କ୍ଷୟକ୍ଷତିର ଆକଳନ ରିପୋର୍ଟ ହସ୍ତଗତ ହୋଇଛି। ସାଧାରଣ ସମ୍ପତ୍ତି କ୍ଷୟକ୍ଷତିର ତୁରନ୍ତ ପୁନରୁଦ୍ଧାର ପାଇଁ ଜଳସମ୍ପଦ ବିଭାଗ ୫୨୭୭.୬୯ ଲକ୍ଷ ଟଙ୍କା, ପୂର୍ତ୍ତ ବିଭାଗ ୨୦୧୯ .୪୪ ଲକ୍ଷ ଟଙ୍କା, ଗ୍ରାମ୍ୟ ଉନ୍ନୟନ ବିଭାଗ ୪୨୫୪.୭୦ ଲକ୍ଷ ଟଙ୍କା, ଗୃହ ଓ ନଗର ଉନ୍ନୟନ ବିଭାଗ ୬୦୭.୭୨ ଲକ୍ଷ ଟଙ୍କା ଓ ଶକ୍ତି ବିଭାଗ ୫୦୩.୩୮ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଜଣାଇଛନ୍ତି। ମାତ୍ର ବିପର୍ଯ୍ୟୟ ସହାୟତା ପାଣ୍ଠିର ସର୍ତ୍ତ ଓ ନିୟମାବଳୀ ଅନୁଯାୟୀ ସାଧାରଣ ସମ୍ପତ୍ତି କ୍ଷୟକ୍ଷତିର ତୁରନ୍ତ ପୁନରୁଦ୍ଧାର ପାଇଁ ଜଳସମ୍ପଦ ବିଭାଗ ୪୩୫୩.୯୨ ଲକ୍ଷ ଟଙ୍କା, ପୂର୍ତ୍ତ ବିଭାଗ ୧୩୬୭.୨୫ ଲକ୍ଷ ଟଙ୍କା, ଗ୍ରାମ୍ୟ ଉନ୍ନୟନ ବିଭାଗ ୨୪୧୪.୩୭ ଲକ୍ଷ ଟଙ୍କା, ଗୃହ ଓ ନଗର ଉନ୍ନୟନ ବିଭାଗ ୮୨.୪୬ ଲକ୍ଷ ଟଙ୍କା ଓ ଶକ୍ତି ବିଭାଗ ୪୯୭.୫୧ ଲକ୍ଷ ଟଙ୍କା ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ମଞ୍ଜୁର କରାଯାଇଛି। ଏଭଳି ସର୍ବମୋଟ୮୭୧୫.୫୧ ଲକ୍ଷ ଟଙ୍କା ଏହି ବିଭାଗମାନଙ୍କୁ ସାଧାରଣ ସମ୍ପତ୍ତିର ତୁରନ୍ତ ମରାମତି ଓ ପୁନରୁଦ୍ଧାର ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମଞ୍ଜୁର କରାଯାଇଛି।

# ବିଧାୟକଙ୍କ ସ୍ୱାସ୍ଥ୍ୟବୀମା ୧୦ଲକ୍ଷ ଟଙ୍କାକୁ ବୃଦ୍ଧି

**ଭୁବନେଶ୍ୱର :** ରାଜ୍ୟର ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କର ବାର୍ଷିକ ସ୍ୱାସ୍ଥ୍ୟବୀମା ପରିମାଣ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ୨୦୧୨-୧୩ ଆର୍ଥିକ ବର୍ଷରୁ ରାଷ୍ଟ୍ରୀୟ ବୀମା କମ୍ପାନୀ ମାଧ୍ୟମରେ ବିଧାୟକ ଓ ପୂର୍ବତନ ବିଧାୟକ ଓ ସେମାନଙ୍କର ପତ୍ନୀଙ୍କ ନିମନ୍ତେ ବାର୍ଷିକ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମାର ସୁବିଧା ଯୋଗାଇ ଦିଆଯାଉଛି। ସୂଚନା ଅନୁସାରେ, ସ୍ୱାସ୍ଥ୍ୟସେବାର ବ୍ୟୟବୃଦ୍ଧି ଦୃଷ୍ଟିରୁ ବିଧାୟକ ଓ ପୂର୍ବତନ ବିଧାୟକମାନେ ଏହି ସ୍ୱାସ୍ଥ୍ୟବୀମା ରାଶିର ପରିମାଣକୁ ବୃଦ୍ଧି କରିବା ନିମନ୍ତେ ବାରମ୍ବାର ଦାବି କରି ଆସୁଥିଲେ। ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ନିର୍ଦ୍ଦେଶରେ ଉକ୍ତ ସ୍ୱାସ୍ଥ୍ୟବୀମା ରାଶିକୁ ୫ଲକ୍ଷରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଅର୍ଥ ବିଭାଗ ଏହି ପ୍ରସ୍ତାବ ଉପରେ ସହମତି ଜଣାଇବା ପରେ ପ୍ରତ୍ୟେକ ବିଧାୟକ,ପୂର୍ବତନ ବିଧାୟକ ଓ ସେମାନଙ୍କ ପତ୍ନୀଙ୍କ ନିମନ୍ତେ ଏକବର୍ଷ ଅବଧି ପାଇଁ ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ନବୀକରଣ ପ୍ରସ୍ତାବକୁ ବାଚସ୍ପତି ଶ୍ରୀ ଆରୁଖ ଅନୁମୋଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ମନ୍ତ୍ରିମଣ୍ଡଳ ସଦସ୍ୟଙ୍କୁ ବାଦ୍ ଦେଇ ୧୨୪ଜଣ ବିଧାୟକ-ବିଧାୟିକା ଓ ତାଙ୍କର ୮୮ଜଣ ପତି-ପତ୍ନୀଙ୍କୁ ଏହି ବର୍ଦ୍ଧିତ ସ୍ୱାସ୍ଥ୍ୟବୀମାର ସୁବିଧା ମିଳିବ। ସେହିପରି ଓଡ଼ିଶା ବିଧାନସଭାର ୩୧୭ଜଣ ପୂର୍ବତନ ବିଧାୟକ-ବିଧାୟିକା ଓ ସେମାନଙ୍କର ୨୪୫ଜଣ ପତି-ପତ୍ନୀଙ୍କୁ ମିଶାଇ ମୋଟ ୫୭୨ଜଣଙ୍କୁ ଏହି ବର୍ଦ୍ଧିତ ସ୍ୱାସ୍ଥ୍ୟବୀମା ସୁବିଧା ବିଧାନସଭା ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ବିଧାନସଭା ଅଧିବେଶନ ସମୟରେ ପୂର୍ବତନ ବିଧାୟକଙ୍କ ଏକ ପ୍ରତିନିଧି ଦଳ ବିଧାନସଭା ପରିସରରେ ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କୁ ଭେଟି ସେମାନଙ୍କର ସ୍ୱାସ୍ଥ୍ୟବୀମା ପରିମାଣ ବୃଦ୍ଧି ନିମନ୍ତେ ଦାବିପତ୍ର ଦେଇଥିଲେ।

# ମିଶନ ଶକ୍ତି ମା' ମାନଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ନବୀନ ନିବାସଠାରେ ଯାଜପୁର, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାର ମିଶନ ଶକ୍ତି ଗୋଷ୍ଠୀର ମା ମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଥିଲେ। ଏହି ଅବସରରେ ଗତ ଅଗଷ୍ଟ ୧୫ ତାରିଖ ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ମା ମାନେ ଜାତୀୟ ପତାକା ତିଆରି ଦାୟିତ୍ୱ ନେଇ ଦକ୍ଷତାର ସହ ତୁଲାଇ ଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ମିଶନ ଶକ୍ତି ମା ମାନଙ୍କ କାର୍ଯ୍ୟର ଉଚ୍ଚପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ ଉପରେ ଆସ୍ଥା ରଖି ଜାତୀୟ ପତାକା ପ୍ରସ୍ତୁତ ପରି ଏକ ଗୁରୁଦାୟିତ୍ୱ ଅର୍ପଣ କରିଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇ ଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ସ୍ୱାଧୀନତାର ୭୫ତମ ପୂର୍ତ୍ତି ଅବସରରେ ରାଜ୍ୟ ସରକାର ମିଶନ ଶକ୍ତି ମା ମାନଙ୍କୁ ୩୦ ଲକ୍ଷ ଜାତୀୟ ପତାକା ପ୍ରସ୍ତୁତି ଓ ବଣ୍ଟନ ଦାୟିତ୍ୱ ଦେଇଥିଲେ।

## ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପାଇଁ କନସଲଟାଣ୍ଟ୍ ନିଯୁକ୍ତି ନେଇ କମିଟି ଗଠିତ



**ଭୁବନେଶ୍ୱର :** ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପାଇଁ କନ୍‌ସଲଟାଣ୍ଟ ନିଯୁକ୍ତ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଏହି କମିଟି ଆସନ୍ତା ୫ ସପ୍ତାହ ମଧ୍ୟରେ କନସଲଟାଣ୍ଟ ନିଯୁକ୍ତି ନେଇ ନାମ ପ୍ରସ୍ତାବ ଦେବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଏହି କମିଟିରେ ଜାତୀୟ ସ୍ୱାସ୍ଥ୍ୟ ମିସନ୍ର ପରିଚାଳନା ନିର୍ଦ୍ଦେଶିକା ଅଧ୍ୟକ୍ଷ ରହିଛନ୍ତି। ଏହାସହ ଓଏସ୍ଡି ତଥା ସ୍ୱତନ୍ତ୍ର ସଚିବ, ଡିଏମ୍ଇଟି, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ସଦସ୍ୟ ରହିଥିବା ବେଳେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ଓଏସ୍ଡି ଏହାର ସଦସ୍ୟ ଆବାହକ ରହିଛନ୍ତି। ଏହି କମିଟି ବିଶ୍ୱବିଦ୍ୟାଳୟ ପାଇଁ କନସଲଟାଣ୍ଟର ଆବଶ୍ୟକତା ରହିଛି କି ନାହିଁ ଓ କନସଲଟାଣ୍ଟ ପାଇଁ ନାମ ପ୍ରସ୍ତାବ ଦେବା ଲାଗି କୁହାଯାଇଛି। ଉଲ୍ଲେଖ ଯେ ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ନିକଟରେ ଏକ ଲୋଗୋ ଉନ୍ମୋଚିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ଏବେ ଏକ ଅସ୍ଥାୟୀ ବିଲ୍ଡିଂରେ କାର୍ଯ୍ୟ କରୁଥିବା ବେଳେ ସରକାରଙ୍କ ପକ୍ଷରୁ ଏହାର ନିଜସ୍ୱ ଜମି ଖୋଜା ଚାଲିଛି।

# ଭୁବନେଶ୍ୱରରେ ଖୋଲିବ 'କଥିତ ଓ ଆଦିବାସୀ ଭାଷା, ସାହିତ୍ୟ କେନ୍ଦ୍ର'

**ଭୁବନେଶ୍ୱର :** କେନ୍ଦ୍ର ସାହିତ୍ୟ ଅକାଦେମି ଅଧୀନ 'କଥିତ ଓ ଆଦିବାସୀ ଭାଷାସାହିତ୍ୟ କେନ୍ଦ୍ର'ର ଏକ ଶାଖା ଭୁବନେଶ୍ୱରରେ ଖୋଲିବ। ନୂଆଦିଲ୍ଲୀ ପରେ କୌଣସି ରାଜ୍ୟରେ ଏହା ହେବ ପ୍ରଥମ ଶାଖା। ରାଜ୍ୟ ସରକାର ରାଜ୍ୟ ସଂଗ୍ରହାଳୟ ପରିସରରେ ଥିବା ସଂସ୍କୃତି ବିଭାଗର ପୁରାତନ ନିର୍ଦ୍ଦେଶାଳୟ କୋଠାରେ ବିନା ଦେୟରେ କାର୍ଯ୍ୟାଳୟ ଖୋଲିବାକୁ ଅନୁମତି ଦେଇଛନ୍ତି। କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ଏ ସଂକ୍ରାନ୍ତରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ଅନୁରୋଧ କରାଯାଇଥିଲା। ଏହା ପରେ ବିଭାଗ ପକ୍ଷରୁ ଏ ନେଇ ଦିଆଯାଇଥିବା ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଅନୁମତି ସମ୍ପର୍କରେ ବିଭାଗ ପକ୍ଷରୁ ଅକାଦେମିକୁ ଜଣାଇ ଦିଆଯାଇଛି। ଖୁବ୍ ଶୀଘ୍ର କାର୍ଯ୍ୟାଳୟ ଖୋଲିବା ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ଏହି କେନ୍ଦ୍ର ସ୍ଥାପନ ହେଲେ ଦେଶର ପୂର୍ବାଞ୍ଚଳ




ଏବଂ ଉତ୍ତର-ପୂର୍ବାଞ୍ଚଳର କଥିତ ଓ ଆଦିବାସୀ ଭାଷାର ବିକାଶ, ପ୍ରଚାରପ୍ରସାର ଓ ଗବେଷଣା ପାଇଁ ଅଧିକ ସୁବିଧା ହେବ। ଓଡ଼ିଶାରେ ବହୁ ସଂଖ୍ୟାରେ କଥିତ ଭାଷା ରହିଥିବା ବେଳେ ୬୨ ପ୍ରଜାତିର ଆଦିବାସୀ ଅଧିବାସୀ ବସବାସ କରନ୍ତି। ସେମାନଙ୍କର ଭାଷା ଅଲଗା ଅଲଗା ହୋଇଥିବା ବେଳେ ଓଡ଼ିଶାର ଆଦିବାସୀ ଓ ସେମାନଙ୍କ ଭାଷା, ସାହିତ୍ୟ ପାଇଁ ଏହି କେନ୍ଦ୍ର ବେଶ୍ ଉପଯୋଗୀ ହେବ। ଏଥିସହ ଉତ୍ତର-ପୂର୍ବାଞ୍ଚଳର ୭ଟି ରାଜ୍ୟର ଲୋକଙ୍କୁ ଆଉ ଦିଲ୍ଲୀ ଦୌଡ଼ିବାକୁ ପଡ଼ିବ ନାହିଁ। ଓଡ଼ିଶାରେ ଏହି ଶାଖା ହେଲେ ଉତ୍ତର-ପୂର୍ବାଞ୍ଚଳର ରାଜ୍ୟଗୁଡ଼ିକର ଭାଷା, ସାହିତ୍ୟ ଗବେଷକ ଓ ଛାତ୍ରଛାତ୍ରୀ ଉପକୃତ ହେବ। ଏହି କେନ୍ଦ୍ର ନିମନ୍ତେ ଓଡ଼ିଶା ସଂସ୍କୃତି ବିଭାଗ ଆନୁଷଙ୍ଗିକ ଭିତ୍ତିଭୂମି ଯୋଗାଇ ଦେଇଥିବା ବେଳେ କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ କର୍ମଚାରୀଙ୍କଠାରୁ ଆରମ୍ଭ କରି ଗବେଷଣା ଓ ପ୍ରଚାରପ୍ରସାର ନିମନ୍ତେ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରସ୍ତୁତ କରାଯିବ ବୋଲି ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଛନ୍ତି।

# ସୁଧୁରିଲା 'ମାଛକୁଣ୍ଡ ଜଳ ପ୍ରପାତ' ତ୍ରୁଟି

**ଭୁବନେଶ୍ୱର :** ମାଛକୁଣ୍ଡ ଜଳ ପ୍ରପାତ କାହାର ? ଦଶମ ଶ୍ରେଣୀ ଭୂଗୋଳ ବହିରେ ମାଛକୁଣ୍ଡକୁ ନେଇ ଦିଆଯାଇଥିବା ବିଭ୍ରାନ୍ତିକର ତଥ୍ୟ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏବେ ଏହାର ସମାଧାନ କରିଛନ୍ତି ରାଜ୍ୟ ସରକାର। ତ୍ରୁଟିକୁ ସୁଧାରି ପିଲାଙ୍କୁ ସଠିକ୍ ତଥ୍ୟ ପଢ଼ାଇବାକୁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ସମସ୍ତ ଡିଇଓଙ୍କୁ ଏନେଇ ଚିଠି କରାଯାଇଥିବାବେଳେ ଠିକ୍ ଭାବେ ପଢାଇବାକୁ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦଶମ ଶ୍ରେଣୀ ଭୂଗୋଳ ବହିର ପୃଷ୍ଠା ନମ୍ବର ନମ୍ବର ୬୯ର ସାରଣୀ ୧୬ରେ ମାଛକୁଣ୍ଡ ଜଳପ୍ରପାତ ଓଡ଼ିଶାର ନୁହେଁ ବରଂ ଆନ୍ଧ୍ର ପ୍ରଦେଶର ବୋଲି ପ୍ରକାଶ ପାଇଥିଲା। ୨୦୧୮ରେ ପ୍ରକାଶିତ ପୁସ୍ତକରେ ଏହି ତ୍ରୁଟି ହୋଇଥିଲେ ମଧ୍ୟ ଚଳିତ ବର୍ଷ ପର୍ଯ୍ୟନ୍ତ ତାହା ବଳବତ୍ତର ଥିଲା। ଏବେ ନଜରକୁ ଆସିବା ପରେ ଏହି ତ୍ରୁଟିକୁ ସଂଶୋଧନ କରାଯାଇଛି। ତ୍ରୁଟିକୁ ସୁଧାରିବା ପରେ ଏବେ ମାଛକୁଣ୍ଡ ଜଳ ବିଦ୍ୟୁତ୍ ଶକ୍ତି କେନ୍ଦ୍ର ଉଭୟ ଆନ୍ଧ୍ର ଓ ଓଡ଼ିଶାରେ ଥିବା ନେଇ ପଢ଼ାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୃଷ୍ଠା ନମ୍ବର ୬୫ରେ ବାଲିମେଳାକୁ ତାପଜ ବିଦ୍ୟୁତ କେନ୍ଦ୍ର ପରିବର୍ତ୍ତେ ଜଳ ବିଦ୍ୟୁତ ଶକ୍ତି କେନ୍ଦ୍ର ଭାବେ ପଢାଇବାକୁ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଗଷ୍ଟ ୨୬ରେ ବିଏସଇ ପକ୍ଷରୁ କରାଯାଇଥିବା ଏହି ଚିଠିରେ ସବୁ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ନିଜ ନିଜ ଅଞ୍ଚଳରେ ରହିଥିବା ସ୍କୁଲରେ ଠିକ ଭାବେ ପଢାଇବାକୁ କୁହାଯାଇଛି। ଗତ ୪ ବର୍ଷ ଧରି ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଏପରି ସାଂଘାତିକ ଭୁଲ୍ ପାଠ ପଢୁଥିବା ବେଳେ କିଛି ମାସ ପୂର୍ବେ କୋରାପୁଟ ବ୍ଲକର ମହାଦେଇପୁଟ ଉଚ୍ଚ ବିଦ୍ୟାଳୟର ଭୂଗୋଳ ଶିକ୍ଷକ ଏହି ଭୁଲ୍କୁ ଚିହ୍ନଟ କରିଥିଲେ। ସେ ଏହାକୁ ସଂଶୋଧନ କରି ନିଜ ଛାତ୍ରଛାତ୍ରୀଙ୍କୁ ପଢ଼ାଉଥିଲେ। ଏହାବାଦ ଏନେଇ ସେ ନିଜ ପ୍ରଧାନ ଶିକ୍ଷକ ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅବଗତ କରାଇଥିଲେ। ଏହା ଧୀରେ ଧୀରେ ପ୍ରଚାରିତ ହେବା ପରେ ଏହାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ମହଲରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଶେଷରେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏହି ତ୍ରୁଟିକୁ ସଂଶୋଧନ କରି ଦିଆଯାଇଛି। ସୂଚନାଯୋଗ୍ୟ, କୋରାପୁଟ ଜିଲ୍ଲାର ଲମତପୁଟ ବ୍ଲକ ଆନ୍ଧ୍ର ସୀମାନ୍ତରେ ରହିଛି ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପ। ୧୯୫୫ ମସିହାରେ ଦେଶର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଏହି ପ୍ରକଳ୍ପର ଉଦଘାଟନ କରିଥିଲେ। ଓଡ଼ିଶା ଓ ଆନ୍ଧ୍ର ସରକାରଙ୍କ ମିଳିତ ପୁଞ୍ଜି ନିବେଶରେ ଏହା ନିର୍ମାଣ କରାଯାଇଥିଲା। ପ୍ରଥମେ ଜଳଭଣ୍ଡାରକୁ 'ଡେଣ୍ଡାପୁଟ' କୁହାଯାଉଥିଲା। ଏହା ଚତୁଃପାର୍ଶ୍ୱରେ କୋରାପୁଟ ଜିଲ୍ଲାର ଅନେକ ଆଦିବାସୀ ଗାଁ ରହିଛି। ଏଠାରୁ ଉତ୍ପାଦିତ ବିଦ୍ୟୁତ ଆନ୍ଧ୍ରର ବିଜୟୱାଡ଼ା, ବିଶାଖାପାଟଣା ଓ ଓଡ଼ିଶାର କୋରାପୁଟ ଓ ଜୟପୁର ସହରକୁ ଯୋଗାଣ ହେଉଛି। ଆନ୍ଧ୍ର ଓ ଓଡ଼ିଶା ୫୦.୫୦ ହାରରେ ଏହି ବିଦ୍ୟୁତ୍ ବଣ୍ଟନ କରୁଛନ୍ତି।

# ୨ ବର୍ଷ ପରେ ପୁରୀରେ କାର୍ତ୍ତିକ ବ୍ରତ ପାଳିବେ ହବିଷ୍ୟାଳି

**ପୁରୀ :** ଆସନ୍ତା ଅକ୍ଟୋବର ୧୦ତାରିଖରୁ ଆରମ୍ଭ ହେଉଛି କାର୍ତ୍ତିକ ବ୍ରତ। କରୋନା କଟକଣା ଯୋଗୁଁ ୨ ବର୍ଷ କାଳ ରାଜ୍ୟର ସମସ୍ତ ମନ୍ଦିର ବନ୍ଦ ରହିଥିବା ବେଳେ ପୁରୀ ଯିବାକୁ ହବିଷ୍ୟାଳୀଙ୍କୁ ବାରଣ କରାଯାଇଥିଲା। ହେଲେ ଚଳିତ ବର୍ଷ ସ୍ଥିତି ସାମାନ୍ୟ ଥିବାରୁ ଏଥର ହବିଷ୍ୟାଳିଙ୍କୁ ମିଳିଛି ଗ୍ରୀନ୍ ସିଗନାଲ। ୨ ବର୍ଷର ବ୍ୟବଧାନ ପରେ ଏଥର କାର୍ତ୍ତିକ ବ୍ରତ ଅବସରରେ ପ୍ରଶାସନ ପକ୍ଷରୁ ପୁରୀରେ ହବିଷ୍ୟାଳୀ ଶିବିର କରାଯିବ। ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଆରମ୍ଭ ହୋଇଥିବା କହିଛନ୍ତି ଜିଲ୍ଲାପାଳ ସମର୍ଥ ବର୍ମା। ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ପର୍ଯ୍ୟଟନ ଅଧିକାରୀ, ପୂର୍ତ୍ତ ବିଭାଗ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ଓ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଆୟୋଜିତ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକର ନିଷ୍ପତ୍ତି



ଅନୁଯାୟୀ, କାର୍ତ୍ତିକ ବ୍ରତଧାରୀ କାର୍ତ୍ତିକ ବ୍ରତଠାରୁ ଏକ ମାସ ଧରି ନରେନ୍ଦ୍ର କୋଣରେ ଥିବା ବୃନ୍ଦାବତୀ ନିବାସରେ ରହିବେ। ଏହି ନିବାସରେ ପ୍ରାୟ ୨ ହଜାର ଲୋକଙ୍କ ରହିବା ପାଇଁ ବ୍ୟବସ୍ଥା କରାଯାଉଛି। ସେମାନଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି। ପ୍ରତିଦିନ ହବିଷ୍ୟାଳୀଙ୍କ ପାଇଁ ଶ୍ରୀମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ସୁରକ୍ଷିତ ସ୍ନାନ ସହ ସୁରକ୍ଷା ବ୍ୟବସ୍ଥା ଏବଂ କାର୍ତ୍ତିକ ପୁରାଣ ପ୍ରବଚନର ବ୍ୟବସ୍ଥା କରାଯିବ। ନୂତନ ଗୃହରେ ଏହା କରାଯାଉଥିବାରୁ ବିଶେଷ ଦୃଷ୍ଟି ଦିଆଯାଉଛି। ସେଥିପାଇଁ ରେଜିଷ୍ଟ୍ରେସନ ଖୁବଶୀଘ୍ର ଆରମ୍ଭ କରାଯିବ ବୋଲି କହିଛନ୍ତି ଜିଲ୍ଲାପାଳ। ସୂଚନାଯୋଗ୍ୟ, ଗତ ୨ ବର୍ଷ କରୋନା ମହାମାରୀ ପାଇଁ କାର୍ତ୍ତିକ ମାସରେ ପୁରୀ ନ ଆସିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ହବିଷ୍ୟାଳୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏପରିକି ବଡ଼ଦାଣ୍ଡରେ ଥିବା ଧର୍ମଶାଳା ଓ ଲଜ୍ରେ ହବିଷ୍ୟାଳିଙ୍କୁ ନ ରଖିବାକୁ ମଧ୍ୟ ତାଗିଦ କରିଥିଲା ପ୍ରଶାସନ। ତେଣୁ ୨ ବର୍ଷ କାଳ ସବୁ ଲଜ୍ ଓ ଧର୍ମଶାଳା ଖାଁ ଖାଁ ହୋଇଥିଲା। ବୟୋସାଧିକ ହେତୁ ହବିଷ୍ୟାଳିଙ୍କୁ ଗହଳି ଭିତରକୁ ପୁରୀ ଆସିବାକୁ ବାରଣ କରାଯାଇଥିଲା। ଏହାସତ୍ତ୍ୱେ କାଳିଆ ଦର୍ଶନ ପାଇଁ କିଏ ବନ୍ଧୁ ବାନ୍ଧବଙ୍କ ଘରେ ତ କିଏ ଘର ଭଡ଼ା ନେଇ ରହୁଥିଲେ। ହେଲେ ଏଥର ସବୁ ସ୍ୱାଭାବିକ ଥିବାରୁ ପୁଣି ଥରେ ପୁରୀ ଯାଇ କାର୍ତ୍ତିକ ବ୍ରତ ପାଳନ କରିବାକୁ ଆଶା ରଖିଛନ୍ତି ହବିଷ୍ୟାଳୀ।

# ଆଉ ୪ ଜିଲ୍ଲାର ଯୋଜନା କମିଟି ପୁର୍ନଗଠିତ

**ଭୁବନେଶ୍ୱର :** ଗଞ୍ଜାମ ଓ ପୁରୀ ଜିଲ୍ଲା ପରେ ଆଉ ୪ଟି ଜିଲ୍ଲାର ଯୋଜନା କମିଟି ପୁର୍ନଗଠିତ ହୋଇଛି । ଗତ ପଞ୍ଚାୟତ ନିର୍ବାଚନ ପରଠୁ ଜିଲ୍ଲା ଯୋଜନା କମିଟି ଅକାମୀ ହୋଇ ରହିଥିଲା ତଥା ନିର୍ବାଚିତ ଜିଲ୍ଲା ପରିଷଦ ସଦସ୍ୟଙ୍କ ମଧ୍ୟରେ ନିର୍ବାଚନ କରାଯାଇ ଏହି ଜିଲ୍ଲା ଯୋଜନା କମିଟି ସଦସ୍ୟ ଚୟନ କରାଯାଇଛି। ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଅନୁଗୁଳ, ମାଲକାନଗିରି, ଗଜପତି ଓ ନୟାଗଡ଼ ଜିଲ୍ଲାର ଯୋଜନା କମିଟିର ପୁର୍ନଗଠନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ମାଲକାନଗିରି ଜିଲ୍ଲା ଯୋଜନା କମିଟିରେ ନିର୍ବାଚିତ ଜିଲ୍ଲା ପରିଷଦଙ୍କ ମଧ୍ୟରୁ ମୋଟ ୧୨ଜଣଙ୍କୁ ସାମିଲ କରାଯାଇଛି । ସେଥିରେ ୫ଜଣ ସଂରକ୍ଷିତ ବର୍ଗର ଓ ଅନ୍ୟ ୭ଜଣ ସାଧାରଣ ବର୍ଗ ରହିଛି । ବାଲି ମାଝୀ, ହିରଣ୍ୟ ମୁଦୁଲି, ଲକ୍ଷ୍ମୀପ୍ରିୟା ନାୟକ, ମୁକ ମାଡକାମୀ, ପତିତପାବନ ବୈଦ୍ୟ, ସସ୍ମିତା ମାଝୀ, ଅପର୍ଣ୍ଣା ମଣ୍ଡଳ, ବିଜୟଲକ୍ଷ୍ମୀ ପୋଡ଼ିଆମି, କୁନି ଭୂମିଆ, ସମାରି ଡାଙ୍ଗୁଲ ଓ ସୁରଭି ଭୌମିକଙ୍କୁ ସଦସ୍ୟ ନିର୍ବାଚିତ କରାଯାଇଛି । ସେହିପରି ଗଜପତି ଜିଲ୍ଲା ଯୋଜନା କମିଟିକୁ ମୋଟ ୧୨ଜଣଙ୍କୁ ନିର୍ବାଚିତ କରାଯାଇଛି । ସେମାନେ ହେଲେ ରୋକ୍କମ ରାଜ୍ୟଲକ୍ଷ୍ମୀ, ଗଭରା ତିରୁପତି ରାଓ, ସନ୍ଧ୍ୟା ଶବର, ଏସ୍ ବାଲାରାଜୁ , ପି ଲୀଳାବତୀ, କୁନ୍ତଳା ମଲ୍ଲିକ, ଚନ୍ଦ୍ର କୁମାର ମଲ୍ଲିକ, ସୁନୀଲ କୁମାର ବିଶୋୟୀ, ଯମୁନା ଦଳବେହେରା, ଗୌତମୀ ଜାନି ଓ ପିତାମ୍ବର ନାୟକ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଅନୁଗୁଳ ଜିଲ୍ଲା ଯୋଜନା କମିଟିକୁ ମୋଟ ୧୫ଜଣ ସଦସ୍ୟ ନିର୍ବାଚିତ ହୋଇଛନ୍ତି । ସେମାନେ ହେଲେ ନଗେନ୍ଦ୍ର କୁମାର ପ୍ରଧାନ, ପ୍ରଦୀପ କୁମାର ସାହୁ, ଧ୍ରୁବଚରଣ ଦେହୁରୀ, ଦିଲ୍ଲୀପ କୁମାର ପ୍ରଧାନ, ବବ୍ରୁ ପ୍ରସାଦ




ପତି, ଅମୀୟ ପ୍ରଧାନ, ଯୁଧିଷ୍ଠିର ସିଂ, ରଶ୍ମିତା ସେଠୀ, ବବିତା ପ୍ରଧାନ, ରେବତୀ ନାଏକ, ମୀରା ଗଡ଼ନାୟକ, ଇନ୍ଦିରା ହେମ୍ବ୍ରମ, ସାବିତ୍ରୀ ମାଝୀ ଓ ବବିତା କର୍ଣ୍ଣ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ନୟାଗଡ଼ ଜିଲ୍ଲା ଯୋଜନା କମିଟିକୁ ମୋଟ ୧୬ଜଣ ନିର୍ବାଚିତ ହୋଇଥିବାବେଳେ ସେଥିରେ ୬ଜଣ ସଂରକ୍ଷିତ ଓ ବାକି ଅଣସଂରକ୍ଷିତ ବର୍ଗର ରହିଛନ୍ତି । ନିର୍ବାଚିତ ସଦସ୍ୟମାନେ ହେଲେ ବସନ୍ତ କୁମାର ପ୍ରଧାନ, ବିଜୟ କୁମାର ସାମନ୍ତରାୟ, ବିଷ୍ଣୁପ୍ରିୟା ବେହେରା, ଚିନ୍ମୟୀ ଦାଶ, ଯସ୍ମିନୀ ଦାଶ, ଝିଲି ପ୍ରଧାନ, ପ୍ରତିମା ଦଳବେହେରା, ରଜନୀରାଣୀ ପଟ୍ଟନାୟକ, ସଂଯୁକ୍ତା ପଡ଼ିହାରୀ, ଧର୍ମେନ୍ଦ୍ର କୁମାର ଧଳ, ହରିଶ୍ଚନ୍ଦ୍ର ଜାନି, କ୍ଷୀରୋଦ କୁମାର ମହାପାତ୍ର, ରାମେଶ୍ୱର ଶତପଥୀ, ସରୋଜ କୁମାର ରଣସିଂହ ଓ ସୁବାସ ଚନ୍ଦ୍ର କଅଁର ସଦସ୍ୟ ଅଛନ୍ତି। ଜିଲ୍ଲା ଯୋଜନା କମିଟିକୁ ନିର୍ବାଚିତ ହୋଇଥିବା ସମସ୍ତ ସଦସ୍ୟ ଏବେ ଜିଲ୍ଲା ପରିଷଦ ସଦସ୍ୟ ଅଛନ୍ତି । ଏହି ଜିଲ୍ଲା ଯୋଜନା କମିଟିରେ ୮୦ ପ୍ରତିଶତ ନିର୍ବାଚିତ ସଦସ୍ୟ ଓ ଅନ୍ୟ ୨୦ଜଣ ପ୍ରତିଶତ ସଦସ୍ୟ ମନୋନୀତ ଓ ସରକାରୀ ଅଫିସର ଅଛନ୍ତି। ସୂଚନାଯୋଗ୍ୟ, ଗତ ୨୨ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଥିବା ରାଜ୍ୟ ଯୋଜନା ବୋର୍ଡ ମାତ୍ର ୩ଥର ବୈଠକ କରିଛି । ୨୦୦୩ ମସିହା ମେ' ୯ ଓ ଅଷ୍ଟ ୯ତାରିଖ ଏବଂ ୨୦୦୭ ଅକ୍ଟୋବର ୧୫ତାରିଖରେ ରାଜ୍ୟ ଯୋଜନା ବୋର୍ଡ ବୈଠକ ବସିଥିଲା । ଏହା ପରଠୁ ଆଉ ଯୋଜନା ବୋର୍ଡ ବୈଠକ ବସିନାହିଁ । ଏପରିକି ଯୋଜନା ବୋର୍ଡରେ ଥିବା ନନଅଫିସିଆଲ ସଦସ୍ୟ ପଦବୀକୁ ମଧ୍ୟ ପୂରଣ କରାଯାଇ ନାହିଁ । ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦବୀରେ ରାଜନୀତିକ ବ୍ୟକ୍ତିଙ୍କୁ ଥଇଥାନ କରୁଥିବା ସରକାର ୨୦୧୪ ନଭେମ୍ବରରୁ ଏଥିରେ ନୂଆ କରି ଉପଦେଷ୍ଟା ପଦବୀ ସୃଷ୍ଟି କରିଥିଲେ । ସେହି ପଦବୀକୁ ବି ଏବେ ଆଉ କାର୍ଯ୍ୟ କରୁନି। ଗତ ଜୁନ୍ ମାସରେ ସଞ୍ଜୟ ଦାସବର୍ମାଙ୍କୁ ଅଚାନକ ହଟାଇ ଦିଆଯିବା ପରେ ଏବେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦବୀ ମଧ୍ୟ ଖାଲି ପଡ଼ିଛି। ରାଜ୍ୟ ଓ ଜିଲ୍ଲାମାନଙ୍କର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନର ସମୀକ୍ଷା ଓ ମୂଲ୍ୟାୟନ ସହ ଆବଶ୍ୟକ ସଂଶୋଧନ ନିମନ୍ତେ ରାଜ୍ୟ ଯୋଜନା ବୋର୍ଡ ଗଠନ ହୋଇଥିଲା । କିନ୍ତୁ ଏବେ ଯୋଜନା ବୋର୍ଡର ବିନା ଏସବୁ କାର୍ଯ୍ୟ ସମ୍ଭବପର ହୋଇପାରୁଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଗଞ୍ଜାମ ଓ ପୁରୀ ଜିଲ୍ଲା ଯୋଜନା କମିଟିର ପୁନର୍ଗଠନ କରାଯାଇଛି। ପୁରୀ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ମନ୍ତ୍ରୀ ନିରଞ୍ଜନ ପୂଜାରୀ କାର୍ଯ୍ୟ କରୁଥିବାବେଳେ ଗଞ୍ଜାମ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ପଦରୁ ଶ୍ରୀକାନ୍ତ ସାହୁ ଇସ୍ତଫା ଦେଇସାରିଛନ୍ତି। ଶ୍ରୀ ସାହୁ ରାଜ୍ୟ ସରକାରରେ ମନ୍ତ୍ରୀ ଦାୟିତ୍ୱ ନେବା ପରଠୁ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ପଦ ଖାଲି ପଡ଼ିଥିଲା। ୨୦୨୨ ପଞ୍ଚାୟତ ନିର୍ବାଚନ ପରଠୁ ଜିଲ୍ଲା ଯୋଜନା କମିଟିଗୁଡ଼ିକର ପୁର୍ନଗଠନ ଆବଶ୍ୟକ ହୋଇପଡ଼ିଥିଲା।



ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୨ - ୧୮ ସେପ୍ଟେମ୍ବର, ୨୦୨୨

# ବିକାଶ ପାଇଁ ପ୍ରତିବଦ୍ଧତା ଦରକାର

ଆଜିକାଲି ଗରିବର ଅଧିକାର ଲୁଟିନେଉଛି ଧନୀ ବୋଲି ଚର୍ଚ୍ଚା ହେଉଛି। ତେବେ ଧନୀ କିଏ ଓ ଗରିବ କିଏ? ରାଜାରାଜୁଡା ସମୟରୁ ଗଡି ଆସିଥିବା ଏଭଳି ଅଭିଯୋଗ ଆଜି ମଧ୍ୟ ବଳବତ୍ତର ରହିଛି। କାରଣ ରାଜତନ୍ତ୍ର ସମୟରେ ଗରିବ ଯେଭଳି ବେଠି ଖଟୁଥିଲା, ନିର୍ଯାତିତ ହେଉଥିଲା ଆଜି ବି ସେଥିରେ ବିରାମ ଲାଗିନାହିଁ। ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ଦେଶରେ ସରକାର ଗରିବ କଲ୍ୟାଣ ଯୋଜନା ପ୍ରସ୍ତୁତ କରୁଛନ୍ତି। ସରକାର ପରେ ସରକାର ବଦଳି ଚାଲିଛି। ହେଲେ ଗରିବ ବଦଳି ନାହାନ୍ତି କାହିଁକି ପ୍ରଶ୍ନର ଉତ୍ତର ହୁଏତ ସହଜରେ ମିଳିବ ନାହିଁ। କାରଣ ରାଜତନ୍ତ୍ର ବେଳେ ରାଜା ଓ ରାଜ ପରିବାର ସଦସ୍ୟଙ୍କ ଗରିବଙ୍କ ପାଇଁ ମନୋବୃତ୍ତି ଯେଭଳି ରହିଥିଲା ଆଜି ମନ୍ତ୍ରୀ ଓ ନେତାଙ୍କର ସେଭଳି ରହିଛି। ସମ୍ବିଧାନ ଯଦିଓ ଗରିବ ଓ ଧନୀଙ୍କୁ ସମାନ ଅଧିକାର ଦେଇଛି,ତଥାପି ଗରିବଟିଏ ଧନୀ ଆଗରେ ମୁଣ୍ଡ ଟେକି କଥା ହେବାର ସାମର୍ଥ୍ୟ ଟିକକ ଯୋଗାଡ଼ କରିପାରିନାହିଁ। ଏହାର କାରଣ କଣ ହୋଇପାରେ। ଯେତିକି ଦିଶୁଛି, ସେତିକି ଅନୁସାରେ ଏହା ମାନସିକତାର କଥା ବୋଲି କହିହେବ। ଦେଶରେ ଧନୀ ଲୋକ ଅଧିକ ଧନୀ ହେବାପଛରେ ସରକାରଙ୍କ ସମର୍ଥନ ରହୁଥିଲା ବେଳେ ଗରିବଙ୍କ ପାଇଁ ଯୋଜନା ଗରିବିରୁ ମୁକୁଳିବା ପାଇଁ ଉଦ୍ଦିଷ୍ଟ ନୁହେଁ। କାରଣ ନୀତି ନିୟମ ଆଳରେ ଯେଉଁ ସୁବିଧା ଧନୀକ ଗୋଷ୍ଠୀ ପାଆନ୍ତି ତାହା ଗରିବଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। କହିବା ବେଳେ ମନ୍ତ୍ରୀ ଗରିବଙ୍କ କଥା କହୁଥିଲା ବେଳେ ମନରେ କିନ୍ତୁ ଧନୀ ଲୋକଙ୍କ ଚିନ୍ତା ରହିଥାଏ। କାରଣ ଧନୀ ଅଧିକ ଧନୀ ହେଲେ ନିର୍ବାଚନ ପାଣ୍ଠିକୁ ସହଯୋଗ କରିବ, କିନ୍ତୁ ଗରିବ କେବଳ ଜିନ୍ଦାବାଦ କରି ଆହାର ଖୋଜିବ। ଯେଉଁ ଦେଶରେ/ରାଜ୍ୟରେ ଅସଂଖ୍ୟ ଦୁର୍ନୀତିଗ୍ରସ୍ତ ନେତା ଲୋକଙ୍କ ଟିକସ ଅର୍ଥକୁ ଲାଞ୍ଚ ଆକାରରେ ଖାଇଯା'ନ୍ତି, ସେଠାରେ ଗରିବ କଲ୍ୟାଣ ହେବ କ'ଣ? ତେଣୁ ଗରିବଙ୍କ ଯୋଜନା ନାଁରେ ନେତା ମନ୍ତ୍ରୀଙ୍କ ଭଣ୍ଡାର ବଢିବା ଯେଉଁପର୍ଯ୍ୟନ୍ତ ରହିଥିବ, ସେପର୍ଯ୍ୟନ୍ତ ଗରିବ ନୂଆ ଜନ୍ମ ନେଉଥିବେ। ଚାଉଳ, ଡାଲି, ଖଣି, ପାଣି ପରି ଅସଂଖ୍ୟ ଦୁର୍ନୀତିରେ ଲିପ୍ତ ଯେଉଁ ନେତା ଓ ମନ୍ତ୍ରୀ ଗରିବ କଲ୍ୟାଣ କଥା ମୁହଁରେ କୁହନ୍ତି ତାହା ଗରିବଙ୍କୁ ଉପହାସ ସଦୃଶ। ମହାଦୁର୍ନୀତିର ମହାନାୟକ ମନ୍ତ୍ରୀ ଓ ନେତାମାନେ ଅତି ଜଘନ୍ୟ କାଣ୍ଡରେ ଜଡିତ ରହି ପାଞ୍ଚ ବର୍ଷରେ ଥରେ ପୁଣି ଭୋଟ ଭିକ୍ଷା କରିବାକୁ ଲଜ୍ଜାବୋଧ ମଧ୍ୟ କରନ୍ତିନାହିଁ। ସେମାନେ ଭାବିନେଇଛନ୍ତି ଯେ,ଏହା ତାଙ୍କର ଅଧିକାର। ଦୁର୍ନୀତି ଯେତେବେଳେ ଜଣେ ବ୍ୟକ୍ତିର ଅଧିକାର ହୋଇଯାଏ, ସେତେବେଳେ ସେ ଅହଙ୍କାରୀ ଓ ଅମଣିଷ ମଧ୍ୟ ହୁଏ। ଆଜିପର୍ଯ୍ୟନ୍ତ କୌଣସି ବଡ଼ ନେତା ଓ ମନ୍ତ୍ରୀଙ୍କ ଆଗରେ ଗରିବଟିଏ ନିଜର ଅଧିକାର ଜାହିର କରିପାରିନାହିଁ। କୁଜିନେତାଙ୍କ ମାର୍ଫତରେ ଏହା କୁହାଯାଇଛି ବା ନିବେଦନ ପତ୍ର ଦ୍ୱାରା ପଠାଯାଇଛି। ଗରିବ ଲୋକ କେବେ ଜୋର ଦେଇ ଶାସନ, ପ୍ରଶାସନ ଠାରୁ ନିଜ କାର୍ଯ୍ୟ ହାସଲ କରିବା ଦେଖାଯାଇନି। ବରଂ ଏହାକୁ ବିନମ୍ରତାର ସହ କୁହାଯାଇଛି, ଯାହାର ସଠିକ ଉତ୍ତର ପାଇବା ସହଜ ହୁଏନାହିଁ। ଆକଳନ କରିବେ ଅଧିକାରୀ, ତାଙ୍କୁ ମଧ୍ୟ ଜୋର ଦେଇ ପଚାରିବାକୁ ସାହସ ଜୁଟାଇ ପାରିନି ଗରିବ। ବାସ୍ତବରେ ଯେତିକି ଉନ୍ନତି କଲେ ଗରିବ ଲୋକ ଅନ୍ୟର ସମକକ୍ଷ ନହେଲେ ବି ପାଖ ପର୍ଯ୍ୟନ୍ତ ପହଞ୍ଚିବାକୁ ସାହସ ଜୁଟାଇପାରିବ ତାହା ସମ୍ଭବ ହୋଇଛି କି?



ସମ୍ପାଦକୀୟ
ତାରକ ମହାନ୍ତି

ଗରିବଙ୍କ ସଂଖ୍ୟା ବଢିବା ପଛରେ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ,ଗରିବ ଲୋକ ନିଜ ପିଲାଙ୍କୁ ଉଚ୍ଚ ଶିକ୍ଷା ଦେବା ପାଇଁ ସମ୍ବଳର ଅଭାବ ତଥା ନାନା କଟକଣା ହେତୁ ଜଣେ ସିଧାସଳଖ ନିଜ ଅଧିକାର ବିଷୟରେ ଶାସନ କଳକୁ ପ୍ରଶ୍ନ କରିନପାରିବା ହେତୁ ଏଭଳି ଅବସ୍ଥା ସୃଷ୍ଟି ହେଉଛି ବୋଲି ଧରିବାକୁ ହେବ। ସମସ୍ତେ ସମାନ ବୋଲି କହୁଥିବା ଆଇନ ବାସ୍ତବରେ ସମସ୍ତଙ୍କୁ ସମାନ ରଖିପାରିଛି କି? ଏହା ହିଁ ବିଡମ୍ବନା। କାରଣ କ୍ଷମତା ଉପଭୋଗ କରୁଥିବା ନେତା, ଅଫିସର ନିଜେ ସମ୍ରାଟ ଭାବେ ବ୍ୟବହାର କରୁଥିବା ଅନୁଭବ ହୁଏନି କି? ସହରରେ ରହୁଥିବା ଜଣେ ବ୍ୟକ୍ତି ନିଜ ହକ ପାଇଁ ଯେତେବେଳେ ଲଢେଇ କରି ହକ ପାଇପାରୁନାହିଁ, ଗାଁରୁ ଆସିଥିବା ଗରିବଟିଏ ଏହା କଣ ସଂଭବ କରିପାରିବ! ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରୁ ଗୋଲାମୀର ଚିହ୍ନ ହଟେଇବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଫଳସ୍ୱରୂପ ଭାରତୀୟ ନୌସେନା ଏକ ନୂତନ ପତାକା ସହ ନୂଆ ପରିଚୟ ପାଇଛି। ସେହିଭଳି ରାଜତନ୍ତ୍ର ଲୋପ ପରେ ଦେଶର ରାଜଧାନୀରେ ଥିବା ରାଜପଥର ନାମ ପରିବର୍ତ୍ତନ କରାଯାଇ ଏହାକୁ କର୍ତ୍ତବ୍ୟ ପଥ କରାଗଲା ଏହା ନିଶ୍ଚୟ ଦେଶ ହିତରେ ବୋଲି କୁହାଯିବ। କାରଣ ସ୍ୱାଧୀନତାର ୭୫ ବର୍ଷ ପରେ ଆମେ ଆଉ ଦାସତ୍ୱର ଚିହ୍ନ ଧରି ନିଜ ପରିଚୟ ଦେବା ଉଚିତ ନୁହେଁ। ସେହିଭଳି ଦୁର୍ଘବର୍ଷ ପରେ ଦେଶ ଗରିବିରୁ ମୁକ୍ତି ପାଇବା ଦରକାର। ଯେତେବେଳେ ଆମେ ବିକାଶରୁ ବିକଶିତ ବୋଲି ବିଶ୍ୱରେ ନିଜ ସ୍ୱାତନ୍ତ୍ର୍ୟ ପାଇଁ ଆଗକୁ ବଢୁଛେ ସେତେବେଳେ ଦାସତ୍ୱର ବିଲୋପ ପରି ଗରିବ ଶବ୍ଦ ହଟାଇବାକୁ ପଡିବ। ନଚେତ ଦେଶ ବିକାଶ ନାଁରେ ମିଛ ପ୍ରଚାର ଚାଲିଛି ବୋଲି କୁହାଯିବ। ପ୍ରତ୍ୟେକ କ୍ଷେତ୍ରରେ ଧନୀ ଗରିବ ଭେଦ ଭାବ ସୃଷ୍ଟି ନକରି ସମାନ ଧାରା ଆରମ୍ଭ କରାଯାଇ ବିଭିନ୍ନ କ୍ଷେତ୍ରରେ ନିଷ୍ପେସିତ ବ୍ୟକ୍ତିମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବାକୁ ହେବ। ନଚେତ୍ ଯେଉଁମାନେ ନିଜର ଅଧିକାରରୁ ବଞ୍ଚିତ ହେଉଛନ୍ତି ତାଙ୍କ ଭିତରେ ଯେଉଁ କ୍ଷୋଭ ପ୍ରକାଶ ପାଇବ ତାହା ବିଦ୍ରୋହର ରୂପ ନେବା ଅସମ୍ଭବ ନୁହେଁ। ଭାରତ ଏକ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିଲା ବେଳେ ଏହାର ସମ୍ବିଧାନରେ ଥିବା ବିଭିନ୍ନ ଅଧିକାର ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଇ କେଉଁ ମାର୍ଗରେ ନିଜର ଅଧିକାରକୁ ଜାହିର କରିହେବ ତାହା ଶିକ୍ଷା ଦେବାକୁ ପଡିବ। ନିକଟରେ ବିଶ୍ୱବ୍ୟାଙ୍କ କରିଥିବା ସର୍ଭେ ଅନୁସାରେ ଭାରତରେ ଦାରିଦ୍ର୍ୟ ସଂଖ୍ୟା କମି ଏହା ୧୦%ରେ ପହଞ୍ଚିଛି। ଏଥିରେ ୪% ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ହେଲେ ଯାହା ଜଣାପଡିଛି ଦେଶରେ ଅନେକ ଲୋକଙ୍କ ପାଖରେ ରହିବାକୁ ଘର, ଶୁଦ୍ଧ ପାନୀୟ ଜଳ, ବିଜୁଳି ଏବଂ ଯୋଗାଯୋଗ ମାଧ୍ୟମ ଉପଲବ୍ଧ ନୁହେଁ। ଅନେକ ଦୁର୍ଗମ ଅଞ୍ଚଳରେ ଗମନା ଗମନ ପାଇଁ ଭଲ ରାସ୍ତା ନଥିବାରୁ ଗର୍ଭବତୀ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ ରାସ୍ତାରେ ମଧ୍ୟ ପ୍ରସବ କରୁଛନ୍ତି। ଓଡ଼ିଶାର ଚିତ୍ରକୁ ଦେଖିଲେ ଏଭଳି ଅନେକ ଉଦାହରଣ ମିଳିବ। ଏପରିକି ବିଦ୍ୟାଳୟକୁ ଯାଉଥିବା କୁନିକୁନି ପିଲାଙ୍କ ପାଇଁ ଗମନା ଗମନର ବ୍ୟବସ୍ଥା ନଥିବାରୁ ସେମାନେ ନଦୀ, ନାଳ ପାର ହୋଇ ବିଦ୍ୟାଳୟକୁ ଯାଉଛନ୍ତି। ରାଜ୍ୟର କିଛି ଦୁର୍ଗମ ଅଞ୍ଚଳରେ ବର୍ଷା ଦିନେ ଛୋଟଛୋଟ ପିଲାମାନେ ବିଦ୍ୟାଳୟ ଛୁଟି ହେବା ପରେ ଘରକୁ ଯାଇ ନପାରି ଅନ୍ୟତ୍ର ଆଶ୍ରୟ ନେବାର ନଜିର ମଧ୍ୟ ରହିଛି। ଏଭଳି ସ୍ଥିତିରେ କେବଳ ଭୋଟ ରାଜନୀତି ନକରି ଦେଶ ଓ ରାଜ୍ୟର ନେତୃତ୍ୱ ନେଉଥିବା ନେତୃମଣ୍ଡଳୀ ବାସ୍ତବ ତଥ୍ୟ କ'ଣ ଅନୁଧ୍ୟାନ କରି ଯାହା ସାଧାରଣ ନାଗରିକଙ୍କ ପାଇଁ ପ୍ରଯୁଜ୍ୟ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ବଦ୍ଧପରିକର ହୋଇପାରିଲେ ଦେଶ ବିକାଶର ଚିତ୍ର ବଦଳି ପାରିବ।

### ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବିମାନବାହୀ ଯୁଦ୍ଧପୋତ: ବିରାଟରୁ ବିକ୍ରାନ୍ତ



ସୌମେନ୍ଦ୍ର ଜେନା

ସେପ୍ଟେମ୍ବର ୨ ତାରିଖ ଦିନ କେରଳର କୋଚିଠାରେ ଭାରତର ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ପ୍ରଥମ ବିମାନବାହୀ ଯୁଦ୍ଧପୋତ ବିକ୍ରାନ୍ତର ଜଳାବତରଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କୋଚିନ ସିପୟାର୍ଡରେ ନିର୍ମିତ ଏହି ଯୁଦ୍ଧପୋତକୁ ଦେଶର ବର୍ତ୍ତମାନ ସମୟରେ ବଡ ପୋତ ବୋଲି କୁହାଯାଉଛି। ଏହା ୨୬୨ମିଟର ଦୀର୍ଘ, ୬୨ମିଟର ପ୍ରସ୍ଥ, ୫୯ମିଟର ଉଚ୍ଚତା ବିଶିଷ୍ଟ, ଯାହା ୩୦ଟି ଯୁଦ୍ଧ ବିମାନକୁ ବହନ କରିବାର କ୍ଷମତା ରଖିଛି। ପ୍ରାୟ ୧୦ବର୍ଷ ଧରି ଚାଲିଥିବା ଏହି ପୋତର ନିର୍ମାଣରେ ୨୩ହଜାର କୋଟି ଟଙ୍କା ବ୍ୟୟ କରାଯାଇଥିବା କୁହାଯାଉଛି। ଭାରତୀୟ ନୌସେନାରେ ଦୀର୍ଘଦିନ କାର୍ଯ୍ୟ କରିବା ପରେ ବାହାର ହୋଇଥିବା ପୁରୁଣା ବିମାନବାହୀ ଯୁଦ୍ଧପୋତ ବିକ୍ରାନ୍ତର ନାମାନୁସାରେ ନୂଆ ଯୁଦ୍ଧପୋତର ନାମକରଣ କରାଯାଇଛି। ପୃଥିବୀରେ ବିମାନବାହୀ ଯୁଦ୍ଧପୋତ ସମୁଦ୍ରରେ ଏକ ଭାସମାନ ସହର ସଦୃଶ କାର୍ଯ୍ୟ କରିବା ସହ ସମୁଦ୍ରପଥରେ ଦୃଷ୍ଟି ରଖିବା ପାଇଁ ସୁବିଧା ଯୋଗାଇ ଦେଇଥାଏ। କାରଣ ଏଥିରେ ଥିବା ବିମାନର ଷ୍ଟ୍ରିପରୁ ବିମାନ ଉଡିବା ସହ ଅବତରଣ କରିଥାଏ। ଯାହା ଫଳରେ ସମୁଦ୍ର ଭିତରେ ବହୁଦିନଧରି ରହିବା ସଙ୍ଗେ ସଙ୍ଗେ ଏକ ବଡ ଅଞ୍ଚଳକୁ କେନ୍ଦ୍ର କରି ପ୍ରତିରକ୍ଷା ଦୃଷ୍ଟିରୁ ନଜର ରଖିବା ସହଜ ହୋଇଥାଏ।

ପୂର୍ବରୁ ଭାରତ ରୁଷିଆ ନିର୍ମିତ ପ୍ରଥମ ବିମାନବାହୀ ଯୁଦ୍ଧପୋତ ଆଇଏନ୍‌ଏସ୍ ବିକ୍ରମାଦିତ୍ୟକୁ ବ୍ୟବହାର କରିଆସୁଛି। ବିକ୍ରମାଦିତ୍ୟର ଡିଜାଇନ ଓ ନିର୍ମାଣ ଆଦି ରୁଷିଆ ହିଁ କରିଥିଲା। ଏହାର ଉଚ୍ଚତା ୬୦ମିଟର, ଓଜନ ୪୫ହଜାର ଟନ୍, ସର୍ବାଧିକ ଗତି ୫୫ କି.ମି ପ୍ରତିଘଣ୍ଟା, ଲମ୍ବ ୨୮୪ମିଟର,ପ୍ରସ୍ଥ ୬୧ମିଟର ରହିଛି। ଏହାର ରେଞ୍ଜ ୧୩ହଜାର କିଲୋମିଟର ଥିଲାବେଳେ ଏଥିରେ ୧୬୫୦ ରୁ ୧୭୦୦ ଯବାନ ରହିପାରିବେ। ୩୫ଟି ଯୁଦ୍ଧବିମାନକୁ ଏହା ବହନ କରିବାର କ୍ଷମତା ରଖିଛି। ୧୬ନଭେମ୍ବର ୨୦୧୩ରେ ଏହା ଭାରତୀୟ ନୌସେନାରେ ସାମିଲ ହୋଇଥିଲା। ମୂଳତଃ ରୁଷିଆର ନୌସେନା ପାଇଁ ବାକୁଠାରେ ୧୭ ଫେବୃଆରୀ ୧୯୭୮ରେ ଏହାର ନିର୍ମାଣ ଆରମ୍ଭ ହୋଇଥିଲା। ସୋଭିଏତ୍ ନୌସେନା ସହ ୧ ଏପ୍ରିଲ ୧୯୮୨ରେ ଏହା ଯୋଗ ଦେଇଥିଲା। ସେଭ୍‌ମାସ୍ (ରୁଷିଆ) ଏବଂ ବ୍ଲାକ ସି ସିପୟାର୍ଡର ମିଳିତ ଉଦ୍ୟମରେ ଏହା ନିର୍ମିତ ହୋଇଥିଲା। ଆଡମିରାଲ ଗୋର୍ସକୋଭ ନାମରେ ଏହା ପ୍ରଥମେ ପରିଚିତ ଥିଲା। ୧୯୯୬ରେ ଏହାକୁ କାର୍ଯ୍ୟରୁ ବାହାର କରାଯାଇଥିଲା। ପରେ ୨୦ ଜାନୁଆରୀ ୨୦୦୪ରେ ଏହାକୁ ଭାରତ କିଣିଥିଲା। ଭାରତ ୨.୩୫ ବିଲିଅନ ଡଲାର ଦେଇ ଏହାକୁ କିଣିବାପରେ ଏହାର ଆଧୁନିକୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୪ ଜୁନ୍ ୨୦୧୪ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଆଇଏନ୍‌ଏସ୍ ବିକ୍ରମାଦିତ୍ୟ ନାମରେ ଭାରତର ନୌସେନାକୁ ହସ୍ତାନ୍ତରଣ କରିଥିଲେ। ତେବେ ଏହାର ଆଧୁନିକୀକରଣ ଏବଂ ହସ୍ତାନ୍ତରଣରେ ବହୁ ବିଳମ୍ବ ହେବା ସଙ୍ଗେ ସଙ୍ଗେ ଭାରତକୁ ଅଧିକ ୧.୨ ବିଲିଅନ ଡଲାର ଦେବାକୁ ହୋଇଥିଲା। ରୁଷିଆର ସେଭେରୋଡଭିନକ୍ସଠାରେ ଏହାର ପୁନଃନିର୍ମାଣ କାର୍ଯ୍ୟ ହୋଇଥିଲା।

ଆଇଏନ୍‌ଏସ୍ ବିକ୍ରମାଦିତ୍ୟକୁ ରୁଷିଆଠୁ କିଣିବା ପୂର୍ବରୁ ଭାରତର ନୌସେନା ପାଖରେ ଆଇଏନ୍‌ଏସ ବିରାଟ ନାମକ ସେଣ୍ଟାଉର ଶ୍ରେଣୀର ବିମାନବାହୀ ଯୁଦ୍ଧପୋତ ରହିଥିଲା, ଯାହାକୁ ବ୍ରିଟେନ୍‌ଠାରୁ ଭାରତ ୧୯୮୭ରେ କିଣିଥିଲା। ଯାହାର ନିର୍ମାଣ ୨୧ଜୁନ୍ ୧୯୪୪ରେ ଭିକର୍ସ ଆର୍ମଷ୍ଟ୍ରଙ୍ଗ ଏବଂ ଭିକର୍ସ ସିପ୍‌ବିଲ୍ଡିଂ ଏଣ୍ଡ୍ ଇଞ୍ଜିନିୟରିଂ ଆରମ୍ଭ କରିଥିଲେ। ୧୬ ଫେବୃଆରୀ ୧୯୫୩ରେ ଏହା ନୌସେନାରେ ସାମିଲ ହୋଇ ୧୯୫୯ରେ ବ୍ରିଟେନର ରୟାଲ ନେଭିରେ ଏଚ୍‌ଏମ୍‌ଏସ୍ ହରମେସ୍ ନାମରେ ଯୋଗ ଦେଇଥିଲା। ୧୯୮୪ରେ ଏହା ନୌସେନାରୁ ବାହାରି ଯାଇଥିଲା । ପରେ ୧୨ମଇ ୧୯୮୭ରେ ଭାରତୀୟ ନୌସେନାରେ ଯୋଗ ଦେଇ ପ୍ରାୟ ୩୦ବର୍ଷ କାର୍ଯ୍ୟକରି ୨୩ ଜୁଲାଇ ୨୦୧୬ରେ ନୌସେନାରୁ ମୁକ୍ତ ହୋଇଥିଲା। ବିରାଟର ଓଜନ ୨୩୯୦୦ ଟନ୍, ଦୈର୍ଘ୍ୟ୨୨୬ ମିଟର, ପ୍ରସ୍ଥ ୪୮୭.୮ମିଟର, ଗତି ୫୨କିମି ପ୍ରତିଘଣ୍ଟା ରହିଥିଲା । ଏଥିରେ ୨୬ ବିମାନବହନ କରିବା କ୍ଷମତା ରହିଥିଲା।

ଆଇଏନ୍‌ଏସ୍ ବିରାଟ ପୂର୍ବରୁ ଆଇଏନ୍‌ଏସ୍ ବିକ୍ରାନ୍ତ ନାମରେ ଭାରତୀୟ ନୌସେନା ନିକଟରେ ଏକ ଯୁଦ୍ଧପୋତ ଥିଲା ଯାହାକୁ ଭାରତ ୧୯୫୭ରେ ବ୍ରିଟେନ ନୌସେନାଠାରୁ କ୍ରୟ କରି ୪ ମାର୍ଚ୍ଚ ୧୯୬୧ରେ ନିଜ ନୌସେନାରେ ସାମିଲ କରିଥିଲା। ଏହାକୁ ୧୪ ଅକ୍ଟୋବର ୧୯୪୩ରେ ଭିକର୍ସ ଆର୍ମଷ୍ଟ୍ରଙ୍ଗ ନିର୍ମାଣ ଆରମ୍ଭ କରିଥିଲେ। ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଯୁଦ୍ଧପରେ ନିର୍ମାଣ ୭୫ପ୍ରତିଶତ ଶେଷ ହୋଇଥିଲା ବେଳେ କାର୍ଯ୍ୟକୁ ବନ୍ଦ କରିଦିଆଯାଇଥିଲା। ଜାନୁଆରୀ ୧୯୫୭ରେ ଭାରତ ଏହାକୁ କିଣିଥିଲା। ହର୍ଲାଣ୍ଡ ଏଣ୍ଡ ଉଲଫ ସଂସ୍ଥା ବିକ୍ରାନ୍ତର ଅବଶିଷ୍ଟ ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ। ୧୯୭୧ରେ ପାକ୍-ଭାରତ ଯୁଦ୍ଧବେଳେ ବଙ୍ଗଳାଦେଶ ଜଳସୀମାକୁ ଅବରୋଧ କରିବାରେ ଏହାର ଭୂମିକା ଥିଲା ବହୁତ ଅଧିକ। ବ୍ରିଟିସ ରୟାଲ ନେଭି ପକ୍ଷରୁ ଏହାର ନାମ ଏଚ୍‌ଏମ୍‌ଏସ୍ ହର୍କୁଲେସ୍ ରଖାଯାଇଥିଲା।

ବିମାନବାହୀ ଯୁଦ୍ଧପୋତର ନିର୍ମାଣ ଏବଂ ରକ୍ଷଣାବେକ୍ଷଣରେ ଅଧିକ ଅର୍ଥ ଖର୍ଚ୍ଚ ହେଉଥିବାରୁ ମାତ୍ର ୨୫ଟି ଏପରି ଯୁଦ୍ଧପୋତ ପୃଥିବୀରେ ରହିଛି। ତନ୍ମଧ୍ୟରୁ କେବଳ ୧୧ଟି ଆମେରିକାର, ୩ଟି ଚୀନର, ୨ଟି ଲେଖାଏଁ ଭାରତ, ବ୍ରିଟେନ ଓ ଇଟାଲୀ ହାତରେ ଥିଲାବେଳେ ଗୋଟିଏ ଲେଖାଏଁ ରୁଷିଆ, ଫ୍ରାନ୍ସ, ସ୍ପେନ ଓ ଥାଇଲାଣ୍ଡ ପାଖରେ ରହିଛି। ଆମେରିକାର ଗେରାଲଡ୍ ଆର୍ ଫୋର୍ଡ ଏସବୁ ମଧ୍ୟରେ ବଡ ଯୁଦ୍ଧପୋତ ଯାହା ୨ଟି ଆଣବିକ ରିଆକଟର ଦ୍ୱାରା ଚାଳିତ। ଏହାର ଓଜନ ୧ଲକ୍ଷ ଟନ୍, ସଦସ୍ୟ ୪୫୦୦, ୭୫ ବିମାନ ରହିବାର ବ୍ୟବସ୍ଥା ରହିଛି। ଏହା ପଛକୁ ବ୍ରିଟେନର କ୍ୱିନ ଏଲିଜାବେଥ ରହିଛି ଯାହାର ଓଜନ ୫୯୦୦୦ ଟନ୍, ସଦସ୍ୟ ୧୬୦୦, ୫୦ ବିମାନ ବହନ କରିବା କ୍ଷମତା ରହିଛି। ଏହା ପଛକୁ ଚୀନର ଲିଓନିଙ୍ଗ ଯୁଦ୍ଧପୋତ ରହିଛି ଯାହାର ଓଜନ ୫୮୫୦୦ଟନ୍, ସଦସ୍ୟ ୨୭୦୦, ୫୦ ବିମାନ ବହନ କ୍ଷମତା ରହିଛି। ରୁଷିଆର ଆଡମିରାଲ କୁଜନେସୋଭ ୫୮, ୫୦୦ଟନ ଓଜନ ବିଶିଷ୍ଟ,ସଦସ୍ୟ ରହିବା ସଂଖ୍ୟା ୧୬୯୦, ଯୁଦ୍ଧବିମାନ କ୍ଷମତା ୫୦ରହିଛି, ଫ୍ରାନ୍ସର ସାର୍ଲ ଦ ଗଲର ଓଜନ ୪୨୦୦୦ ଟନ୍,ସଦସ୍ୟ ୨୦୦୦, ବିମାନ ବହନ କ୍ଷମତା ୪୦ରହିଛି।

ଭାରତୀୟ ନୌସେନାର ଦ୍ୱିତୀୟ ବିମାନବାହୀ ଯୁଦ୍ଧପୋତ ବିକ୍ରାନ୍ତର ଜଳାବତରଣ ପରେ ଆଇଏନ୍‌ଏସ୍ ବିଶାଳ ନିର୍ମାଣକୁ ତ୍ୱରାନ୍ୱିତ କରାଯିବ ବୋଲି ଜଣାପଡିଛି। ୨୦୧୨ରେ ବିଶାଳର ଡିଜାଇନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଚଳିତବର୍ଷ ଏପ୍ରିଲ ୨୦୨୨ରେ ଏଥିପାଇଁ ଭେଲ ପକ୍ଷରୁ ଜିଇପାୱାର ସହ ଇଲେକଟ୍ରିକ୍ ବ୍ୟବସ୍ଥା ପାଇବାକୁ ବୁଝାମଣା କରାଗଲା। ୨୦୩୦ସୁଦ୍ଧା ଏହାର ନିର୍ମାଣ ଶେଷ ହେବା ସମ୍ଭାବନା ରହିଛି। ଏହାର ଲ୍ୟାଣ୍ଡିଂ ବ୍ୟବସ୍ଥା ବିକ୍ରମାଦିତ୍ୟ ଏବଂ ବିକ୍ରାନ୍ତଠାରୁ ଭିନ୍ନ ରହିବ , ଯେଉଁଥିରେ କଟୋବର ବ୍ୟବସ୍ଥା ଉପଯୋଗ ହେବ। ବିକ୍ରାନ୍ତ ଏବଂ ବିକ୍ରମାଦିତ୍ୟରେ ବିମାନ ଉଡାଣ ଏବଂ ଅବତରଣ ପାଇଁ ଷ୍ଟୋବାର ବ୍ୟବସ୍ଥା ରହିଛି, ଯାହାର ରନ୍‌ୱେ ଶେଷ ଭାଗ ଉପରକୁ ୧୨ରୁ ଡିଗ୍ରୀ ଉଠି ରହିଥାଏ। ବିଶାଳ ଯୁଦ୍ଧପୋତରେ କେଟାପୁଲଟ ଟେକ୍ ଅଫ୍ (ଉଡାଣ) ବ୍ୟବସ୍ଥା ରହିଛି। ଏଥିରେ ତୀର ମାରିଲା ପରି ବିମାନକୁ ଆଗକୁ ଠେଲିବାର ବ୍ୟବସ୍ଥା କରାଯାଇଥାଏ। ଏହି ବ୍ୟବସ୍ଥା ଆମେରିକାର ଯୁଦ୍ଧପୋତରେ ରହିଛି। ଏଥିପାଇଁ ଭାରତ ଆମେରିକାଠାରୁ ଏୟାରକ୍ରାଫ୍ଟ ଲଞ୍ଚ ସିଷ୍ଟମ ବା ଇମଲ୍ସ ଟେକ୍‌ନିକ୍ କ୍ରୟ କରିଛି। ଯାହା ଆଣବିକ ଶକ୍ତି ବଦଳରେ ଇଲେକ୍ଟ୍ରୋମ୍ୟାଗନେଟ୍ ଟେକ୍‌ନିକ୍ ଆଧାରରେ କାର୍ଯ୍ୟକରିବ । ବିଶାଳର ଟେକ୍ ଅଫ୍ ରନ୍‌ୱେ ବିକ୍ରାନ୍ତଠାରୁ ଲମ୍ବରେ କମ୍ ରଖାଯିବାକୁ ସ୍ଥିର ହୋଇଛି। ଯାହାଫଳରେ ଏହାର ନିର୍ମାଣ କାର୍ଯ୍ୟ ଶୀଘ୍ର ହୋଇପାରିବ। ଏଥିରେ ବ୍ୟବହାର ହେବାକୁ ଥିବା ବିମାନଗୁଡିକ ସ୍ୱତନ୍ତ୍ର ରହିବ ଯାହାପାଇଁ ଦୀର୍ଘ ଟେକ୍ ଅଫ୍ ଅଞ୍ଚଳ ଦରକାର ହେବ ନାହିଁ। ଏହାଦ୍ୱାରା କେବଳ ସମୟ ନୁହେଁ ନିର୍ମାଣ ଖର୍ଚ୍ଚ ଅନେକ ପରିମାଣରେ ହ୍ରାସ କରାଯାଇପାରିବ।

ଚୀନ ନୌସେନା ନିକଟରେ ଲିଓନିଙ୍ଗ ଏବଂ ସେଡୋଙ୍ଗ ନାମରେ ଦୁଇଟି ବିମାନବାହୀ ଯୁଦ୍ଧପୋତ ପୂର୍ବରୁ ରହିଥିଲା। ଚଳିତବର୍ଷ ଜୁନ୍ ମାସରେ ତୃତୀୟ ଯୁଦ୍ଧପୋତ ଫୁଜିୟାନକୁ ଚୀନ ଜଳାବତରଣ କରାଇଛି। ଏଥିରେ କାଟୋବର ଟେକ୍‌ନିକ୍‌ର ଉପଯୋଗ ହୋଇଛି। ତେଣୁ ଭାରତର ନୌସେନା ହାତରେ ଅନ୍ତତଃ ତିନୋଟି ଏପରି ଯୁଦ୍ଧପୋତ ରହିବା ଦରକାର ବୋଲି କୁହାଯାଇଛି, ଯାହାକୁ ବଙ୍ଗୋପସାଗର, ଭାରତ ମହାସାଗର ଏବଂ ଆରବ ସାଗରରେ ମୁତୟନ କରାଯାଇପାରିବ। ଆଗାମୀ ଦିନରେ ସାମୁଦ୍ରିକ ସୁରକ୍ଷା ବଡ ବିଷୟ ହେବାକୁ ଯାଉଥିବା ସମୟରେ ଅଧିକ ବିମାନବାହୀ ଯୁଦ୍ଧପୋତ ଭାରତ ଦରକାର କରୁଛି। ଏକ ସମୟରେ ଚୀନ ଓ ପାକ୍ ପଟୁ ଜଳପଥରେ ଆକ୍ରମଣର ସମ୍ଭାବନାକୁ ଦୃଷ୍ଟିରେ ରଖି ଭାରତୀୟ ନୌସେନା ଏବେଠୁ ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ପାକିସ୍ତାନର ଇନଫର୍ମେସନ ଜିହାଦର ଷଡଯନ୍ତ୍ର



ଡ. ସମନ୍ୱୟ ନନ୍ଦ

ପାକିସ୍ତାନର ଏଜେଣ୍ଡା ହେଲା ଭାରତକୁ ଅସ୍ଥିର କରିବା। ଦୟନୀୟ ଆର୍ଥିକ ସ୍ଥିତିରେ ଥିବା ପାକିସ୍ତାନ ତାର ଲୋକଙ୍କୁ ଖାଇବାକୁ ନ ଦେଇ ପାରି କାଙ୍ଗାଳ ହେବାକୁ ବସିଲେ ସୁଦ୍ଧା ଭାରତକୁ ଅସ୍ଥିର କରିବାକୁ ତାର ଏଜେଣ୍ଡା ଜାରୀ ରଖିଛି। ପାକିସ୍ତାନ ଭାରତକୁ ଅସ୍ଥିର କରିବାକୁ ଭାରତର ଲୋକ ମାନଙ୍କୁ ପରସ୍ପର ବିରୁଦ୍ଧରେ ଲଢେଇ କରାଇବା, ସେମାନଙ୍କ ମଧ୍ୟରେ କଟୁତା ଉତ୍ପନ୍ନ କରିବା ଦିଗରେ ଲଗାତାର କାର୍ଯ୍ୟ କରି ଆସୁଛି। କିଛି ମୁଷ୍ଟିମେୟ ଲୋକଙ୍କୁ ଧରି ଖଲିସ୍ତାନ ନାମରେ ଶିଖ ମାନଙ୍କୁ ଦେଶରୁ ଅଲଗା କରିବାକୁ ସେ ଲଗାତାର ପ୍ରୟାସ କରି ଆସିଛି। ହେଲେ ଶିଖ ମାନେ ପାକିସ୍ତାନର ଏହି ଏଜେଣ୍ଡାକୁ ଭଲ ଭାବେ ବୁଝିଛନ୍ତି। ତେଣୁ ୮୦ ଦଶକରେ ଆଇଏସଆଇ ସମ୍ପୂର୍ଣ୍ଣ ପଂଜାବରେ ଆତଙ୍କବାଦର ନିଆଁ ଲଗାଇଥିଲା। ହେଲେ ସାଧାରଣ ଲୋକଙ୍କ ସମର୍ଥନ ଅଭାବରୁ ସେଥିରେ ସେ ସଫଳ ହୋଇ ପାରି ନ ଥିଲା। ଏବେ ମଧ୍ୟ ଯଦା କଦା ସେମାନେ ଖଲିସ୍ତାନର କଥା ଉଠାଇଥାନ୍ତି। କାନାଡା ପରି ଦେଶ ମାନଙ୍କରେ ଏହାକୁ ନେଇ କେବେ କେବେ ଧାରଣା ପ୍ରଦର୍ଶନ ମଧ୍ୟ କରିଥାନ୍ତି। ହେଲେ ପାକିସ୍ତାନ ଏହି ମାମଲାରେ ସଫଳ ହୋଇ ପାରି ନାହିଁ। ତେବେ ଏହା ସତ୍ୱେ ପାକିସ୍ତାନ ତାର ଏହି ପ୍ରୟାସ ଛାଡି ନାହିଁ। ଏହାକୁ ଲଗାତାର ଜାରି ରଖିଛି।

ପାକିସ୍ତାନ ଏବେ ଭାରତରେ ଲୋକ ମାନଙ୍କ ମଧ୍ୟରେ ବିବାଦ ବଢାଇବା ପାଇଁ ଅନେକ ପ୍ରକାର ନୂଆ ନୂଆ ଉପାୟ ଅବଲମ୍ବନ କରିବା ଆରମ୍ଭ କଲାଣି। ତାର ଏକ ଉଦାହରଣ ଏବେ ଦେଖିବାକୁ ମିଳିଛି।

ଭାରତ – ପାକିସ୍ତାନ କ୍ରିକେଟ ମ୍ୟାଚରେ ଭାରତ ପରାଜିତ ହୋଇଛି।



ଖେଳରେ ଜୟ ପରାଜୟ ଲାଗି ରହିଥାଏ। ଏଥିରେ କିଛି ନୂଆ କଥା ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯେ ଏହି ପାକିସ୍ତାନ ଓ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଏହି ମ୍ୟାଚରେ ଭାରତର ପରାଜୟ ଓ ଏକ ଘଟଣାକୁ ନେଇ ଭାରତ ବିରୁଦ୍ଧରେ ଏକ ବଡ ଷଡଯନ୍ତ୍ର ଆରମ୍ଭ କରି ଦେଇଛି।

ଏହି ମ୍ୟାଚରେ ଅର୍ଶଦୀପ ସିଂହ ନାମକ ଜଣେ ନବାଗତ ଖେଳାଳୀ ମ୍ୟାଚରେ ଗୋଟିଏ କ୍ୟାଚ ହାତଛଡା କରି ଦେଇଥିଲେ। ଖେଳରେ ଏପରି ହୋଇଥାଏ। ସମର୍ଥକ ଦର୍ଶକ ମାନେ ମଧ୍ୟ ଏଥି ପ୍ରତି ଅସନ୍ତୋଷ ପ୍ରକାଶ ମଧ୍ୟ କରିଥାନ୍ତି। ଏଥିରେ କିଛି ନୂଆ କଥା ନାହିଁ। ହେଲେ ଅର୍ଶଦୀପଙ୍କ ମାମଲାରେ ପାକିସ୍ତାନରୁ ଏକ ଭୟଙ୍କର ଇନଫର୍ମେସନ ଜିହାଦ ଆରମ୍ଭ କରାଯାଇଛି। ପାକିସ୍ତାନର କିଛି ଟ୍ୱିଟର ହ୍ୟାଣ୍ଡେଲରୁ ଅପ ପ୍ରଚାର କରାଯାଉଛି ଯେ ଭାରତର ଲୋକ ମାନେ ଅର୍ଶଦୀପଙ୍କୁ ଖାଲିସ୍ତାନୀ ବୋଲି କହି ସୋସିଆଲ ମିଡିଆରେ ଗାଳି ଗୁଲଜ କରୁଛନ୍ତି। ସେ ଖଲିସ୍ତାନୀ ହୋଇଥିବାରୁ ଏହି କ୍ୟାଚ ଛାଡିଛନ୍ତି ବୋଲି ଏହି ଟ୍ୱିଟ ମାନଙ୍କରେ କୁହା ଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଏହି ଟ୍ୱିଟର ହ୍ୟାଣ୍ଡେଲ ଗୁଡିକର ନାମ ହିନ୍ଦୁ ମାନଙ୍କର ନାମରେ ରହିଛି। ଏହି ପୋଷ୍ଟ ଗୁଡିକ ପାକିସ୍ତାନରୁ କରାଯାଇଛି ବୋଲି ସାଧାରଣ ଭାବେ କେହି ଜାଣି ପାରିବେ ନାହିଁ।

ବାସ୍ତବରେ ଭାରତର କୌଣସି ଖେଳାଳୀ ଭଲ ପ୍ରଦର୍ଶନ କଲେ ତାଙ୍କୁ ଦର୍ଶକ ମାନେ ପ୍ରଶଂସା କରିଥାନ୍ତି। ସେହିପରି ଖରାପ ପ୍ରଦର୍ଶନ କଲେ ତାଙ୍କ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିଥାନ୍ତି। ହେଲେ ଏଇ ପୂରା ପ୍ରକରଣରେ ଖଲିସ୍ତାନ କେଉଁଠୁ ଆସିଲା?

କିଛି ସମୟ ମଧ୍ୟରେ ଏହି ବିଷୟ ସୋସିଆଲ ମିଡିଆରେ ଟ୍ରେଣ୍ଡ କରିବା ଆରମ୍ଭ କରି ଦେଲା। ଏହା ପରେ ପାକିସ୍ତାନୀ ଟ୍ୱିଟର ହ୍ୟାଣ୍ଡେଲ ମାନଙ୍କର କାମ ଶେଷ ହେଲା। ଏହା ପରେ ପାକିସ୍ତାନର ଭାରତରେ ଥିବା ଇକୋ ସିଷ୍ଟମର ଲୋକ ମାନଙ୍କର କାମ ଆରମ୍ଭ ହୋଇଥିଲା। ସବୁବେଳେ ଇସଲାମୀ ଏଜେଣ୍ଡା ଓ ହିନ୍ଦୁ ବିରୋଧକୁ ପ୍ରୋତ୍ସାହନ ଦେଉଥିବା ଅନେକ ଲୋକ ଏହି ପ୍ରସଙ୍ଗରେ ଟ୍ୱିଟ କରିବା ଆରମ୍ଭ କରି ଦେଲେ। ସେମାନେ ଟ୍ୱିଟ କରି କହିଲେ ଯେ ଭାରତରେ ଏବେ ଶିଖ ମାନଙ୍କୁ ଖଲିସ୍ତାନୀ ବୋଲି କହିବା ଆରମ୍ଭ କରି ଦେଲେଣି। ଭାରତରେ ହିନ୍ଦୁ ମାନେ ଏବେ ଏପରି ହୋଇ ଗଲେଣି।

ପ୍ରଥମେ ପାକିସ୍ତାନରୁ ଏହି ଇନଫର୍ମେସନ ଜିହାଦ ଆରମ୍ଭ ହୋଇଥିଲା। ପରେ ଭାରତରେ ବସିଥିବା ପାକିସ୍ତାନୀ ଇକୋ ସିଷ୍ଟମର ଲୋକ ମାନେ ଏହି କଥାକୁ ଆଗକୁ ବଢାଇବା ପରେ କିଛି ଭାରତୀୟ ମଧ୍ୟ ଆଇଏସଆଇର ଗେମ ପ୍ଲାନ ସମ୍ପର୍କରେ ନ ବୁଝି ଅଜାଣତରେ ଏହା ଉପରେ ପ୍ରତିକ୍ରିୟା ଦେବା ଆରମ୍ଭ କରି ଦେଲେ। ଏପରି କରିବା ବେଳେ ସେମାନେ ବୁଝି ପାରୁ ନ ଥିଲେ ଯେ ସେମାନେ ଅଜାଣତରେ ଆଇଏସଆଇର ଷଡଯନ୍ତ୍ରର ଜାଲରେ ଫସି ଯାଇଛନ୍ତି।

ପାକିସ୍ତାନ ଓ ଏହାର ଗୁଇନ୍ଦା ସଂସ୍ଥା ଭାରତକୁ କେବଳ ତାଲିମ ଦେଇ କେବଳ ଆତଙ୍କବାଦୀଙ୍କୁ ପଠାଏ ନାହିଁ। ଭାରତର ଲୋକ ମାନଙ୍କ ମଧ୍ୟରେ ଏକତା ନଷ୍ଟ କରିବା, ଜଣଙ୍କୁ ଅନ୍ୟ ଜଣଙ୍କ ବିରୁଦ୍ଧରେ ଉସୁକାଇବା, ତିକ୍ତତା ସୃଷ୍ଟି କରିବା ପାଇଁ ବିଭିନ୍ନ ପ୍ରକାର ଉପାୟ କରେ। ଏବେ ସୋସିଆଲ ମିଡିଆ ଏଭଳି କରିବାର ସବୁଠାରୁ ବଡ ମାଧ୍ୟମ। କାରଣ ଏଇଥିରେ ନାମ ବଦଳାଇ କେଉଁ ଠାରୁ ହେଲେ ସୋସିଆଲ ମିଡିଆରେ ପୋଷ୍ଟ କରି ତାକୁ ଭାରତରୁ ପୋଷ୍ଟ କରାଯାଉଛି ବୋଲି କୁହା ଯାଇ ପାରିବ। ପାକିସ୍ତାନ ଠିକ ଏଇଆ କରି ଭାରତ ବିରୁଦ୍ଧରେ ଇନଫର୍ମେସନ ଜିହାଦ ଚଳାଇଛି। ତେଣୁ ପ୍ରତ୍ୟେକ ଭାରତୀୟଙ୍କୁ ପାକିସ୍ତାନ ଓ ଆଇଏସଆଇର ଏହି ଭୟଙ୍କର ଷଡଯନ୍ତ୍ରକୁ ବୁଝିବାକୁ ପଡିବ।

## ମନ ତୋହର ନିଜ ଗୁରୁ

ସୁଷମା ପରିଜା

ପ୍ରତ୍ୟେକ କାମ କରିବା ପାଇଁ ଯୁକ୍ତିଯୁକ୍ତ କାମଟିଏ ଖୋଜନ୍ତୁ ନାହିଁ। ଏମିତି କାମଟିଏ କରନ୍ତୁ ଯେଉଁଥିରେ ଆପଣଙ୍କୁ ମାନସିକ ଖୁସି ମିଳୁଥିବ କିମ୍ବା ସେଇ କାମ ପ୍ରତି ଆପଣଙ୍କର ଆଗ୍ରହ ଥିବ ନତୁବା ସେହି କାମଟି ଆପଣଙ୍କୁ କୌତୁକିଆ ଲାଗୁଥିବ ଅଥବା ସେହି କାମଟି କରି ଆପଣଙ୍କୁ ଆନନ୍ଦ ମିଳୁଥିବ। ଆପଣଙ୍କ ଅନ୍ତଃର୍ମନ ଯଦି "ହଁ" କରୁଥିବ ତେବେ ଜାଣନ୍ତୁ ଯେ ସେହି କାମଟି ନିଶ୍ଚୟ ଭଲ କାମଟିଏ ସେଥିପାଇଁ ଆପଣଙ୍କ ଆତ୍ମା ଟାଣୁଛି ସେଇ ଆଡକୁ। ଆପଣଙ୍କ ବ୍ୟସ୍ତବହୁଳ ଜୀବନରେ ଟିକିଏ ବିଶ୍ରାମ ନେବା ପାଇଁ ହେଉ ଅବା ଆପଣଙ୍କ ଅନୁରାଗ ପାଇଁ ହେଉ ଆପଣ ନିଜର ମନଲାଖି କାମଟିଏ କରନ୍ତୁ। ଦେଖିବେ ଆପଣଙ୍କୁ ଗୋଟିଏ ଭିନ୍ନ ପ୍ରକାରର ଆନ୍ତରିକ ଖୁସି ମିଳିବ ଯାହା ଆପଣଙ୍କର ବ୍ୟକ୍ତିତ୍ୱକୁ ଆହୁରି ପ୍ରସ୍ଫୁଟିତ କରିବ ଆପଣଙ୍କୁ ଆହୁରି ସୃଜନଶୀଳ ଏବଂ ବିସ୍ତୃତ କରିବ। ଆପଣ ନିଜର ଅନ୍ତରାତ୍ମାର ସ୍ୱର ସ୍ପଷ୍ଟ ଶୁଣି ପାରିବେ ଏବଂ ତା'ର ଦିଶାନିର୍ଦ୍ଦେଶକୁ ଠିକ୍ ବୁଝିପାରିବେ। ଅବଚେତନ ମନ ତଳେ ଆମେ ସର୍ବଦା ଏମିତି କିଛି କାମ କରିବା ପାଇଁ ଚାହୁଁଥାଉ କିମ୍ବା ଆମର ଆଗ୍ରହ ଥାଏ କିନ୍ତୁ ପ୍ରକୃତ କ୍ଷେତ୍ରରେ ତାହା କରିବା ସମ୍ଭବପର ହେଉନଥାଏ। ଆମେ ଠିକ୍ ଜାଣିଥାଉ ଯେ କ'ଣ କଲେ ଆମକୁ ଖୁସି ମିଳିବ, ଆମେ ସୁସ୍ଥ ରହିବା, ଆମର ଉନ୍ନତି ହେବ, ସବୁ ଜାଣିବା ସତ୍ତ୍ୱେ ମଧ୍ୟ ହେବାରେ ହେଉ କି ପରିସ୍ଥିତିର ଚାପରେ ହେଉ ଆମେ ସେଇ କାମ କରିନଥାଉ। ସେଥିପାଇଁ ଗୁଣୀଜନମାନେ କହିଯାଇଛନ୍ତି "ମନ ତୋହରା ନିଜ ଗୁରୁ"। ଅର୍ଥାତ୍ ମଣିଷ ର ନିଜ ମନ ହିଁ ତା'ର ସଠିକ୍ ଦିଶାନିର୍ଦ୍ଦେଶକ। ତାହାରି ଆଜ୍ଞାନୁଯାୟୀ କାମ କରିଗଲେ ବିପଦ କେବେହେଁ ପାଖ ପଶିବ ନାହିଁ।

*ଶାରଳା ଭବନ ପୋତାପୋଖରୀ,*
*ନୂଆବଜାର ,କଟକ*
*ଦୂରଭାଷ-୯୩୩୭୨୭୨୬୪୭*

## ଧାରାବାହିକ ଉପନ୍ୟାସ

ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୨୪




*(ପୂର୍ବପ୍ରକାଶ ଉତ୍ତାରୁ)*

ଲୀନାର ପେଟ ପୂରିଯାଇଥିଲା କି କଣ ଆଉ ଭୋକ ଲାଗୁନଥିଲା। ସାନବାବୁ, ମାଲିକ ଓ ମାଲିକାଣୀଙ୍କ ଖାଇବା ସରିଆସିଥିଲା। ଏତେ ଖୁସିରେ ଲୀନା କିନ୍ତୁ ଖାଇ ପାରିଲାନି କି ରାତିରେ ତା ଆଖିକୁ ଆଉ ନିଦ ଆସିଲାନି। ଜେଜେମା'ର ଝାଳୁଆ କାନିକୁ ଧରି ସେ ସ୍ୱପ୍ନିଳ ଦୁନିଆଁ ଭିତରେ ପୁଣି ଥରେ ଆତ୍ମବିସ୍ମୃତ ହେଲା। ତା ମନ ତଳେ ଅଦିନିଆଁ ମଳୟ ବହିଲା, ଅଜାଣତରେ ଓଠରେ ହସ ବୁଣି ହୋଇଗଲା।

ରାତିଟା ଯାକ ବିନିଦ୍ର ରହିଗଲା। ସକାଳର କିରଣର ପୃଥିବୀ ନଛୁଉଁଣୁ ଫୁଲ ଡାଲା ଧରି ଅତି ଆବେଗରେ ସେ ଧାଇଁଲା ଫୁଲ ତୋଳିବାକୁ। ବଗିଚା ସାରା ଜାତିଜାତିକା ଫୁଲ। ବଡ ମାଲିକ ଭାରି ଗଛପ୍ରିୟ। ଯେଉଁଠୁ ଭଲ ଚାରାଟିଏ ପାଆନ୍ତି, ନେଇ ଆସନ୍ତି। ସାନବାବୁ ବି ଭାରି ଫୁଲପ୍ରିୟ..ଭଲ ଫୁଲଟିଏ ଦେଖିଲେ ଆତ୍ମହରା ହୁଅନ୍ତି। ଫୁଲଟିକୁ ବାରବାର ଦେଖି ତା ସୁଗନ୍ଧରେ ହଜିଯାଆନ୍ତି। ଫୁଲ ପ୍ରତି ଥିବା ତାଙ୍କ ଦୁର୍ବଳତାକୁ ଲୀନା ତା ହେତୁ ହେବାଦିନଠାରୁ ଖୁବ୍ ଭଲରେ ଜାଣେ। ସେଥିପାଇଁ ତ ସେ ପ୍ରତିଦିନ ସକାଳୁ ସବୁଠାରୁ ଭଲ ଫୁଲଟିଏ ତୋଳେ ତାଙ୍କ ପାଇଁ।

ଆଜିଯାଏଁ ତ ବଗିଚାରେ କେବେ ନିଅଂଟ ପଡିନି ଫୁଲ। ଆଗକୁ କଣ ହେବ କିଏ ଜାଣେ। ହେଲେ ସକାଳଟାରୁ ସେ ଆଖି ନଖୋଲି ବି ଠାକୁରଙ୍କୁ ଡାକେ-ପ୍ରଭୁ, ଭଲ ଫୁଲଟିଏ ଫୁଟାଇଥିବ ସାନବାବୁଂକ ପାଇଁ। ନହେଲେ ମୁଁ ଆଜି କଣ ଦେବି ତାଙ୍କୁ ଅଫିସ୍‌କୁ ଗଲା ବେଳେ? ସକାଳଟାରୁ ହଠାତ୍ ସେ ବିଳିବିଳେଇଲା ପରି ଡାକ ଦେଲା- ଜେଜେମା'..ଏ ଜେଜେମା' ଟିକେ ଶୀଘ୍ର ଆସେ। ଏତେକାମ ଭିତରେ ପାଗେଳୀଟା କାହିଁ ଡାକୁଛି? ହଅ କୋଉ ଗଛ ମୂଳେ କି ଡାଳରେ ସଁବାଳୁଆଟେ ଦେଖି ଦେଇଥିବ ନହେଲେ ତେଲୁଣୀପୋକ କି ଗଉଡୁଣିଆ ପୋକ ବଗିଚାରେ ବୁଲୁଥିବେ।

ଆଉ ସେମାନଙ୍କୁ ଦେଖି ସେ ଗୋଟେ କଣରେ ଗୋଡ ଯୋଡି ଛିଡାହୋଇଥିବ ପ୍ରାର୍ଥନା ମୁଦ୍ରାରେ। ପୋକଜୋକଙ୍କୁ ତାର ଭାରି ଭୟ..ସବୁବେଳେ ଗୋଡ ଟେକିଟେକି ଚାଲୁଥିବ। ପାର କାମ ଛାଡି ବଗିଚାକୁ ଗଲା।

ଲୀନା ତା ଆଡକୁ ହାତ ବଢାଇ କହିଲା- ଦେଖିଲୁ ଜେଜେମା', କେତେ ସୁନ୍ଦର ନୀଳଗୋଲାପ ଯୋଡିଏ..! ହେଲେ ଗୋଲାପ ତ ଗୋଲାପୀରଙ୍ଗର ହେବା କଥା ନା!..ନୀଳରଙ୍ଗର କେମିତି ହେଲା?

ପାର ବୁଝାଇଲା- ମୁଁ କାଲି କହୁଥିଲି ତ ନୀଳ ଗୋଲାପ ଗଛରେ କଢି ହୋଇଛି, କାଲିକୁ ଫୁଟିବ! ମାଲିକାଣିଙ୍କ ପାଖକୁ ନେଇ ଯା' ସେ ଠାକୁରଙ୍କୁ ଲାଗି କରିବେ। କିନ୍ତୁ ତୁ ତ କହିଥିଲୁ ଏ ଫୁଲରୁ ମୁଁ ଗୋଟେ ନେବି ସାନବାବୁଙ୍କ ପାଇଁ, ତାଙ୍କ ପସନ୍ଦର ଫୁଲଗଛ ନା ଏଇଟା? ଜେଜେମା'କୁ ମନେପକାଇ ଦେଲା ଲୀନା।

ପାର୍ବତୀ କହିଲା- ତୁ ଏ ନୂଆ ଫୁଲକୁ ଆଗେ ମାଲିକ, ମାଲିକାଣୀଙ୍କୁ ଦେଖା। ସେମାନେ କେତେ ଖୁସି ହେବେ। ତାପରେ ତାଙ୍କୁ ପଚାରି ଫୁଲଟିଏ ନେବୁ। ଯଦି ସେମାନେ ରାଜି ନହେବେ..ତେବେ ଆଉ ମୁହଁ ନଫୁଲାଇ ଅନ୍ୟ ଫୁଲରେ ସନ୍ତୁଷ୍ଟ ହୋଇଯିବୁ। ବଗିଚାରେ ଫୁଲ କଣ ଅଭାବ ପଡିଛି କି?

ପାର୍ବତୀର ଏମିତି କଥାରେ ଲୀନା ପ୍ରତିବାଦ କଲା- ଇଏ କିମିତିକା କଥା ତୁ କହୁ ଯେ ଜେଜେ ମା'? ଖାସ୍ ସାନବାବୁଙ୍କ ପାଇଁ ମୁଁ ବଗିଚାରେ କେତେକାମ କରେ। ଘାସ ବାଛେ, ପାଣି ଦିଏ। ଗଛର ଶୁଖିଲା ପତ୍ରସବୁକୁ ସଫା କରେ। ତେଣୁ ସାନବାବୁଙ୍କ ଅଧିକାର ଅଛି ଏ ସୁନ୍ଦର ଫୁଲମାନଙ୍କ ଉପରେ। ଆଉ ମୋ ଭାଗର ଫୁଲ ସବୁ ତାଙ୍କର କହି ସେ ଅଳିକରେ ଫୁଲଟିଏ ପାଇଁ। ଏତିକି ଶୁଣିବା ପରେ ଜେଜେମା'ର ଆଖି ଓଦା ହୋଇଆସେ।

ସେ କହେ- ସବୁ ଭଲ ଚିଜ ଅନ୍ୟମାନଙ୍କୁ ଦେଲା ପରେ ତୋ ପାଇଁ କଣ ରହିବ ଯେ?

ସେ କିଛି ନଭାବି ଉତ୍ତର ଦେଲା- ଖୁସି..! ସାନବାବୁ ଖୁସିହେଲେ ମୋତେ ବି ଖୁସି ଲାଗିବନି କି? କେତେ ବୋକୀଟାଏ ତୁ ଜେଜେମା'? ଏଇ ସାମାନ୍ୟ କଥା ବି ବୁଝିପାରୁନୁ? ଏତିକି କହୁକହୁ ମାଲିକ ମର୍ଣ୍ଣିଂୱାକ୍‌ରୁ ଫେରିଆସିଥିଲେ। ଜେଜେମା' ଓ ନାତୁଣୀ ଭିତରର ଝଗଡା ବି ଶୁଣିଲେ। ସଜଫୁଟା ନୀଳ ଗୋଲାପଟିକୁ ଦେଖି ଭାରି ଖୁସିହେଲେ।

ଲୀନାର ଏକାଜିଦ୍- ସେ ଏଥିରୁ ଗୋଟାଏ ନେବ। ତେଣେ ଜେଜେମା'ର ଅନେକ କାମ ବାକି। ସେ ଏ ଝାମେଲାରେ ନପଡି ସେଠାରୁ ଚାଲିଗଲାଣି। ଲୀନା ବି ମାଲିକଙ୍କଠାରୁ ନୀଳଗୋଲାପଟିଏ ନେବାର ସ୍ୱୀକୃତି ପାଇ ବେଶ୍ ଖୁସି। ସବୁକାମ ଭିତରେ ସେ ସାନବାବୁଙ୍କ ଅଫିସ୍ ଯିବା ବେଳକୁ ଧ୍ୟାନ ରଖିଛି ସବୁଦିନ ଭଳି। ପୂର୍ବ ଭଳି ତାଙ୍କ ଜିନିଷ ସବୁ ଠିକ୍‌ଜାଗାରେ ରଖିଦେଇଛି ଆଗରୁ। ସେ ରେଡି ହୋଇ ବାହାରକୁ ଆସୁଛନ୍ତି। ତାଙ୍କ ଯୋତା ମସ୍‌ମସ୍ ଶୁଭୁଛି ଦୂରରୁ। ସେ ଡ୍ରଇଂରୁମ୍‌ର ସ୍କ୍ରିନ୍ ଟେକି ବାହାରିବା କ୍ଷଣି ଲୀନା ଫୁଲ ଦେବାକୁ ଧାଇଁଲା।

ସାନବାବୁ ଫୁଲଟିକୁ ଦେଖି କିଛି ସମୟ ରହିଗଲେ। ତାପରେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ- ଇଏ କଣ ନୀଳ ଗୋଲାପ..? ଆଜି ନୂଆ କରି ତାହେଲେ ଗଛରେ ଫୁଟିଛି? ଲୀନା ମୁହଁ ତଳକୁ ପୋତି ହଁ ଭରିଲା..ତାପରେ ସାନବାବୁ ଫୁଲଟିକୁ ତା ହାତରୁ ନେଇ ଖୁବ୍ ଖୁସିରେ ଚାଲିଗଲେ ତାଙ୍କ ବାଟରେ, ଚିରାଚରିତ ଭାବେ ଗାଡିରୁ ଧୂଆଁ ଉଡେଇ। ତାଙ୍କ ଖୁସି ଦେଖି ଲୀନା ବି ଖୁବ୍ ଖୁସି। ସାନବାବୁ ଆଜି ତାକୁ କିଛି ପଚାରିଲେ ମାନେ ତା ସହିତ ଧାଡିଟିଏ କଥାହେଲେ, ଏଇଟା କଣ ପ୍ରାପ୍ତି ଜନିତ ବିହ୍ୱଳତା ନୁହେଁ କି? *(କ୍ରମଶଃ)*

## ଲଭ୍ ବାର୍ଡସ୍

ଡଃ ସ୍ମୃତି ପଟ୍ଟନାୟକ





*(ପୂର୍ବପ୍ରକାଶ ଉତ୍ତାରୁ)*

ସବୁଠି ଲେଖାହୋଇଥାଏ ଦୁହିଁଙ୍କ ନାଁ, ତା ତଳକୁ ଲଭ୍ ବାର୍ଡସ୍, ସେମାନେ କିନ୍ତୁ କୌଣସି ପ୍ରତିକ୍ରିୟା ଦେଖାଉ ନ ଥିଲେ, ପ୍ରତ୍ୟେକ କଥାକୁ ପଜିଟିଭଲି ଗ୍ରହଣ କରୁଥିଲେ, ଏମିତି ହେଇ ପିଜି ଶେଷ ବର୍ଷ ପରୀକ୍ଷା ସରିଥିଲା, ରେଜଲଟ୍ ବାହାରିଲା ପରେ ଯୋଶେଫ୍ ଓ ଜିନି ଦୁହିଁଙ୍କର ରାସ୍ତା ଅଲଗା ହୋଇ ଯାଇଥିଲା। ଦୁହେଁ ପ୍ରୋମିସ୍ କରିଥିଲେ ପରସ୍ପରକୁ ଅପେକ୍ଷା କରିବେ। ଯୋଶେଫ୍ ପି,ଏଚ୍, ଡି କରିବାକୁ ଆମେରିକା ଚାଲି ଯାଇଥିଲା। ଆଉ ଜିନି ରହିଯାଇଥିଲା ଓଡିଶାରେ। ଜିନିର ମାଆ ବିଉଟି ପାର୍ଲର କରିଥିଲେ, ଜିନି ମାଆଙ୍କୁ କାମରେ ସାହାଯ୍ୟ କରୁଥିଲା। ସବୁ ଠିକ୍ ଠାକ୍ ଚାଲି ଥିଲା, ହଠାତ୍ ଜିନିର ମାଆଙ୍କ ଦେହ ଖରାପ ହେଲା। ବହୁତ ଅର୍ଥ ଦରକାର ଥିଲା ଓପନ ହାର୍ଟ ସର୍ଜରୀ ପାଇଁ। ଜିନି ଛୋଟ ବେଳୁ ବାପାଙ୍କୁ ହରାଇଥିଲା। ସେ ନିଜ ଇଚ୍ଛାରେ ମାଆଙ୍କ ଜୀବନ ବଞ୍ଚାଇବା ପାଇଁ ସହରର ଜଣେ ବିଶିଷ୍ଟ ବ୍ୟବସାୟୀଙ୍କୁ ଦ୍ୱିତୀୟ ବିବାହ କରିବା ପାଇଁ ସମ୍ମତି ଦେଇଦେଲା। ସେ ବ୍ୟବସାୟୀ ଜଣକ ଜିନିର ମାଆଙ୍କର ସବୁ ଖର୍ଚ୍ଚ ବହନ କରିଥିଲେ। ଜିନି ତାଙ୍କ ଝିଅର ସବୁ ଦାୟିତ୍ୱ ନେଇଥିଲା। ଜିନିର ସ୍ୱପ୍ନ ସବୁ ସ୍ଥିର ସ୍ଥବିର ହୋଇଯାଇଥିଲେ। ତାର କଥା କୁହା ଆଖି ଦୁଇଟି ଯେମିତି ନିସ୍ତରଙ୍ଗ ମରୁଭୂମି ପାଲଟି ଯାଇଥିଲେ। ଏମିତିରେ କିଛି ଦିନ ପରେ ବ୍ୟବସାୟୀଙ୍କର ଦେହାନ୍ତ ହୋଇଯାଇଥିଲା। ଜିନି କୁନି ଝିଅର ସବୁ ଦାୟିତ୍ୱ ନେଇ ତାକୁ ବଡ କରିଥିଲା। ଝିଅର ବାହାଘର ପରେ ଜିନିକୁ ନିଃସଙ୍ଗତାବୋଧ ଘାରିଥିଲା। ଜିନିର ମାଆ ବି ଚାଲି ଯାଇଥିଲେ। ପାର୍ଲର ବି ବନ୍ଦ ହୋଇ ଯାଇଥିଲା ଜିନି ତାର ପଛ କଥା ଖୁବ୍ ମନେ ପକାଉଥିଲା। କଲେଜ ବେଳର ଘଟଣା। ଯୋଶେଫ୍‌ଙ୍କ ବିଷୟରେ ଝିଅକୁ ସବୁ କହିଥିଲା। ଯୋଶେଫ୍ ବିଦେଶରେ ବହୁତ ବର୍ଷ ରହିଲା ପରେ ନିଜ ଜନ୍ମ ମାଟିକୁ ଫେରି ଆସିଥିଲା। ଜିନିକୁ ବହୁତ ଖୋଜିଥିଲା। ସଂଯୋଗବଶତଃ ଜିନିର ଝିଅ ସହ ଦେଖା ହୋଇଥିଲା ଗୋଟେ ପାର୍କରେ। ଗପସପ କରୁକରୁ ଜିନି ଆଉ ଏ ଦୁନିଆରେ ନାହିଁ ବୋଲି ଜାଣିଥିଲା ଯୋଶେଫ୍। ଖୁବ୍ ଖାମଖିଆଲି ଥିଲା ଜୀବନ ପ୍ରତି ସେ। ବିଜ୍ଞାନଗାରରେ ଦିନ ରାତି କାମ କରୁ କରୁ ଭୁଲିଯାଇଥିଲା ନିଜ ଜୀବନର ଆବଶ୍ୟକତାକୁ। କିନ୍ତୁ ଜିନିର ସ୍ମୃତିକୁ ନେଇ ସେ ବଂଚିଥିଲା। ଦୁହିଁଙ୍କର ପ୍ରୋମିସ୍, ଶାଶ୍ୱତ ପ୍ରେମ ଅମର, ଚିରନ୍ତନ, ଏମିତି ସ୍ୱର୍ଗୀୟ ଅନୁଭବ ଭିତରେ ଜୀବନ ଜୀଉଁଥିଲା ନିଜ ହାତରେ ସେ ଖୁବ୍ ସୁନ୍ଦର ସୁନ୍ଦର ଆର୍ଟ କରିଥିଲା ଜିନିକୁ ଦେଖାଇବ ବୋଲି ହେଲେ ଯାହା ଈଶ୍ୱରଙ୍କ ନିଶ୍ଚିନ୍ତ ସତ୍ୟ ତାକୁ କିଏ ଅଟକାଇବ?

ଶ୍ରୀମୟ ମୋ ସାଙ୍ଗରେ ଆସ ମଉସା କହିଲେ, ବେଡ୍ ରୁମ୍ ଭିତରକୁ, ପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଓ,ସୁଦର୍ଶନ ମହାପ୍ରଭୁଙ୍କର ଚତୁର୍ଦ୍ଧା ମୂର୍ତ୍ତି ଶୋଭା ପାଉଥାନ୍ତି କାନ୍ଥରେ ଟଙ୍ଗା ହୋଇଥିବା ଚିତ୍ରପଟ୍ଟରେ। ବିମୋହିତ କଳାଭଳି ରୂପ ରଙ୍ଗ, ଆଉ ପାର୍ଶ୍ୱରେ ଅତି ସୁନ୍ଦର ଆର୍ଟ ଗ୍ୟାଲେରି।

ମୁଁ ଆଖି ଫେରାଇ ପାରୁ ନ ଥିଲି ଗୋଟିଏ ଆର୍ଟ ଉପରୁ, ଚମତ୍କାର!! ଚମତ୍କାର !! କହିଚାଲିଥିଲି। ସୂର୍ଯ୍ୟାସ୍ତ ସମୟ, ପାହାଡ, ନଈ, ବଣଜଙ୍ଗଲ, ଭିତରେ ଦୁଇଟି ସୁନ୍ଦର ବାଦାମି ରଙ୍ଗର ପକ୍ଷୀ, ତଳେ ଲେଖା ହୋଇଛି ଲଭ୍ ବାର୍ଡସ୍, (ବ୍ରାକେଟ୍ ଭିତରେ ଯୋଶେଫ୍ ଓ ଜିନି)।

ସେଦିନର ଯୋଶେଫ୍ ଆଜି କିଏ କହିଲ? ମଉସା ପଚାରିଲେ ଟିକେ ରହିଯାଇ କହିଲେ, କଲୋନୀରେ ଯୀଶୁ ମଉସା, ଭାବେ ପରିଚିତ, ମଉସା ପୁଣି କହିଲେ ଶ୍ରୀମୟ ମୁଁ ଏବେ ସାଇକିଆଟ୍ରିଷ୍ଟଙ୍କ ଟ୍ରିଟ୍‌ମେଣ୍ଟରେ ଅଛି, ନିଜକୁ ସହଜ କରିବା ପାଇଁ, ଜୀବନକୁ ସୁନ୍ଦର ଭାବରେ ଜୀଇଁବା ପାଇଁ, ପ୍ରତି ମୁହୂର୍ତ୍ତରେ ନିଜକୁ ହରାଇବାର ଭୟ, ତଥାପି ଜୀବନ ପ୍ରତି ପ୍ରଗାଢ ଅନୁରାଗ ଅଛି।

ମୁଁ ପଚାରିଲି ମଉସା ସେଦିନ ପାର୍କରେ ସେ ଭଦ୍ରମହିଳା ଜଣକ? ହଁ ସେ ଜିନିର ଝିଅ, ସେ ଏଇ ପାଖରେ ଡିଭାଇନ୍ ନଗରରେ ରହୁଛି, ଅଧ୍ୟାପିକା ଅଛି ମନସ୍ତତ୍ୱ ବିଭାଗରେ। ମଉସା କହିଲେ ଶ୍ରୀମୟ ମୋ ହୃଦୟ ଏବେ ଭାରି ଖୋଲା ଲାଗୁଚି ଯେଉଁ କାହାଣୀ କହିବା ପାଇଁ ମୁଁ ଏତେଦିନ ଧରି ଜଣେ କାହାକୁ ଅପେକ୍ଷା କରିଥିଲି, ଆଜି ମୋର ସବୁ ଆଶା ଓ ଆକାଂକ୍ଷା ପୂରଣ ହୋଇଛି। ଜୀବନରେ ଆଉ କିଛି ଅବସୋସ ନାହିଁ। ଜଗନ୍ନାଥ ତୁମର ମଙ୍ଗଳ କରନ୍ତୁ

ମୁଁ ମଉସାଙ୍କ ପାଖରୁ ଆସିଲା ପରେ ଅନ୍ୟମନସ୍କ ହୋଇପଡିଥିଲି, ମଉସା ଜଣେ ବିଶିଷ୍ଟ ବୈଜ୍ଞାନିକ ଭାବେ ନିଜ ଜୀବନର ବୃହତ୍ତର ସମୟ ସାରିଦେଲେ, କେତେ ପରୀକ୍ଷା ନିରୀକ୍ଷା କଲେ, ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କଲେ। ସତରେ କେତେ ବିଚିତ୍ର ଏଇ ଜୀବନର କାହାଣୀ, ବହୁତ ରାତି ପର୍ଯ୍ୟନ୍ତ ନିଦ ହେଲାନି, ରାତି ସାରା ଲଘୁଚାପ ଜନିତ ବର୍ଷା ଲାଗି ରହିଥାଏ, ବର୍ଷାର ରିମ୍ ଝିମ୍ ଶବ୍ଦ କାନକୁ ଶୁଭୁଥାଏ, ତା ଭିତରେ ବାରମ୍ବାର ମଉସାଙ୍କର ପ୍ରତିଟି ଶବ୍ଦ ମନକୁ ଆନ୍ଦୋଳିତ କରୁଥାଏ, ସକାଳୁ ସକାଳୁ ନିଦ ଲାଗିଆସିଥାଏ, ଲୁଚିକାଙ୍କର ଡାକରେ ଉଠିପଡିଲି, ଶୁଣିଲଣି ଯୀଶୁ ମଉସା କାଲି ରାତିରେ ହାର୍ଟ ଆଟାକ୍‌ରେ ଚାଲି ଗଲେ, ମୁଁ ନିଶ୍ଚୁପ ପାଲଟି ଯାଇଥିଲି।

*ୟୁ ଏନ୍ କଲେଜ୍, ଅଡଶପୁର, କଟକ*
*ଦୂରଭାଷ: ୯୯୩୮୪୪୦୯୪୯*

## ବିଶେଷ କବିତା



### ମିଛ ବର୍ଷା



ପ୍ରସନ୍ନ ନାୟକ

ଫି ବର୍ଷ ତା ଖବର ଆସେ
ପବନରେ, ବିଜୁଳି ଘଡଘଡିରେ
ବନ୍ୟା ସୁଅରେ,
ହେଲେ ସେ ଆସେନି
ମିଛ ପ୍ରହେଳିକାରେ ପୁଣି
ଗୁଡ଼େଇହୁଏ ଜୀବନ।
ଘାଇ ଭାଙ୍ଗେ
ସୁଅ ପାଣିରେ ଜଳବନ୍ଦୀ ହୁଏ
ଛାତିତଳର ଅନ୍ଧାର
ପୁଣି ଛାଞ୍ଚ ବସେ
ମୁକୁଳେଇବା ବାହାନାର
ହେଲେ ସେ ଆସେନି
ଖାଲି ଆସେ ମିଛ ଖବର।
ପାଣି ଛାଡେ
ପାଣିଚିଆ ଖରାରେ
ଚୁପୁଡ଼ିହୁଏ
ଆଉ ଏକ ସମ୍ମୋହନ
ଆଖି ପୋଖରୀରେ
ଏବେ ବି ଢଳଢଳ
ଆରଥରକୁ ଆସିବାକୁ ଥିବା
ଆଉ ଗୋଟେ ମିଛ ଖବର
ମିଛ ବର୍ଷାର ....।

*ବରିଷ୍ଠ ସାମ୍ବାଦିକ*
*ୟୁନିଟ-୯, ଭୁବନେଶ୍ୱର*

### ଏକାନ୍ତ ନିଜର



ପ୍ରତିଭା ସାହୁ

କବିତା ଗୋ ତୁମେ ଏକାନ୍ତ ନିଜର
ମୋ ମନ ମାନସୀ ବାଳା
ଅମୃତ ବୀଣାର ଝଙ୍କାର ତୁମେ ଗୋ
ସୁଲଳିତ ଶବ୍ଦ ମାଳା।
କବିର କବିତା ମଧୁ ମନ୍ଦାକିନୀ
ଛନ୍ଦରେ ଉପମା ଯା, ର
ତୁମେ ଅନ୍ତଃସ୍ୱର ସୁନ୍ଦର ପଂକ୍ତିର
ସୁଧବୋଳା ସମାହାର।
ଛଳ ଛଳ ପ୍ରିୟା ମଧୁର ରାଗିଣୀ
ଝରୁ କଲମ ମୁନରେ
ତନୁ ବଲ୍ଲରୀର ଝିନ ମଧୁ ବାସ
ଜଗାଏ କବି ଅନ୍ତରେ।
ଅମୃତର ପାନେ ପୁଲକିତ ପ୍ରାଣ
ସାଗରରୁ ଖୋଜେ ମୋତି
ଶବ୍ଦ ମାଳିକାରୁ ମୋତିକୁ ସାଉଁଟେ
କଳ୍ପନାର ନୂଆ ଜ୍ୟୋତି।
ଦୁହେଁ ଦୁହିଁଙ୍କର ବାସ୍ନାରେ ମୋହିତ
ଆପେ ହୁଏ ଯୋଡା ଯୋଡି
ଘୁଂଘୁରର ଶବ୍ଦ କୁଳୁ କୁଳୁ ନାଦ
ଝରଣାରେ ଆସେ ମାଡି।
ବିବିଧ ବର୍ଣ୍ଣର ସୃଷ୍ଟି ସବୁ ରଚେ
କ୍ୱି ହୋଇ ଉଲ୍ଲସିତ
ଭାଷା ପିୟୂଷର ସୁରଭି ସମ୍ଭାରେ
ଅନୁଭ୍ଵେ ପୁଲକିତ।

*ବ୍ଇଣ୍ଡା,ହାଇସ୍କୁଲ ରୋଡ୍,ଅନୁଗୋଳ*

### ମାୟାରେ ବାୟା



ନିରଞ୍ଜନ ସାହୁ

ସେଦିନ ସମୟ ଆଉ ନାହିଁ
ଘଟଣା ପାଲଟି ଯାଇଛି ସ୍ମୃତି
ପଛକୁ ଚାହିଁଲେ ଆଖି ପାଏନା
ଅଥଚ ବୁଲି ଚାହିଁବାକୁ
ଭାରି ଇଚ୍ଛା ହୁଏ ବେଳେବେଳେ।
କର୍ମମୟ ଜୀବନର
ବ୍ୟସ୍ତତା ଭିତରେ
ମଣିଷ ସବୁବେଳେ
ଦେଖୁଥାଏ ଆଗକୁ ଆଗକୁ
ସୁନେଲି ଭବିଷ୍ୟତର କଳ୍ପନାରେ
ଛଟପଟ ହେଉଥାଏ ଅହରହ।
ବୁଝି ହୁଏନା
କି ବୁଝାଇ ହୁଏନା
ମଣିଷର ଏ ଅମାନିଆ ମନକୁ
ଅଥଚ ମଣିଷ
ନିଜକୁ ଭୁଲାଇ ଦେଇ
ଅନ୍ୟର ମନକୁ ବୁଝିବାକୁ
ବହୁତ ଚେଷ୍ଟା କରେ।
ଜୀବନ ତ ଏମିତି
ଏଠି ଆଖି ବୁଜିଲେ ଅନ୍ଧାର
କିନ୍ତୁ ଦିନେନା ଦିନେ
ସମସ୍ତେ ଆଖି ବୁଜିବେ
ଏହା ଜାଣି ମଧ୍ୟ
ସମସ୍ତେ ଅଜଣା ଚାଉଳର
ଭାତ ଖାଇବାରେ ବ୍ୟସ୍ତ।
ଜନ୍ମ ଠାରୁ ମୃତ୍ୟୁର ଦୂରତା ଭିତରେ
ମଣିଷ ଚାଲିଥାଏ ଅହରହ
ଅଥଚ ସେ ଦିନେ ଅଟକି ଯିବ
ଏହା ବୁଝିବାରେ ସେ ଅପ୍ରସ୍ତୁତ।
ଏ ଜଣାଅଜଣାର
ସାଧାରଣ ଜ୍ଞାନ ପରୀକ୍ଷାରେ
ଜଣା ଲୋକମାନେ ଅଜଣା
ଅଜଣାମାନେ ଜାଣିବାର
ଆବଶ୍ୟକତା ଚାହାନ୍ତି ନାହିଁ।
ଏଠି ମଣିଷ
ସର୍ବଦା ଅଭିନୟ କରୁଥାଏ
ସତସତିକା ମଞ୍ଚରେ
ମିଛିମିଛିକା କଳାକାର ସାଜି
ଆଉ ସତ୍ୟ ନାଟକର ଚାହିଦା
ଆଦୌ ନ ଥାଏ
କହିଲେ ଚଳେ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ, ୭୫୯୦୧୬*
*ଦୂରଭାଷ : ୯୯୩୮୭୪୧୫୮୩*

## କବିତାର କଥା

(ଭାଗ-୮୬)



ଉମାକାନ୍ତ ରାଉତ



### ଅଦୃଶ୍ୟ ଡୋର

;ଦିଗବଳୟକୁ ଚୁମୁଛି ମହାନଦୀର ଖୁବ୍ ପ୍ରଶସ୍ତ ନୀଳଫେନିଳ ଜଳରାଶି। ଏପଟ ହୁଡ଼ାରେ କାଶତଣ୍ଡୀମାନଙ୍କର ଧବଳ ପର୍ବ। କୂଳରେ ଟଳମଟଳ ହେଉଥାଆନ୍ତି କେଇଟି ଡଙ୍ଗା। ଏଇ ଯେମିତି ବନ୍ଧା ହୋଇଥିବା ଦଉଡ଼ି ଛିଣ୍ଡେଇ ଫେରାର୍ ହେଇଯିବେ ନର୍ତ୍ତନରତ ମହାନଦୀର ପ୍ରବାହରେ! ହୁଏତ ଏଇ ଡଙ୍ଗା ଭିତରୁ କେଉଁ ଗୋଟିଏରେ ଶେଷ ଶ୍ରାବଣର ମାଣିକର ସ୍ପର୍ଶ ଲାଗିଥିବ! ଏସବୁ ଅପାଶୋରା ଦୃଶ୍ୟକୁ ଦେଖି କେଉଁ କବି ଲେଖକ ସମ୍ଭଳା ହେଇ ରହିବ ଯେ ଆମେ ରହିଥାନ୍ତୁ? ଦେବୀ ମଣ୍ଡପର ଚଟାଣ ଉପରେ ଗଡୁ ଗଡୁ ବାଦଲ୍ କହିଲା -

– ଭାଇ, ଦେଖିଲେଣି?

– କ'ଣ?

– ହେଇ ଦେଖନ୍ତୁ। ସେଇ ଡଙ୍ଗା ଆଉ ମହାନଦୀର ନିର୍ଭେଜାଲ୍ ଜଳରାଶି ଆମକୁ କେମିତି ହାତ ଠାରି ଡାକୁଛନ୍ତି! ସେ ଡାକଠୁଁ ବର୍ତ୍ତି ଆମେ କ'ଣ ଏଠାରୁ ଯାଇ ପାରିବା?

ଆଉ କିଏ ସମ୍ଭାଳେ! କାଳବିଳମ୍ବ ନକରି ଯନ୍ତ୍ରଚାଳିତ ପରି ଦୁଇଭାଇ ଝପଟିଗଲୁ ସେଇ ମନୋରମ ଘାଟରେ ବନ୍ଦୀ ଥାଇ ଦୋହଲୁଥିବା ଡଙ୍ଗାଗୁଡିକ ପାଖକୁ। ମନେ ମନେ ଗୁଣୁଗୁଣଉଥିଲୁ .... ଭଲ କରି ନାଆ ବାହାରେ ନାଉରୀ ଝିଅକୁ ମାଡୁଛି ଡର ; ମାଝିରେ...ଶେଷ ଶ୍ରାବଣ, ପୂରୁବା ପବନ ବହିଯାଏ.....। ଏମିତି କେତେ କେତେ ଗୀତ...କେତେ କେତେ କବିତା! ପୁଣି ମନକୁ ଆସୁଥିଲେ ଅନେଶତ ରାଣୀଙ୍କର ମନର ସମ୍ରାଟ ଅକ୍ଷୟ ମହାନ୍ତି - ଯା'ରେ ଭାସି ଭାସି ଯା', ନଉକା ମୋର ଭାସି ଯା'; ମହାନଦୀର ନୀଳ ଢେଉରେ ନାଚି ନାଚି ତୁ ଭାସିଯାଆ.........

ନାବର ମୁଣ୍ଡକୁ ଯାଇ ବାଦଲ ଧରି ନେଇଥିଲା ନାବ ଭିତରେ ଥିବା ଗୋଟେ ଶକ୍ତ ଆହୁଲା। ଡଙ୍ଗା ଭିତରେ ମାଣିକଟିଏ ଭଳି ବସିଥିଲି ମୁଁ। ଇଚ୍ଛାର ମନପବନ ଘୋଡ଼ାମାନେ ଦଉଡ଼ି ଫିଟେଇ ଡଙ୍ଗା ସହ ଯେମିତି ଫେରାର୍ ହେଇଯିବାକୁ ତୟାର.......ଉଠପଡ୍ ହୋଇ ଦୋଳି ଖେଳରେ ମାତିଥିବା ମହାନଦୀର ବିପୁଳ ଜଳରାଶିରେ ମିଳେଇଯିବେ କି ଆଉ!

ହେଲେ ଆମେ କେଉଁ ଗୋଦାବରୀଶ ହେଇଛୁ ଯେ ମାମୁଁ ଭଣଜା ବଣ ସୁଲୁସୁଲୁ ବାଆର ହିଲ୍ଲୋଳ ସହ ପାରିକୁଦ ରାଇଜକୁ ପାଞ୍ଚ କୋଶ ଯାତ୍ରାର ଦୁଃସାହସ କରି ମଝି ଗଣ୍ଡରେ କାଳୀକୁ ବୁଡାଇ କାଳିଜାଇ ତୀର୍ଥଟେ ସ୍ଥାପନା କରିପାରିବୁ? ଗଣ୍ଡକୁହୁକରେ ଭ୍ରମି ସ୍ୱାର୍ଥର ଖୁଚୁରା ଦୋକାନରେ ନିଲାମ ହୋଇଯାଉଥିବା ଆମ ଭଳି ସ୍ୱାର୍ଥସର୍ବସ୍ୱ ମଣିଷମାନଙ୍କ ପାଇଁ ଏହା କ'ଣ ସମ୍ଭବ?

ଆମେ କ'ଣ ସତ୍ୟବାଦୀ ନା ଅକ୍ଷୟ ମହାନ୍ତି ହେଇଛୁ ଯେ ସ୍ୱପ୍ନକୁ ନିଜର କରି ନିଜକୁ ନିଜଠାରୁ ପର କରି ଡଙ୍ଗା ନେଇ ଫେରାର୍ ହେବାର ଦୁଃସାହସ କରିପାରିବୁ?

ସେମିତି ସବୁ ପୋଜ୍‌ରେ କେଇଟି ସେଲ୍ଫି ଓ ଆଖପାଖର ଦେଖଣାହାରୀଙ୍କ ସହାୟତାରେ କିଛି ଫଟୋ ଉଠେଇବା ଛଡ଼ା ଗତ୍ୟନ୍ତର ନଥିଲା ଆମ ପାଖରେ। ସେଇ ଫଟୋ ବି ଏଯାଏଁ କହୁଛି କଥା.......ଗାଇ ଚାଲିଛି କବିତା.....ତ ପୁଣି କବିତାର କଥା!

ଜାଣି ପାରୁଥିଲି ବାଦଲର ଇଚ୍ଛା - ସେଇଠି ସାରାଦିନ ରହିବ, ସାରାରାତି ବି। ମନ୍ତେଇ ନଈ କୂଳର ପିଲା ସିଏ। ନଈ କ'ଣ, ନାଆ କ'ଣ ବୁଝିଛି। ନଈକୁ ନେଇ ତା'ର ପ୍ରତ୍ୟକ୍ଷ ଓ ପରୋକ୍ଷ ଅନୁଭବ, ଭାବପ୍ରବଣତା ଓ ଅସହାୟତାକୁ ଏ ଲେଖକ ବୁଝିଛି। ପିଲ୍ଲା ତାର କେଞ୍ଚୁଡି ବୟସକୁ ନଈଧାର, ନଈକୂଳ, ନାଆରେ ନଈପାର ଆଦି ପରିବେଶ ଦେଇଥିଲା ଅକୁଣ୍ଠ ସହଯୋଗ। ବୋଧହୁଏ ସେଇ ବୟସରେ ଗଜୁରି ଉଠିଥିବା କେଞ୍ଚୁଡି ଡେଣାର କଅଁଳ ଦେହଜ ପ୍ରେମ କ୍ରମେ ପାକଳ ହୋଇ ଦେହସର୍ବସ୍ୱତାର ଉର୍ଦ୍ଧ୍ୱରେ ତାକୁ ମୁଖ୍ୟତଃ ଏକ ପ୍ରେମିକ କବିର ପରିଚିତି ପ୍ରଦାନ କରିପାରିଛି ବୋଲି ମୋର ଅନୁମାନ। ଅତଏବ ପ୍ରେମିକାକୁ ଦେବୀ ସଜେଇ ଦେଇଥିବା 'ଦେବୀ ଓ କବି'ର କବି ବାଦଲ୍‌କୁ 'ଦେବୀ ଦ୍ୱାର'ର ସ୍ପର୍ଶ ଯେ ଏକ ମନ୍ତ୍ରମୁଗ୍ଧ ଅନୁଭବ ଦେବ; ଏଥିରେ ଆଶ୍ଚର୍ଯ୍ୟ ହେବାର କି ଅସ୍ୱାଭାବିକତା କିଛି ନାହିଁ।

ଆକାଶର ଜଖମ ଛାତିକୁ ଧଳା ରେଶମୀ କନାରେ ବ୍ୟାଣ୍ଡେଜ୍ କରୁଥିବା କବି ସତ୍ୟବାଦୀଙ୍କର ଅଦୃଶ୍ୟ ଡୋର ଆମକୁ କ'ଣ ଡଙ୍ଗା ସହ ଫେରାର୍ ହେବାକୁ ଦେଲା?'

ଡଙ୍ଗା ଛାଡ଼ି ଆମକୁ ବାଟ କାଟିବାକୁ ହେଲା କବି ସତ୍ୟବାଦୀଙ୍କର ଗାଁ ଢଁସର ଆଡ଼େ।

ସାପ ପରି ଅଙ୍କାବଙ୍କା ହୋଇ ଲମ୍ବିଥିବା ପିଚ୍ଛିଳ ରାସ୍ତାରେ ଆମ ଗାଡ଼ି ଗଡ଼ି ଚାଲିଲା ଜଣା ଲକ୍ଷ୍ୟ ଓ ଅଜଣା ରାସ୍ତାରେ..........। *(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*



# ଶିକ୍ଷା ବିଭାଗର ବିକଳ ଚିତ୍ର, ୭ ଶ୍ରେଣୀରେ ଜଣେ ଶିକ୍ଷକ

**ଅସ୍ତରଙ୍ଗ :** ଅସ୍ତରଙ୍ଗ ଶିକ୍ଷା ମଣ୍ଡଳ ଅଧୀନସ୍ଥ ତାଳଦା ପଞ୍ଚାୟତରେ ଥିବା ଡିହକରଡା ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ଦିନ ହେବ ଶିକ୍ଷକ ଅଭାବରୁ ଛାତ୍ରଛାତ୍ରୀ ମାନେ ଠିକରେ ପାଠ ପଢି ପାରୁନଥିବା ଅଭିଯୋଗ ଆଣିଛନ୍ତି ଅଭିଭାବକ। ଏହି ବିଷୟରେ ବାରମ୍ବାର ବ୍ଲକ ଶିକ୍ଷା ଅଧିକାରୀଙ୍କ ପାଖକୁ ଯାଇ ସାକ୍ଷାତ କରି ଅଭିଯୋଗ କରିବା ପରେ ମଧ ସମସ୍ୟା ସମ୍ପର୍କରେ କୌଣସି ସମାଧାନ କରାଯାଇ ପାରିଲା ନାହିଁ। ବୁଧବାର ଦିନ ଗ୍ରାମବାସୀ ଏବଂ ଅଭିଭାବକ ଓ ଛାତ୍ର ଛାତ୍ରୀ ମାନେ ଏକାଠି ହୋଇ ଅଧିକ ଶିକ୍ଷକ ନିଯକ୍ତି ଦାବିରେ କ୍ଲାସ ରୁମ ଓ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟରେ ତାଲା ପକେଇ ଦେଇଛନ୍ତି। ବିଦ୍ୟାଳୟ କମିଟି ସଭାପତିଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ସ୍କୁଲରେ ପ୍ରଥମ ଶ୍ରେଣୀ ଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୪୪ ଜଣ ପିଲାଙ୍କୁ ଦୀର୍ଘ ତିନିମାସ ହେଲାଣି ୪ଜଣ ଶିକ୍ଷକ ଜାଗାରେ ଜଣେ ମାତ୍ର ଶିକ୍ଷକ ପାଠ ପଢ଼ାଉଥିଲେ। ଏତେ ପିଲାଙ୍କୁ ଜଣେ ଶିକ୍ଷକ ଠିକରେ




ନ ପଢ଼େଇ ପାରିବାରୁ ମଙ୍ଗଳବାର ଦିନଛାତ୍ର ଛାତ୍ରୀ ମାନେ ଏଣେ ତେଣେ ବୁଲି ନିଜ ନିଜ ଭିତରେ ଗଣ୍ଡଗୋଳ କରି ଖଣ୍ଡିଆ ଖାବରା ହୋଇଥିବା ଅଭିଭାବକ ମାନେ ଦେଖି ଉତ୍ୟକ୍ତ ହୋଇଯାଇଥିଲେ। ସମସ୍ତେ ଏକାଠି ହୋଇ ସ୍କୁଲରେ ତାଲା ପକାଇ ଦେଇଥିଲେ। ଏହି ବିଷୟରେ ଅତିରିକ୍ତ ଶିକ୍ଷା ଅଧିକାରୀ କହିଛନ୍ତି ଯେ ଏବେ ଜଣେ ଶିକ୍ଷକ ନିଯୁକ୍ତି କରାଯାଇଛି ପରେ ଆସ୍ତେ ଆସ୍ତେ ଅଧିକ ନିଯୁକ୍ତି କରାଯିବ କିନ୍ତୁ ବିଦ୍ୟାଳୟର ସଭାପତି ସୁଧୀର ସ୍ୱାଇଁ, ଲକ୍ଷ୍ମୀ ପ୍ରିୟା ବିଶ୍ୱାଳ, ଲକ୍ଷ୍ମୀ ପ୍ରିୟା ଦାସ, ପ୍ରଫୁଲ୍ ପରିଡ଼ାଙ୍କ ସମେତ ସମସ୍ତ ଗ୍ରାମବାସୀ ନିଜ ଜିଦରେ ଅଟଳ ରହି ଚେତାବନୀ ଦେଇଛନ୍ତି ଯେ ଆବଶ୍ୟକକୀୟ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ଦିଆ ନ ଗଲେ ଓ ଗ୍ରାମବାସୀଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବିଦ୍ୟାଳୟରୁ ତାଲାଖୋଲା ଯିବ ନାହିଁ। ଏଠାରେ ସୂଚନା ଥାଉ କି ଗତ ବୁଧବାର ଦିନ ବନ୍ତିଲୋସ୍ଥିତ ଶ୍ରୀ ଜଗନ୍ନାଥ ନୋଡାଲ ବିଦ୍ୟାଳୟର ଦୁଇଜଣ ଶିକ୍ଷକ ,ଶିକ୍ଷୟିତ୍ରୀ,ସୁନ୍ଦରସ୍ଥିତ ସୁରେନ୍ଦ୍ରନାଥ ବିଦ୍ୟାପୀଠରୁ ସାଏଙ୍ଗ ପାଟଣା ବଦଳି କରାଯାଉଥିବା ଶିକ୍ଷୟତ୍ରୀଙ୍କ ବଦଳି ଆଦେଶକୁ ଶିକ୍ଷା ଅଧିକାରୀ ମନ୍ଦରଧର ମହାନ୍ତି ପ୍ରତ୍ୟାହୃତ କରିବା ପରେ ଉକ୍ତ ଶିକ୍ଷକ ଶିକ୍ଷୟତ୍ରଙ୍କୁ ବିଦ୍ୟାଳୟ ରେ ପ୍ରବେଶ କରାଇନଦେଇ ଫାଟକରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଥିଲେ ସେ ସମସ୍ୟା ସମାଧାନ ହୋଇ ପାରି ନାହିଁ। ବଦଳି ପାଲା ଦୁଇ ତିନି ଦିନ ହେଲାଣି ଜୋରରେ ଚାଲିଥିବା ବେଳେ ଘଟଣା ପ୍ରତି ଜିଲ୍ଲା ଶିକ୍ଷା ବିଭାଗ ଗୁରୁତ୍ୱ ନ ଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଦୀର୍ଘ ଦିନ ଧରି ଅସ୍ତରଙ୍ଗ ବ୍ଲକରେ ଶିକ୍ଷା ଅଧିକାରୀ ପଦବୀ ଖାଲି ପଡିଥିବା ବେଳେ କାକଟପୁର ଶିକ୍ଷା ଅଧିକାରୀ ଅସ୍ତରଙ୍ଗ ବ୍ଲକର ଅତିରିକ୍ତ ଦାୟିତ୍ୱରେ ରହି ଅନେକ ସମୟରେ ଅନୁପସ୍ଥିତ ରହୁଛନ୍ତି। ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ମନ ଇଚ୍ଛା କାର୍ଯ୍ୟ କରିବା କାରଣରୁ ଏଭଳି ସମସ୍ୟା ଉପୁଜୁଥିବା ଅଭିଯୋଗ ହେଉଛି।ଏଥି ପ୍ରତି ବିଭାଗୀୟ ଅଧିକାରୀ ,ଜିଲ୍ଲାପାଳ, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାର କାନ୍ତି ବେହେରା,ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକ ଧ୍ୟାନ ଦେବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି। ସମସ୍ୟା ସମାଧାନ ନ ହେଲେ ଆଗକୁ ଆହୁରି ହିଂସାତ୍ମକ କାର୍ଯ୍ୟ ପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି।

## ତଥ୍ୟ ମାଗିଲେ ଦେଉନାହାନ୍ତି ବିଇଓ

**ଭଦ୍ରକ :** ବନ୍ତ ବ୍ଲକ ଅଧିନରେ ଥିବା ବିଦ୍ୟାଳୟ ଗୁଡିକରେ ଅନେକ ପ୍ରକାର ଅନିୟମିତତା ହେଉଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଏପରିକି ବିଇଓ ଅଫିସରେ ମଧ ବିଭିନ୍ନ ପ୍ରକାର କେଳେଙ୍କାରୀ ଚାଲିଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ଯାହାକୁ ନେଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା ଏବଂ ଏଠାରେ କାର୍ଯ୍ୟ କରୁଥିବା ଦୁର୍ନୀତିଗ୍ରସ୍ତ ବିଇଓଙ୍କୁ ଅନ୍ୟତ୍ର ବଦଳି କରାଗଲା। ହେଲେ ବର୍ତ୍ତମାନ ଏଠାରେ ବିଇଓ ଭାବେ କାର୍ଯ୍ୟ କରୁଥିବା ମଞ୍ଜୁବାଳା ନାୟକଙ୍କୁ ସୂଚନା ଅଧିକାର କର୍ମୀ ବିକାଶ କୁମାର ଧଳ କେତେକ ତଥ୍ୟ ମାଗିବାର ୬ମାସ ବିତିଯାଇଥିଲେ ମଧ ସେଠାରୁ କୌଣସି ତଥ୍ୟ ମିଳୁନାହିଁ। ଏନେଇ ଶ୍ରୀ ଧଳ ବିଇଓଙ୍କ ସହିତ ଯୋଗାଯୋଗ କରିବା ପରେ ବିଇଓ ମହାଶୟା କହିଥିଲେ କି, ଏବିଇଓ ହରେକୃଷ୍ଣ ଆପଙ୍କୁ ଦାୟିତ୍ୱ ଦେଇଛନ୍ତି ଏବଂ ସିଏ ସମସ୍ତ ପ୍ରକାର ତଥ୍ୟ ପ୍ରଦାନ କରିବେ। ହେଲେ ଯାହା ଜଣାପଡିଲା ଏବିଇଓ ମହାଶୟ ବାରମ୍ବାର ଆଜି ଆସ, କାଲି ଆସ କହୁଥିଲେ ମଧ ବାସ୍ତବରେ କୌଣସି ତଥ୍ୟ ପ୍ରଦାନ କରୁନାହାନ୍ତି। ଏନେଇ ପୁନର୍ବାର ଶ୍ରୀ ଧଳ ଶ୍ରୀମତୀ ନାୟକଙ୍କୁ ଯୋଗାଯୋଗ କରିବା ପରେ ସେ କହିଥିଲେ ବ୍ୟସ୍ତ ହେଲେ ତଥ୍ୟ କ'ଣ ମିଳିବ। ତେଣୁ ଧୈର୍ଯ୍ୟ ରଖନ୍ତୁ। ସାଧାରଣରେ ପ୍ରଶ୍ନ ଉଠୁଛି ଯେ, ସରକାରଙ୍କ ନିୟମ ଅନୁସାରେ ସୂଚନା ଅଧିକାର ବଳରେ ଯେକୌଣସି ସାଧାରଣ ନାଗରିକ ତଥ୍ୟ ମାଗିଲେ ସମ୍ପୃକ୍ତ ସଂସ୍ଥା ବା ଅନୁଷ୍ଠାନ ତଥ୍ୟ ପ୍ରଦାନ କରିବାକୁ ବାଧ। ହେଲେ ବନ୍ତ ବ୍ଲକ ବିଇଓ ଅଫିସରେ ଏଭଳି ଟାଳଟୁଳ ନୀତି ଗ୍ରହଣ ପଛରେ କାରଣ କ'ଣ?

## ଜିଲ୍ଲାସ୍ତରୀୟ ନୂଆଖାଇ ଭେଟଘାଟ ଉତ୍ସବ ପାଳିତ



**ଜଗତସିଂହପୁର:** ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ନୂଆଖାଇ ଭେଟଘାଟ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଜିଲ୍ଲାପାଳ ପାରୁଲ ପଟୱାରୀ ଅଧ୍ୟକ୍ଷତା କରି କହିଥିଲେ ଯେ, ନୂଆଖାଇ ହେଉଛି ପଶ୍ଚିମଓଡିଶାର ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ। ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ୍ରମେ ଏହି ନୂଆଖାଇ ପର୍ବଟି ପ୍ରତ୍ୟେକ ଜିଲ୍ଲାରେ ପାଳିତ ହେଉଛି। ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବା ବେଳେ ପଶ୍ଚିମଓଡିଶାରେ କୃଷି ଭିତିକ ଗଣପର୍ବ ଭାବେ ପାଳନ କରି ନବାନ୍ନ ଲାଗି ରହିଛି। ସମସ୍ତେ ମିଳିମିଶି ନୂଆଖାଦ୍ୟ ଖାଇବା ସହିତ ଗୁରୁଜନମାନଙ୍କଠୁ ଆରମ୍ଭ କରି ଛୋଟପିଲା ପର୍ଯ୍ୟନ୍ତ ଏହି ନବାନ୍ନ ସମସ୍ତେ ଖାଇଥାନ୍ତି। ଏହି ନୂଆଖାଇ ଶିବିର ପାଳନ ଅବସରରେ ମହିଳା ସ୍ୱୟଂ ସହାୟକ ସଦସ୍ୟାମାନଙ୍କ ଦ୍ୱାରା ରଙ୍ଗୋଲି ପ୍ରତିଯୋଗିତା ବେଶ୍ ଆକର୍ଷଣ ହୋଇଥିବା ବେଳେ ଅନ୍ୟ ଚାରିଗୋଟି ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ବଲପୁର ନୃତ୍ୟଗୀତର ଆୟୋଜନ ବି ହୋଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଯୋଗଦେଇ କହିଥିଲେ ଯେ ନୂଆଖାଇ ପର୍ବ ସାରା ଓଡିଶାରେ ଗଣପର୍ବ ଭାବେ ପରିଣତ ହୋଇଗଲାଣି। ପଶ୍ଚିମ ଓଡିଶାରେ ନୂଆଧାନର ଚାଉଳରେ ପ୍ରସାଦ ହୋଇ ମାଙ୍କ ପାଖରେ ଲାଗି କରାଯାଏ। ସେହି ପ୍ରସାଦକୁ ଘରେ ଘରେ ମଧ୍ୟ ବିତରଣ କରାଯାଏ। ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଏହି ପର୍ବରେ ସାଂସ୍କୃତିକ ଭାବ ଧାରାର ଆଦାନ ପ୍ରଦାନ ହୋଇଥାଏ। ଆଗାମୀ ଦିନରେ ନୂଆଖାଇ ପର୍ବ ପାଳନରେ ପଶ୍ଚିମ ଓଡିଶାର ସାଂସ୍କୃତିକ ଦଳକୁ ସାମିଲ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ଶିକ୍ଷାବିତ୍ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଯୋଗଦେଇ ନୂଆଖାଇ ପର୍ବ ପାଳନର ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ମର୍ମସ୍ପର୍ଶୀ ଭାଷଣ ପ୍ରଦାନ କରିଥିଲେ। ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ଯୋଗଦେଇ ନୂଆଖାଇ ଉତ୍ସବ ଭୂୟଶୀ ପ୍ରଶଂସା କରିବା ସହିତ ନୂଆଖାଇ ପର୍ବର ପାଳନ ନିମନ୍ତେ ଜନସାଧାରଣ ସହଯୋଗ କରିବାପାଇଁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଯୋଗଦେଇ ନୂଆଖାଇ ପର୍ବର ବିଶେଷତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲିପ କୁମାର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଜିଲ୍ଲାପାଳ ପଟୱାରୀ ପୋଡପିଠା କାଟି ଜଗନ୍ନାଥ ଓ ମା ସମଲେଇଙ୍କୁ ଅର୍ପଣ କରିଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### 'ମୋ କଲେଜ' ଅଭିଯାନ

# ୧୩ ମହାବିଦ୍ୟାଳୟ ପାଇଁ ୮୫ ଲକ୍ଷ ଟଙ୍କାର ମଞ୍ଜୁରୀ

**ଭୁବନେଶ୍ୱର:** 'ମୋ କଲେଜ' ଅଭିଯାନ ଅଧୀନରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ସାମଗ୍ରିକ ବିକାଶ ଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଏହି କ୍ରମରେ ଶୁକ୍ରବାର ରାଜ୍ୟ ସରକାର ୧୩ଟି ମହାବିଦ୍ୟାଳୟରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ୮୫ ଲକ୍ଷ ୮୪ ହଜାର ଟଙ୍କାର ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ଏହି ଶିକ୍ଷାନୁଷ୍ଠାନ ଭିତରେ ରହିଛି ଅନୁଗୋଳର ତାଲମୂଲସ୍ଥିତ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ, ବାଲେଶ୍ୱରର ରେମୁଣା ଡିଗ୍ରୀ ମହାବିଦ୍ୟାଳୟ, ବରଗଡ଼ ଗାଇସିଲଟର ପଞ୍ଚାୟତ ସମିତି ମହାବିଦ୍ୟାଳୟ, କଟକ ଅସୁରେଶ୍ୱର ସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟ, କଟକ ଜିଲ୍ଲା ଅଡ଼ସପୁରସ୍ଥିତ ଉଦୟନାଥ ସ୍ୱୟଂ ଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ, କଟକସ୍ଥିତ ମହାନଦୀ ବିହାର ମହିଳା ଡିଗ୍ରୀ ମହାବିଦ୍ୟାଳୟ ଓ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ। ସେହିପରି ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଗଞ୍ଜାମ ଜିଲ୍ଲା କୋଦଳାସ୍ଥିତ ଲକ୍ଷ୍ମୀପ୍ରିୟା ଡିଗ୍ରୀ ମହାବିଦ୍ୟାଳୟ, କେନ୍ଦୁଝରର ଆନନ୍ଦପୁର ମହାବିଦ୍ୟାଳୟ, ମୟୂରଭଞ୍ଜର ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ଓ ସାରସ୍ୱତ ସନ୍ତକ ମହାବିଦ୍ୟାଳୟ, ସମ୍ବଲପୁରର ଜମନକିରା ଡିଗ୍ରୀ ମହାବିଦ୍ୟାଳୟରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି। ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ସାଇକେଲ ଷ୍ଟାଣ୍ଡ, ବାସ୍କେଟ ବଲ୍ କୋର୍ଟ, କମନ ରୁମ୍, ଶୌଚାଳୟ ଓ ପାଚେରୀ ନିର୍ମାଣ ସହିତ ବିଭିନ୍ନ କଲେଜ କୋଠାର ମରାମତି ଆଦି କାର୍ଯ୍ୟ କରାଯିବ। ସେହିପରି କମ୍ପ୍ୟୁଟର, ଆସବାବପତ୍ର କିଣାଯିବା ସହିତ କ୍ୟାଣ୍ଟିନ ଓ ରିଡିଙ୍ଗ ରୁମର ନବୀକରଣ କରାଯିବ। ଏହାସହ କଲେଜଗୁଡ଼ିକରେ ଥଣ୍ଡା ପାନୀୟ ଜଳ ପାଇଁ ମଧ ବ୍ୟବସ୍ଥା କରାଯିବ। 'ମୋ କଲେଜ' ଅଭିଯାନ ପରିଚାଳନା ସଙ୍ଗଠନ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ପ୍ରତିଷ୍ଠିତ ଏକ ସ୍ୱୟଂ ଶାସିତ ଅନୁଷ୍ଠାନ। ଏହା ଅଧୀନରେ ୭୫୦ରୁ ଅଧିକ ଉଚ୍ଚଶିକ୍ଷାନୁଷ୍ଠାନକୁ ସାମିଲ କରାଯାଇଛି। ପୁରାତନ ଛାତ୍ରଛାତ୍ରୀଙ୍କୁ ଯୋଡ଼ି ବିଭିନ୍ନ ଉଚ୍ଚଶିକ୍ଷାନୁଷ୍ଠାନର ବିକାଶ ଲାଗି ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। 'ମୋ କଲେଜ' ସର୍ତ୍ତାବଳୀ ଅନୁଯାୟୀ, ପୁରାତନ ଛାତ୍ରଛାତ୍ରୀଙ୍କଠାରୁ ଯେତିକି ଅର୍ଥ ମିଳୁଛି ସରକାର ତାହାର ଦୁଇଗୁଣ ଅର୍ଥ ପ୍ରଦାନ କରୁଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭଉଣୀ ନେଲେନି ...

ବରିଷ୍ଠ କଂଗ୍ରେସ ନେତା ବିଧାୟକ ସୁର ରାଉତରାୟ କହିଛନ୍ତି, ଏହା ଏକ ମାମୁଲି ପ୍ରାଇଜ। ଶହେଟା ଲୋକକୁ ନେଇ ଏ ପ୍ରାଇଜ। ଜଣେ ଓଡ଼ିଆ ଅଛନ୍ତି। ଆଜୀବନ ଆଚିଭମେଣ୍ଟ ପ୍ରାଇଜ ଗୋଟେ ଅଲାଜୁକ ପ୍ରାଇଜ। ପଇସା ଖର୍ଚ୍ଚ କରି ୫୦/୬୦ ବସ, ଗାଡି ମଟର, ପ୍ଲେନରେ ଲୋକ ନେଇ ପାଞ୍ଚ ହଜାର ଯୁବକ ଛାତ୍ରଙ୍କୁ ନେଇଥିଲେ ସେଠି ଗୋଟେ ସମ୍ବର୍ଦ୍ଧନା ନିଜେ ପାଇବେ ବୋଲି। ଏଇଟା ଗୋଟେ ଅଲାଜୁକ ଆୱାର୍ଡ। ପଇସା ଖର୍ଚ୍ଚ କରି ଲୋକ ବୁହାଇ ମିଡିଆ ଆଗରେ ପପୁଲାରିଟି ଦେଖେଇବାକୁ ଏଭଳି ଆୟୋଜନ, ଏହାର ମୂଲ୍ୟ କିଛି ନାହିଁ। ଏହି ପ୍ରସଙ୍ଗରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ କହିବା କଥା, ଯେତେବେଳେ ନିର୍ବାଚନ ପାଖେଇ ପାଖେଇ ଆସେ ମୁଖ୍ୟମନ୍ତ୍ରୀ କେଉଁଠୁ ନା କେଉଁଠୁ ଗୋଟେ ପୁରସ୍କାର କିଣନ୍ତି। ଏଇଟା କୌଣସି ପ୍ରଭାବ ପଡିବନାହିଁ। ଲୋକମାନେ ଏ ଡ୍ରାମା ଜାଣିଛନ୍ତି। କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକ କହିଛନ୍ତି, ଏଭଳି ମହତ୍ୱ ନଥିବା ଆୱାର୍ଡ ମୁଖ୍ୟମନ୍ତ୍ରୀ ଗ୍ରହଣ କରିବା କଥା ନୁହେଁ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆୱାର୍ଡ ଗ୍ରହଣ କରିବା କଥା। ଏଭଳି ଏନଜିଓ ବା ଓଡ଼ିଶାର କେହି ଦେଇଦେଲେ ତାହା ଗ୍ରହଣ କରିବା ଅନୁଚିତ। ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଏହି ଆୱାର୍ଡ ପ୍ରସଙ୍ଗରେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ବନ୍ଧୁମାନେ ଏହି ଆୱାର୍ଡକୁ ନେଇ ଚିତ୍କାର କରିବା ବନ୍ଦ କରନ୍ତୁ। ତେବେ କ୍ୟାପିଟାଲ ଫାଉଣ୍ଡେସନ ସଂସ୍ଥା କ'ଣ ଗୋଟେ ଏନଜିଓ ନା ମର୍ଯ୍ୟାଦା ଥିବା ସଂସ୍ଥା? ଏହାକୁ ନେଇ ଅନେକ ଲୋକ ସନ୍ଦେହ ପ୍ରକଟ କରୁଥିଲା ବେଳେ ବିଜେଡି କିନ୍ତୁ ବିରୋଧୀଙ୍କୁ ଟାର୍ଗେଟ କରି କହିଛି, ବିରୋଧୀଙ୍କ କାମ ବିରୋଧ କରିବା। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଜନସାଧାରଣ ପୁରସ୍କାର ଦେଉଛନ୍ତି। ବିରୋଧୀ କ'ଣ ଆମକୁ ପ୍ରଶଂସା କରିବେ? ପ୍ରତ୍ୟେକ କ୍ଷେତ୍ରରେ ସେମାନେ ବିରୋଧ କରିବେ। ହେଲେ ବିଡ଼ମ୍ବନାର କଥା ହେଉଛି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ଼ଭଉଣୀ ପ୍ରସିଦ୍ଧ ଲେଖିକା ଗୀତା ମେହେଟ୍ଟା ୨୦୧୯ ମସିହାରେ ରାଷ୍ଟ୍ରୀୟ ସମ୍ମାନ 'ପଦ୍ମ ଶ୍ରୀ' ଗ୍ରହଣ କରିବାକୁ ମନା କରିଦେଇଥିଲେ। ଏହାର କାରଣ ଥିଲା, ଭାଇ ଯେହେତୁ ସାଢ଼େ ଚାରି କୋଟି ଓଡ଼ିଆଙ୍କ ସମ୍ମାନ ଓ ସ୍ୱାଭିମାନ ପାଇଁ କାର୍ଯ୍ୟ କରୁଛନ୍ତି, କାଳେ ତାଙ୍କ ସମ୍ମାନରେ ଆଞ୍ଚ ଆସିବ ସେଥିପାଇଁ ସେ ଏଭଳି ନିଷ୍ପତ୍ତି ନେଇଥିଲେ। ତେଣୁ ଯେତେବେଳେ ଓଡ଼ିଶାର ସମ୍ମାନ ଓ ସ୍ୱାଭିମାନ ପାଇଁ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଝିଅ 'ପଦ୍ମ ଶ୍ରୀ' ନେବାକୁ ଇଚ୍ଛା ପ୍ରକଟ କଲେନାହିଁ, ସେଭଳି ସ୍ଥଳେ ମୁଖ୍ୟମନ୍ତ୍ରୀ 'ଜୀବନବ୍ୟାପି ସଫଳତା ପୁରସ୍କାର' ନେବା ଉଚିତ ବୋଲି ବହୁ ବୁଦ୍ଧିଜୀବୀ ଏକମତ ହେଉନାହାନ୍ତି। କାରଣ ନବୀନଙ୍କ ଭଳି ଜଣେ ସରଳ, ଉଦାରବାଦୀ ଏବଂ ସଫଳ ମୁଖ୍ୟମନ୍ତ୍ରୀଙ୍କୁ ଜନତାଙ୍କ ପୁରସ୍କାର ଠାରୁ ଅଧିକ କ'ଣ ଲୋଡ଼ା! ତେବେ ଯାହା ଜଣାପଡିଛି ଆଗାମୀ ୨୦୨୪ ନିର୍ବାଚନ ପୂର୍ବରୁ ଓଡ଼ିଶାରେ ବିଜେପିର ରାଷ୍ଟ୍ରୀୟ ନେତାମାନେ ଯେଭଳି ଡେରା ପକାଇଲେଣି ତାହାକୁ ନେଇ ବିଜେଡି ମନରେ ଛନକା ପଶିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### କାହିଁକି ବାଦ୍ ପଡିଲା ...

ରାଜ୍ୟଗୁଡିକୁ ଯାତ୍ରାରେ ନେଯାଡିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ୨୬ ଟି ଆସନ ବିଶିଷ୍ଟ ଗୁଜୁରାଟ ମଧ ଯାତ୍ରା ତାଲିକାରେ ନାହିଁ, ଯେଉଁଠି କି ଚଳିତ ବର୍ଷ ଶେଷରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଯଦି କଂଗ୍ରେସ ଏହି ରାଜ୍ୟକୁ ନିଜ ଯାତ୍ରା ମାର୍ଗରେ ଅନ୍ତର୍ଭୁକ୍ତ କରିଥାନ୍ତା, ତା'ହେଲେ ଏହା ଭଲ ହୋଇଥାନ୍ତା ଏବଂ ଗୁଜୁରାଟ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟକୁ ବାର୍ତ୍ତା ଦେଇପାରନ୍ତା। କଂଗ୍ରେସ ରଣନୀତିଜ୍ଞମାନଙ୍କ ବିଶ୍ୱାସ ଯେ କେରଳ, ତାମିଲନାଡୁ, କର୍ଣ୍ଣାଟକ ଏବଂ ତେଲେଙ୍ଗାନା ଭଳି ରାଜ୍ୟକୁ ଯାତ୍ରାରେ ହୋଇଛି। କାରଣ ଏହି ରାଜ୍ୟର ସମର୍ଥନ ଆଧାର ଉତ୍ତର ଭାରତର ଅପେକ୍ଷା ଅଧିକ । ତଥାପି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଯେ ଯଦି କଂଗ୍ରେସ ନିଜକୁ ଦେଶବ୍ୟାପୀ ଦଳ ଭାବରେ ପୁନଃ ପ୍ରତିଷ୍ଠା କରିବାକୁ ଚାହୁଁଛି, ତେବେ ୟୁପି, ବିହାର, ଗୁଜୁରାଟ ଭଳି ଗୁରୁତ୍ୱପୂର୍ଣ୍ଣ ରାଜ୍ୟଗୁଡ଼ିକୁ କିପରି ଅଣଦେଖା କରିପାରିବ? ଯେଉଁ ରାଜ୍ୟ ଯଥା ତାମିଲନାଡୁ, କେରଳ, କର୍ଣ୍ଣାଟକ, ତେଲେଙ୍ଗାନା, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ, ୟୁପି, ଦିଲ୍ଲୀ ଏବଂ ହରିୟାଣା ସମେତ କଂଗ୍ରେସ ଏହି ଯାତ୍ରା ଅତିକ୍ରମ କରିବାକୁ ନିଷ୍ପତ୍ତି ନେଇଛି, ସେଠାରୁ ୩୭୧ ଲୋକସଭା ଆସନ ଆସେ । ଏହି ରାଜ୍ୟଗୁଡିକରେ ୨୦୧୯ ରେ କଂଗ୍ରେସ ୩୭ ଟି ସିଟ ପାଇଛି। ଭାରତ ଯୋଡୋ ଯାତ୍ରା ପରେ ଏହିସବୁ ଆସନରୁ କଂଗ୍ରେସଖାତାକୁ କେତେ ଭୋଟ ଆସିବ ତାହା ଆଗକୁ ଜଣାପଡିବ ପଡ଼ିବ।

### ଦରକାର ୯୫ ମିଲିୟନ ...

ସାରା ଦେଶରେ ଯେତିକି କୋଇଲା ଗଚ୍ଛିତ ଅଛି କେବଳ ୨୫ ପ୍ରତିଶତ ଓଡ଼ିଶାରେ ରହିଛି। ଶକ୍ତି ଉତ୍ପାଦନ ୟୁନିଟରୁ ପର୍ଯ୍ୟାପ୍ତ କୋଇଲା ମିଳୁଥିବା ବେଳେ ଏମ୍ଏସ୍ଏମ୍ଇ ଶିଳ୍ପ ପାଇଁ କେନ୍ଦ୍ର ଆବଶ୍ୟକ କୋଇଲା ନମିଳିବା ଦୁର୍ଭାଗ୍ୟଜନକ। ଓଡ଼ିଶାରେ ଏମ୍ଏସ୍ଏମ୍ଇ ଶିଳ୍ପ କିପରି ବିକାଶ କରିବ ସେଥିପାଇଁ ରାଜ୍ୟ ସରକାର ସବୁ ପ୍ରକାର ସୁବିଧା ଯୋଗାଇ ଦେଉଛନ୍ତି। କିନ୍ତୁ କେନ୍ଦ୍ରର ଅବିଚାର ଯୋଗୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକ ବନ୍ଦ ହେବା ଆଶଙ୍କା ସୃଷ୍ଟି ହୋଇଛି। ତୃତୀୟ ମେକଇନ ଓଡ଼ିଶା କନକ୍ଲେଭ ପାଇଁ ମୁଖ୍ୟମନ୍ତ୍ରୀ ନିଜେ ଦୁବାଇରୁ ଦିଲ୍ଲୀ ପର୍ଯ୍ୟନ୍ତ ପୁଞ୍ଜିପତି ସମ୍ମିଳନୀ କରୁଛନ୍ତି। ଏଭଳି ସ୍ଥିତିରେ ଆବଶ୍ୟକ ପରିମାଣର କୋଇଲା ଯୋଗାଣ ନହେଲେ ପୁଞ୍ଜି ନିବେଶ ଲକ୍ଷ୍ୟ ପୂରଣ ହୋଇପାରିବ ତ?

### ଶିଳ୍ପାୟନରେ ...

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗଦର୍ଶନରେ ଶିଳ୍ପାୟନ ଓଡ଼ିଶାରେ ଏକ ନୂଆ ବିପ୍ଳବ ଆଣିଛି ବୋଲି ଭାରତୀୟ ଶିଳ୍ପ ସଂଘ ମତ ଦେଇଛି। ଭୁବନେଶ୍ୱରରେ ଆୟୋଜିତ ସିଆଇଆଇର ଦ୍ୱିତୀୟ ଇଷ୍ଟ ଇଣ୍ଡିଆ ମିଟରେ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ରାଜ୍ୟର ଆଇଟି ପଲିସି ଉପରେ ଆଲୋଚନା କରିବା ସହ ଭିତ୍ତଭୂମି କ୍ଷେତ୍ରରେ ଆଇଟିର ଭୂମିକା ଏବଂ ଉପଯୋଗ ଗୁରୁତ୍ୱ ବୋଲି ମତ ରଖିଛନ୍ତି।

### ୨୦୨୫ ସୁଦ୍ଧା ...

ସର୍ବୋଚ୍ଚ ସ୍ତରୀୟ ଅଙ୍ଗୀକାରବଦ୍ଧତା ଯୋଗୁ ଜାତୀୟ ଟିବି ଦୂରୀକରଣ କାର୍ଯ୍ୟକ୍ରମ (ଏନଟିଇପି) ଜରିଆରେ ଅଗ୍ରଗତି କରିବ। ସମାରୋହରେ ରାଷ୍ଟ୍ରପତି ସ୍ୱାସ୍ଥ୍ୟ ଯତ୍ନ କର୍ମଚାରୀ, ଗୋଷ୍ଠୀ ନେତା ଓ କୋଭିଡ-୧୯ ବୈଶ୍ୱିକ ମହାମାରୀ ରୋକିବାରେ ଅଗ୍ରଣୀ ଭୂମିକା ନେଇଥିବା ନାଗରିକଙ୍କ ପ୍ରଶଂସା କରିବା ସହ ଦେଶରୁ ଟିବି ହଟାଇବା ପାଇଁ ସେମାନେ ସେହି ଉଦ୍ୟମ ଅବ୍ୟାହତ ରଖିବେ ବୋଲି ଆଶା ପୋଷଣ କରିଥିଲେ। ସ୍ୱାସ୍ଥ୍ୟ ପଦ୍ଧତିରେ ପ୍ରତ୍ୟେକ ସ୍ତରରେ କମ ବ୍ୟୟ ସାପେକ୍ଷ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯେପରି ସମସ୍ତେ ପାଆନ୍ତି ତାହାକୁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ବୋଲି ରାଷ୍ଟ୍ରପତି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଆୟୁଷ୍ମାନ ଭାରତ ଯୋଜନାରେ ହୋଇଥିବା ପ୍ରଗତି ଉପରେ ଆଲୋକପାତ କରି ଦେଶର ମଜବୁତ ସ୍ୱାସ୍ଥ୍ୟ ଯତ୍ନ ପଦ୍ଧତି ଟିବି ଦୂରୀକରଣ ଲକ୍ଷ୍ୟ ହାସଲ କରିବା ବିଶ୍ୱାସ ତାଙ୍କ ରହିଛି ବୋଲି କହିଥିଲେ। ଟିବି ଉପଚାର ଓ ଏହା ଏକ ଆରୋଗ୍ୟ ହୋଇପାରୁଥିବା ରୋଗ ଭଳି ଜନସଚେତନତା ବୃଦ୍ଧି ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ। ରୋଗ ସହ ଯୋଡ଼ି ହୋଇ ରହିଥିବା ଅନ୍ଧବିଶ୍ୱାସକୁ ସମ୍ମିଳିତ ଭାବେ ମୁକାବିଲା କରିବା ଉପରେ ସେ ଆଲୋକପାତ କରିଥିଲେ। ଏହି ଅବସରରେ ଉଦବୋଧନ ଦେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭ୍ୟ କହିଥିଲେ ଯେ "ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଓ ପ୍ରଧାନମନ୍ତ୍ରୀଙ୍କ ନାଗରିକଧର୍ମୀ ନୀତିର ଏକ ସମ୍ପ୍ରସାରଣ"। ଟିବି କାର୍ଯ୍ୟକ୍ରମର ସଫଳତା ନିମନ୍ତେ ସେ ପ୍ରମୁଖ ସୂଚକ ଯଥା ଟିବି ମାମଲା ବିଜ୍ଞପ୍ତି ଓ ମାସିକ ବିଜ୍ଞପ୍ତି ପ୍ରକାଶକୁ ଶ୍ରେୟ ଦେଇଥିଲେ। ସେ ଦୃଷ୍ଟିରୁ ଏହି ସଂଖ୍ୟା ବୈଶ୍ୱିକ ମହାମାରୀ ପୂର୍ବ ସ୍ତରରେ ୨୦୨୧ ଶେଷ ସୁଦ୍ଧା ପହଂଚି ପାରିଥିଲା। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଗୁରୁତ୍ୱ ଆରୋପ କରି କହିଥିଲେ ଯେ ଭାରତରେ ଟିବି ଦୂରୀକରଣ ନିମନ୍ତେ ଏକ ସାମଗ୍ରିକ ସହଯୋଗର ଆବଶ୍ୟକତା ରହିଛି। ଦେଶର ସମସ୍ତ କ୍ଷେତ୍ରରୁ ଜନସାଧାରଣଙ୍କୁ ନେଇ ଏହା ଏକ ଜନଆନ୍ଦୋଳନର ରୂପ ନେଲେ ହିଁ ୨୦୨୫ ସୁଦ୍ଧା ଟିବି ଦୂରୀକରଣ ଲକ୍ଷଣ ସାଧିତ ହୋଇପାରିବ। ଡକ୍ଟର ମାଣ୍ଡଭ୍ୟ କହିଥିଲେ ଯେ ନିକ୍ଷୟ ପୋର୍ଟାଲରେ ପ୍ରାୟ ୧୩.୫ ଲକ୍ଷ ଟିବି ରୋଗୀ ପଞ୍ଜୀକୃତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୮.୯ ଲକ୍ଷ ସକ୍ରିୟ ଟିବି ରୋଗୀ ସେମାନଙ୍କୁ ଗ୍ରହଣ କରିବାକୁ ମତ ଦେଇସାରିଛନ୍ତି। ନିକ୍ଷୟ ଡିଜିଟାଲ ପୋର୍ଟାଲ ସମାଜରେ ଟିବି ଥିବା ଲୋକଙ୍କୁ ଗୋଷ୍ଠୀ ସମର୍ଥନ ବାବଦ ଏକ ମଞ୍ଚ ପ୍ରଦାନ କରିବ। ଯେପରି କୌଣସି ଟିବି ରୋଗୀ ବାଦ ନ ପଡ଼ନ୍ତି ସେଥିପାଇଁ ଶ୍ରୀ ମାଣ୍ଡଭ୍ୟ ସମସ୍ତ ନାଗରିକ, ଏନଜିଓ, ବାଣିଜ୍ୟିକ ସଂସ୍ଥା, ନିର୍ବାଚିତ ପ୍ରତିନିଧି ନିକ୍ଷୟ ମିଶ୍ର ହେବାକୁ ନିବେଦନ କରିଥିଲେ।

### ନୂପୁର ଶର୍ମାଙ୍କୁ ...

ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ। ନୂପୁରଙ୍କ ବିରୋଧରେ ଏକାଧିକ ଅଭିଯୋଗ କରାଯାଇଥିଲେ ମଧ ପୁଲିସ ଏଯାଏ କୌଣସି ପଦକ୍ଷେପ ନେଇନାହିଁ। ତେଣୁ ତାଙ୍କୁ ଗିରଫ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନକାରୀ କହିଥିଲେ। ଏହାଶୁଣି ଖଣ୍ଡପୀଠ କହିଥିଲେ ଯେ ଏହା ଶୁଣିବାକୁ ବହୁତ ସରଳ ଓ ସହଜ ଲାଗୁଛି। କିନ୍ତୁ ଏଥିରେ ସହମତି ହେବା ବେଶ କଷ୍ଟକର। ନିର୍ଦ୍ଦେଶ ଦେବା ବେଳେ କୋର୍ଟ ବେଶ ସତର୍କ ରହିବା ଉଚିତ। ଆମେ ଆପଣଙ୍କୁ ଆବେଦନ ପ୍ରତ୍ୟାହାର କରି ନେବାକୁ ପରାମର୍ଶ ଦେଉଛି। ଏହାପରେ ଆବେଦନ ପ୍ରତ୍ୟାହାର ସହ ଆବେଦନ ଖାରଜ ହୋଇଯାଇଛି। ଏହାପୂର୍ବରୁ ବିବାଦୀୟ ବୟାନ ପାଇଁ ନୂପୁର ଶର୍ମାଙ୍କ ନାଁରେ ଦେଶର ବିଭିନ୍ନ ସ୍ଥାନରେ ରୁଜୁ ହୋଇଥିବା ସମସ୍ତ ଏଫଆଇଆରକୁ ସୁପ୍ରିମକୋର୍ଟର ଭିନ୍ନ ଏକ ବେଞ୍ଚ ଦିଲ୍ଲୀକୁ ସ୍ଥାନାନ୍ତର କରିଥିଲେ। ଏହାର ବିଚାର ମଧ ଦିଲ୍ଲୀ ହାଇକୋର୍ଟ କରିବେ। ନୂପୁର ଶର୍ମାଙ୍କୁ ଆବଶ୍ୟକ ସୁରକ୍ଷା ପାଇଁ ସୁପ୍ରିମକୋର୍ଟ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ମଧ କହିଥିଲେ। ନୂପୁର ଶର୍ମା ଗୋଟିଏ ଟିଭି ବିତର୍କରେ ଭାଗନେଇ ପ୍ରଫେଟ ମହମ୍ମଦଙ୍କ ସମ୍ପର୍କରେ ଅତ୍ୟନ୍ତ ଅଭଦ୍ର କଥା କହିଥିଲେ। ଏହାକୁ ନେଇ ଦେଶ ଭିତରେ ଓ ବାହାରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଶେଷରେ ବିଜେପି ବାଧ ହୋଇ ନୂପୁର ଶର୍ମାଙ୍କୁ ଦଳରୁ ବିଦା କରିଥିଲା।

## ପୂର୍ବତନ ପ୍ରାଣୀସମ୍ପଦ ନିର୍ଦ୍ଦେଶକଙ୍କ ପରଲୋକ



**ଜଗତସିଂହପୁର:** ପୂର୍ବତନ ପ୍ରାଣୀ ପାଳନ ଓ ପ୍ରାଣୀ ସମ୍ପଦ ନିର୍ଦ୍ଦେଶକ ଡଃ.ଗୁରୁପ୍ରସାଦ ମହାନ୍ତି କଟକ ସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରାଣୀ ଚିକିତ୍ସକ ତଥା କର୍ମକର୍ତ୍ତାଙ୍କ ମହଲରେ ଶୋକରଛାୟା ଖେଳିଯାଇଛି। ଜଗତସିଂହପୁର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରାଣୀ ସମ୍ପଦ ବିଭାଗର ପ୍ରାଣୀ ଚିକିତ୍ସକ ଓ କର୍ମକର୍ତାଙ୍କ ଦ୍ୱାରା ସ୍ୱର୍ଗତଃ ଡଃ.ଗୁରୁପ୍ରସାଦ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶୋକଦିବସ ପାଳନ କରାଯିବା ସହିତ ତାଙ୍କ ଶୋକସଂତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଆମେରିକାରୁ ସାନପୁଅ ଇଂ ଗୋପାଳ ମହାନ୍ତି କଟକରେ ପହଂଚିବା ପରେ ନିଜର ଜନ୍ମସ୍ଥାନ ଜଗତସିଂହପୁର ସ୍ଥିତ ଆଳିପିଙ୍ଗଳ ଠାରେ ତାଙ୍କର ଅନ୍ତେଷ୍ଟିକ୍ରିୟା ଗଭୀର ଶୋକାକୁଳ ପରିବେଶରେ ସମାପନ୍ନ ହୋଇଥିଲା। ସାନପୁଅ ଗୋପାଳ ପ୍ରସାଦ ମହାନ୍ତି ମୁଖାଗ୍ନି ପ୍ରଦାନ କରିଥିବା ବେଳେ ପୁତ୍ରବଧୂ କ୍ରିଷ୍ଣା ମହାନ୍ତି, ବାଣୀ ପ୍ରସାଦ ମହାନ୍ତି, ବିରଜା ପ୍ରସାଦ ମହାନ୍ତି, ରୋଜା ମହାନ୍ତି, ଶିବାଜୀ ପାତ୍ର, ରାଜୁ ପାତ୍ର ଓ ଆଳିପିଙ୍ଗଳ ଗ୍ରାମବାସୀ ବୃନ୍ଦ ଏସମୟରେ ଉପସ୍ଥିତ ରହିଥିଲେ। ସ୍ୱର୍ଗତଃ ମହାନ୍ତି ୧୯୩୮ ମସିହା ଅକ୍ଟୋବର ୧୮ରେ ଆଳିପିଙ୍ଗଳରେ ଜନ୍ମଗ୍ରହଣ କରିଥିବା ବେଳେ ୮୪ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି। ତାଙ୍କର ଜୀବନକାଳ ମଧ୍ୟରେ ବହୁ ବିଜ୍ଞାନ, ଧର୍ମୀ, ପୁସ୍ତକରଚନା କରିଛନ୍ତି। ଉତ୍କଳ ସମ୍ମିଳନୀର ସଭାପତି ଭାବରେ ଦାୟିତ୍ୱ ଗ୍ରହଣ କରି ସେ ଓଡିଆ ଭାଷା ସାହିତ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କର ଜୀବନବ୍ୟାପୀ ସାଧନା, ପ୍ରତିବଧତା ଓ ଅଙ୍ଗୀକାରତା ହେତୁ ସେ ବହୁ ପ୍ରଶଂସା ସମ୍ମାନ ଓ ପରିଚୟ ସୃଷ୍ଟି କରିପାରିଥିଲେ।

## ଏରସମା ବ୍ଲକ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି

ଜଗତସିଂହପୁର: ଜିଲ୍ଲା ପ୍ରଶାସନ ପକ୍ଷରୁ ଏରସମା ବ୍ଲକ କାର୍ଯ୍ୟାଳୟ ଠାରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି ଜନଶୁଣାଣି ଶିବିରରେ ଜିଲ୍ଲାପାଳ ପାରୁଲ ପଟୱାରୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗ ଶୁଣାଣି କରିବା ସହିତ ଉପସ୍ଥିତ ଥିବା ଅଧିକାରୀମାନଙ୍କୁ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ଶିବିରରେ ମୋଟ ୧୦୮ ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ରାସନକାର୍ଡ ନିମନ୍ତେ ୧୦ଗୋଟି, ଆବାସ ଯୋଜନା ସମ୍ପର୍କରେ ୫୧ ଗୋଟି, ଜମିଜମା ସମ୍ପର୍କୀତ ୭ଗୋଟି, ରେଡକ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ୪ଗୋଟି, ଭତା ସମ୍ପର୍କିତ ୫ଗୋଟି ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କିତ ୧୭ଟି ଅଭିଯୋଗ ଅର୍ନ୍ତଭୁକ୍ତ ହୋଇଥିଲା। ଜିଲ୍ଲାପାଳ ପଟୱାରୀ ୨ଟି ଅଭିଯୋଗର ତତ୍‌କାଳୀନ ଫଇସଲା ସଙ୍ଗେ ସଙ୍ଗେ କରିଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜଣେ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଏକ ହ୍ୱିଇଲ ଚେୟାର ମଧ୍ୟ ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶିବିରରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶ, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ତିର୍ତୋଲ ପ୍ରଶାନ୍ତ କୁମାର ମାଝି, ବିଡିଓ କୈଳାଶ ଚନ୍ଦ୍ର ବେହେରା, ତହସିଲଦାର ଚୌଧୁରୀ ପ୍ରଜ୍ଞା ରଞ୍ଜନ ଦାସ ଓ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିବାବେଳେ ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନବରଙ୍ଗପୁରରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ

**ନବରଙ୍ଗପୁର :** ସ୍ୱାଧୀନତାର ୭୫ ବର୍ଷ ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ସମଗ୍ର ରାଜ୍ୟରେ ଦେଶମାତୃକା ପାଇଁ ଲଢେଇ କରି ବଳିଦାନ ଦେଇଥିବା, ତ୍ୟାଗ କରିଥିବା ବୀର ସ୍ୱାଧିନତା ସଂଗ୍ରାମୀଙ୍କ ଅପାସର କାହାଣୀ,ଭାଇଚାରା ସମ୍ପର୍କର ବାର୍ତ୍ତା ବହନ କରୁଥିବା ଅହିଂସା ରଥ ପଡିଶା ଜିଲ୍ଲା କଳାହାଣ୍ଡି ପରିକ୍ରମା ସାରି ନବରଙ୍ଗପୁର ଜିଲ୍ଲା ପରିକ୍ରମା ରେ ପହଞ୍ଚିଛି। ଦୁଇଟି ଅହିଂସା ରଥକୁ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ତରଫରୁ ନବରଙ୍ଗପୁର ଓ କଳାହାଣ୍ଡି ବୋର୍ଡର ଆମ୍ ପାଣି ଘାଟି ନିକଟସ୍ଥ ବିରି ମାନ୍‌ପୁର ଛକରୁ ଦୁଇଟି ରଥକୁ ସ୍ୱାଗତ କରି ଅଣା ଯାଇ ମଇଦଳପୁରରେ ଏକ ବିରାଟ ଶୋଭା ଯାତ୍ରା, ସଂସ୍କୃତି କ କାର୍ଯ୍ୟକ୍ରମରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏଥିରେ ଜିଲ୍ଲାପରିଷଦ ଅଧକ୍ଷ ମୋତି ରାମ ନାୟକ, ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରାଇ ତ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ରତ୍ନାକର ସାହୁ, ଉପ ଜିଲ୍ଲାପାଳ ପ୍ରଶାନ୍ତ ରାଉତ, ଜିଲ୍ଲା ସ୍ତରୀୟ ଅଧିକାରୀ, ପାପଡା ହାଣ୍ଡି ଗୋଷ୍ଠି ଉନ୍ନୟନ



ଅଧିକାରୀ, ତହସିଲଦାର, ପିଆର୍ ଆଇ, ମେମ୍ବର, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ, ଗଣ ମାଧମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ପାପ ଦା ହାଣ୍ଡି ବ୍ଲକ୍ ରୁ ସହିଦ୍ ମିନାର ଯାଏଁ ରଥ କୁ ଭବ୍ୟ ସ୍ୱାଗତ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ଦଶ ଗୋଟି ବ୍ଲକ୍ ଓ ଦୁଇ ଗୋଟି ପୌରପାଳିକା ତିନି ଦିନ ରହଣି ମଧରେ ଅହିଂସା ରଥ ପରିକର୍ମା କରିବ। ଦୁଇଟି ଅହିଂସା ରଥ,ପାପାଦା ହାଣ୍ଡି, କୋଷଗୁମୁଡ଼ା, ଡାବୁ ଗାଁ, ଚନ୍ଦା ହାଣ୍ଡି, ନବରଙ୍ଗପୁର ବ୍ଲକ୍ ପରିକ୍ରମା କରିଛି। ଏଥିରେ ସଂପୃକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ, ଜନ ପ୍ରତିନିଧି, ବିଶିଷ୍ଟ ନାଗରିକ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ।



ଅକ୍ଷୟ କୁମାର ରାଉତ

# ଗୁରୁ ରାଧାକ୍ରିଷ୍ଣନ୍





ଏ ଧରାଧାମରେ ଭାବ, ଭକ୍ତି, ଜ୍ଞାନତତ୍ୱ, ରଜ୍ଜୁରେ ବନ୍ଧା ସତ୍ୟ, ଦୟା, କ୍ଷମା ଓ ଶାନ୍ତିର ପବିତ୍ର ଦେବ ଭୂମି ଭାରତ। ଏହି ବ୍ରହ୍ମ ବିଦ୍ୟାର ଦେବ ଭୂମିରେ ସର୍ବଦା ଇଶ୍ୱର ଅବତାର ଗ୍ରହଣ କରନ୍ତି। କେତେ ମୁନି, ଋଷି, ଦାର୍ଶନିକ, ବୈଜ୍ଞାନିକ, ରାଷ୍ଟ୍ରନୀତିଜ୍ଞ, କବି, ଲେଖକ, କଳାକାର ଓ କର୍ମଯୋଗୀବୀରଏହି ପବିତ୍ର ଭାରତ ଭୂମିରେ ଜନ୍ମଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ୧୮୮୮ ମସିହା ସେପ୍ଟମ୍ବର ମାସ ୫ତାରିଖରେ କୁଆଁକୁଆଁ ଡାକ ଛାଡି ଆନ୍ଧ୍ରପ୍ରଦେଶର ସର୍ବପଲ୍ଲୀ ଗ୍ରାମର ବୀରସ୍ୱାମୀ ଓ ସିତାମ୍ମା ମୁଖମଣ୍ଡଳ ଉଜ୍ଜଳ କରି, ଜନ୍ମଗ୍ରହଣ କରିଥିଲେ ମହାନ ଦାର୍ଶନିକ ରାଧାକ୍ରିଷ୍ଣନ୍ । ଦକ୍ଷିଣ ଭାରତରେ ବାସକରୁଥିବା ଲୋକମାନଙ୍କର ଏକ ପରମ୍ପରା, ପ୍ରତେକ ଜନ୍ମିତ ବ୍ୟକ୍ତିର ନାମ ପୂର୍ବରୁ ଗ୍ରାମ ନାମ ଲେଖା ଯାଉଥାଏ। ତେଣୁ ରାଧାକ୍ରିଷ୍ଣନ୍ଙ୍କ ନାମକରଣ କରାଯାଇଥିଲା ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ । ତାଙ୍କର ପିତା ବ୍ରାହ୍ମଣ ହୋଇଥିବାରୁ କର୍ମଥିଲା ପୌରହିତ୍ୟ କରିବା। ପୌରହିତ୍ୟରେ ଯାହାବି କିଛି ରୋଜଗାର କରୁଥିଲେ ସେଥିରେ ପାଚୋଂଟି ପୁଅ ଓ କନ୍ୟାଙ୍କୁ ଶିକ୍ଷା ଦେଇ ମନୁଷ୍ୟ କରିବା କଷ୍ଟକର ବ୍ୟାପାର ଥିଲା।

ମିସେନାରୀ ସ୍କୁଲରୁ ପ୍ରାଥମିକ ଶିକ୍ଷା ସମାପ୍ତ କରି ରାଧାକ୍ରିଷ୍ଣନ୍ ଭେଲୋରରେ କାକାଙ୍କ ଘରେ ରହି ଏନଟ୍ରାସ୍ ଓ ଏଫଏ କୃତିତ୍ୱର ସହିତ ଉତିର୍ଣ୍ଣ ହୋଇଥିଲେ।ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ପ୍ରଥମ ସ୍ଥାନରେ ବି.ଏ ପାଶକଲା ପରେ ପୁନଶ୍ଚ ସେହି କଲେଜରେ ଦର୍ଶନ ଶାସ୍ତ୍ରରେ ଏମ.ଏ କରିଥିଲେ।ସେ'ଦି ଏଥିକ୍ସ ଅଫ ବେଦାନ୍ତ ଏଣ୍ଡ ଇଟସ୍ ମେଟାଫିଜିକାଲ ପ୍ରିସପୋଜିସନସ୍' ନାମରେ ଏକ ସନ୍ଦର୍ଭ ରଚନା କରିଥିଲେ।ମୁଖ୍ୟ ଅଧ୍ୟାପକ ହଗସ ଏହି ସନ୍ଦର୍ଭଟିକୁ ପଢି ଖୁବ୍ ଗର୍ବ ଅନୁଭବ କରିଥିଲେ। ଦର୍ଶନ ଶାସ୍ତ୍ରରେ ଏମ୍. ଏ ପାଶ କରି ରାଧାକ୍ରିଷ୍ଣନ୍ ମାଡ୍ରାଜର ପ୍ରେସିଡେନସି କଲେଜରେ ଅଧ୍ୟାପକ ଭାବରେ କାର୍ଯ୍ୟକଲେ।ରାଧାକ୍ରିଷ୍ଣନ୍ଙ୍କର ଜ୍ଞାନ, ଛାତ୍ରବତ୍ସଳତା, ଅଧ୍ୟାପନାର ଶୈଳୀ ଛାତ୍ରସମାଜକୁ ମୁଗଧ୍ୱ କରିଥିଲା।ଛାତ୍ରମାନେ ତାଙ୍କୁ ଗୁରୁଭାବରେ ଗ୍ରହଣ ନ କରି ନିଜର ପିତା ବୋଲି ମନେକରୁଥିଲେ।ରାଧାକ୍ରିଷ୍ଣନ୍ ଖୁବ କମ୍ ଦିନ ମଧ୍ୟରେ ଧୀଶକ୍ତିର ପରିଚୟ ଦେଇ 'ଡକ୍ଟରେଟ' ଉପାଧି ଲାଭ କରିପାରିଥିଲେ।

ସେ ଷୋଳବର୍ଷ ବୟସରେ ଶିବାକାମୁ ନାମ୍ନୀ ଜଣେ ବାଳିକା ସହିତ ବିବାହ କରିଥିଲେ। ଶିବାକାମୁଙ୍କ ପିତା ଇହଧାମ ପରିତ୍ୟାଗ କଲାପରେ ତେରବର୍ଷ ବୟସରେ ପତିଙ୍କ ଗୃହକୁ ଆସିବାକୁ ପଡିଥିଲା। ଶିବାକାମୁଙ୍କର ପ୍ରଥମ ଗର୍ଭରେ ଏକ କନ୍ୟା ସନ୍ତାନଟିଏ ଜନ୍ମନେଲା। ଶିବାକାମୁ ଜଣେ ଆଦର୍ଶହିନ୍ଦୁ ନାରୀ ଭାବରେ ପରିଚିତ। ରାଧାକ୍ରିଷ୍ଣନ୍ଙ୍କର ହିନ୍ଦୁ ପ୍ରତି ଯେଉଁ ଆଦର୍ଶ ଥିଲା ସେହି ପରି ସ୍ତ୍ରୀଙ୍କୁ ପାଇ ସେ ଖୁସି ହୋଇଯାଇଥିଲା।

୧୯୧୮ ମସିହ ।ବେଳକୁ ମହୀଶ୍ୱର ବିଶ୍ୱବିଦ୍ୟାଳୟରେ ଅଧପକ ଭାବେ ରାଧାକ୍ରିଷ୍ଣନ୍ ଯୋଗଦେଲେ। ୧୯୨୦ ମସିହା ବେଳକୁ ରାଧାକ୍ରୀଷ୍ଣନ୍ଙ୍କର ଲିଖିତ ପ୍ରବନ୍ଧ ଗୁଡିକୁ ମ୍ୟାକମିଲାନଙ୍କ କମ୍ପାନୀ ଏକ ପୁସ୍ତକ ରୂପେ ପ୍ରକାଶନ କରିଥିଲେ ତାହାର ନାମ 'THE REIGN OF RELIGION IN CONTEMPORARY PHILOSOPHY'। ଏହି ପୁସ୍ତକଯୋଗୁ ଆମେରିକାର ଦର୍ଶନ ପ୍ରଫେସରହିଡମ୍ୟାନ ରାଧାକ୍ରିଷ୍ଣନଙ୍କୁ ନିମନ୍ତ୍ରଣକରି ସମ୍ବର୍ଦ୍ଧିତକରିଥିଲେ।ତାଙ୍କର ଅନ୍ୟ ଏକ ପୁସ୍ତକ 'THE PHILOSOPHY OF RABINDRANATH' ପ୍ରକାଶ ହେବା ପରେ ରାଧାକୃଷ୍ଣନ ପୃଥିବୀରେ ଜଣେ ଦକ୍ଷ ଦାର୍ଶନିକ ଭାବରେ ପରିଚିତ ହୋଇପାରିଥିଲେ। ୧୯୨୧ ମସିହାରେ ରାଧାକ୍ରିଷ୍ଣନ୍ ମହୀଶ୍ୱର ବିଶ୍ୱବିଦ୍ୟାଳୟରୁ ଆସି କଲିକତା ବିଶ୍ୱବିଦ୍ୟାଳୟରେ ଦର୍ଶନ ଶାସ୍ତ୍ର ଅଧ୍ୟାପକ ଭାବରେ ଯୋଗଦାନ କଲେ। ସେଠାରେ ପ୍ରଫେସର ଥିବା ସମୟରେ 'INDIAN PHILOSOPHY' ନାମରେ ଏକ ପୁସ୍ତକ ରଚନା କରିଥିଲେ। ଦର୍ଶନ ଓ କଳା ସମ୍ବନ୍ଧରେ ଆଲୋଚନା ପାଇଁ ଏକ ' ଆର୍ଟସ୍ ଫାକ୍ଲଟିକ୍ଲବ ' ପ୍ରତିଷ୍ଠା କରିଥିଲେ। ସମୟକ୍ରମେ ରାଧାକୃଷ୍ଣନ ୧୯୩୯ ଓ ୧୯୪୦ ମସିହାରେ କଲିକତା ଓ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳରେ ଅଧ୍ୟାପକତ୍ୱ କରିବା ସଙ୍ଗେ ସଙ୍ଗେ ବନାରସ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କୁଳପତି ଭାବରେ କାର୍ଯ୍ୟ କରୁଥିଲେ। ରାଧାକୃଷ୍ଣନ ଜଣେ ପଥ ପ୍ରଦର୍ଶକ, ଦାର୍ଶନିକ, ଦୟାଦ୍ର, ସ୍ନେହୀ ଓ ସହାନୁଭୂତି ସମ୍ପନ୍ନ ମଣିଷ ଥିଲେ। ତାଙ୍କର ଇଂରାଜୀ ଭଷାରେ ଅଗାଧ ପାଣ୍ଡିତ୍ୟ ଥିବାରୁ ଇଂଲଣ୍ଡର ରାଣୀ ତାଙ୍କୁ 'ସାର' ଉପାଧିରେ ଭୂଷିତ କରିଥିଲେ।

ରାଧାକ୍ରିଷ୍ଣନ୍ ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୁଳପତି ହେବାପରେ ଏହି ବିଶ୍ୱବିଦ୍ୟାଳୟର କଳା ଓ ବିଜ୍ଞାନ ବିଭାଗ ଗୁଡିକର ଉନ୍ନତି ସାଧନ କରି ଏକ ଗବେଷଣାକେନ୍ଦ୍ର ଖୋଲି ପାରିଥିଲେ। ଏଥି ଯୋଗୁ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଏକ ସର୍ବଶ୍ରେଷ୍ଠ ଆଦର୍ଶ ବିଶ୍ୱବିଦ୍ୟାଳୟରେ ପରିଣତ ହେଲା। ୧୯୩୯ରେ ମାଳବ୍ୟଜୀ ଅସୁସ୍ଥ ହୋଇ ପଡିବାରୁ ସେ ହିନ୍ଦୁ ବିଶ୍ୱବିଦ୍ୟାଳୟରେ କୁଳପତି ଭାବେ ଯୋଗଦାନ କଲେ। ରାଧାକୃଷ୍ଣ ଥିଲେ ଉଚ୍ଚକୋଟୀର ପ୍ରଶାସକ ଓ ଆଦର୍ଶ କୁଳପତି। ତାଙ୍କର ହୃଦୟ ଲହୁଣୀ ପରି କୋମଳ ଓ ବଜ୍ର ପରି କଠିନ । ୧୯୪୯ ମସିହାରେ ସ୍ୱାଧୀନ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ରୁଷିଆର ରାଷ୍ଟ୍ରଦୂତ ଭାବେ ରାଧାକ୍ରିଷ୍ଣନ୍ଙ୍କୁ ନିଯୁକ୍ତି କଲେ। ଲୌହମାନବ ଷ୍ଟାଲିନଙ୍କ ସହିତ ତାଙ୍କର ସାକ୍ଷାତ ଏକ ଐତିହାସିକ ଦିନ ଥିଲା। ଯେଉଁଥି ପାଇଁ ଭାରତ ଓ ଋଷ ମଧ୍ୟରେ ମଧୁମୟ ସଂପର୍କ ସ୍ଥାପନ ହେଲା।

ରାଧାକ୍ରିଷ୍ଣନ୍ ଭାରତବର୍ଷର ପ୍ରଥମ ଉପରାଷ୍ଟ୍ରପତି ଭାବେ ରାଜ୍ୟସଭାର ଅଧକ୍ଷ ଭାବରେ କାର୍ଯ୍ୟକଲେ। ୧୯୬୨ ମସିହାରେ ଡଃ ରାଜେନ୍ଦ୍ର ପ୍ରସାଦ ସ୍ୱଇଚ୍ଛାରେ ଅବସର ଗ୍ରହଣ କରିବାରୁ ସର୍ବପଲ୍ଲୀ ଡଃ. ରାଧାକ୍ରିଷ୍ଣନ୍ ରାଷ୍ଟ୍ରପତି ପଦବୀରେ ଅଭିଶିକ୍ତ ହୋଇଥିଲେ। ଏହି ସମୟରେ ଚୀନ ଭାରତକୁ ପଶି ଆସିବା, ତତକାଳୀନ ପ୍ରତିରକ୍ଷାମନ୍ତ୍ରୀ କୃଷ୍ଣ ମେନନଙ୍କ ଅପାରଗତା ଯୋଗୁ ପାକିସ୍ତାନ ଭାରତକୁ ଆକ୍ରମଣ କରିବା। ଏହି ପରିସ୍ଥିତରେ ରାଧାକ୍ରିଷ୍ଣନ୍ଙ୍କ ପରାମର୍ଶ ଦେଶକୁ ଏକ ବଡ ବିପଦରୁ ରକ୍ଷା କରିପାରିଥିଲା। ଦେଶର ସ୍ୱାର୍ଥ, ସମ୍ମାନ ଓ ଆଦର୍ଶ ରକ୍ଷାକରିବା ରାଷ୍ଟ୍ରପତିଙ୍କର ମୁଖ୍ୟ କର୍ତବ୍ୟ।

ଦେଶର ଦର୍ଶନ, ସାହିତ୍ୟ, ଶିକ୍ଷା ଓ କ୍ରୀଡାକୁ ଉନ୍ନତି କରିବା ପାଇଁ ସେବ୍ୟାକୁଳ ଥିଲେ। ତେଣୁ କର୍ମମୁଖର ଜୀବନରେ ଭାରତୀୟ ସାହିତ୍ୟ ଏକାଡେମୀର ସଭାପତିତ୍ୱ ଗ୍ରହଣ କରିଥିଲେ। ଆଜି ଦେଶର ସାହିତ୍ୟିକ ମାନେ ସେମାନଙ୍କର କୃତି ପାଇଁ ଯେଉଁ ଜାତୀୟ ଏକାଡେମୀ ପୁରସ୍କାର ଲାଭକରି ସମ୍ମାନିତ ତଥା ଉତ୍ସାହିତ ହେଇଛନ୍ତି। ତାହା କେବଳ ଯୋଗଜନ୍ମା ରାଧାକ୍ରିଷ୍ଣନଙ୍କ ପ୍ରଚେଷ୍ଟାର ଫଳ।



ରାଧାକ୍ରିଷ୍ଣନ ଏକାଧାରରେ ଦାର୍ଶନିକ, ରାଜନୀତିଜ୍ଞ, ଗୁର, ରାଷ୍ଟ୍ରଦୂତ, ଉପରାଷ୍ଟ୍ରପତି, ରାଷ୍ଟ୍ରପତି ଭାବରେ ବିଶ୍ୱରେ ପୂଜା ପାଉଥିବା କାରଣରୁ, ଭାରତ ତାଙ୍କର ସ୍ମୃତିରକ୍ଷା ନିମନ୍ତେ ରାଧାକ୍ରିଷ୍ଣନଙ୍କର ଜନ୍ମ ଦିବସକୁ "ଗୁରୁ ଦିବସ"ଭାବରେ ପାଳନ କରାଯାଏ।

ରାଷ୍ଟ୍ରପତି ପଦବୀରୁ ଅବସର ନେବା ପରେ ଅବଶିଷ୍ଟ ଜୀବନକୁ ସେ ଲେଖିବା, ପଢିବା ଓ ଦେଶ ସେବାରେ ବିତାଇଥିଲେ। ୧୯୭୫ ମସିହା ଏପ୍ରିଲ ୧୭ ତାରିଖରେ ଦୀର୍ଘ ୮୬ ବର୍ଷ ପର୍ଯ୍ୟନ୍ତ ରାଷ୍ଟ୍ରସେବା କରି ଚିରଦିନ ପାଇଁ ଆଖିବୁଜି ଦେଇଥିଲେ। ଚେନ୍ନାଇର ମଇଲାପୁର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାରକ୍ରିୟା ସମାପନ କରାଯାଇଥିଲା।

ଆଜି ଡକ୍ଟର ରାଧାକ୍ରିଷ୍ଣନ୍ ଯେ ଜଣେ ମହାପଣ୍ଡିତ, ବକ୍ତା, ଦାର୍ଶନିକ ଭାବରେ ସ୍ମରଣୀୟ ହୋଇଛନ୍ତି, ତା ନୁହେଁ ତାଙ୍କର ମାନବିକତା ହିଁ ତାଙ୍କୁ ସର୍ବଜନ ପୂଜ୍ୟ କରିଅଛି। ସେଥିପାଇଁ ଲୋକଚକ୍ଷୁରେ ସେ ଥିଲେ ମହାତ୍ମା ମହାପୁରୁଷ।

*ପାରାଦ୍ୱୀପଗଡ, କୁଜଙ୍ଗ, ଜଗତସିଂହପୁର*
*ଦୂରଭାଷା-୯୯୩୭୬୯୧୪୭୫*





# ଓଡିଶାକୁ ନିନ୍ଦିତ ଓ ଲଜ୍ଜିତ କରିଛି ବିଜେଡି : ଇରାସିସ୍

**ଭୁବନେଶ୍ୱର :** ଗତ ୪ ତାରିଖ ଦିନ ଦିଲ୍ଲୀ ବିମାନ ବନ୍ଦରଠାରେ ବିଜେଡି ନେତା ଓ କାର୍ଯ୍ୟକର୍ତ୍ତାଙ୍କ ଅଭାବନୀୟ କାଣ୍ଡ କାରଣରୁ ଆଜି ସମଗ୍ର ଓଡିଶା ନିନ୍ଦିତ ଓ ଲଜ୍ଜିତ ହୋଇଛି। ଗୋଟିଏ ପଟେ ଏହି ଘଟଣାକୁ ଶାସକ ବିଜେଡି ଦ୍ୱାରା ଚାପି ଦେବାର ଅପପ୍ରୟାସ କରାଯାଉଥିବାବେଳେ ଏବଂ ଅନ୍ୟ ପଟେ ଦଳର ମୁଖିଆ ଏଭଳି ଲଜ୍ଜାଜନକ ଘଟଣାକୁ ହାଲୁକା ଭାବେ ନେବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ଗତ ୪ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଦିଲ୍ଲୀଠାରେ ଏକ ଘରୋଇ ସଂସ୍ଥାଠାରୁ ପୁରସ୍କାର ଗ୍ରହଣ କରିବାକୁ ଯାଇଥିଲେ। ଏହି ଉତ୍ସବରେ ଯୋଗ ଦେବା ପାଇଁ ଓଡିଶାରୁ ଶାସକ ବିଜେଡିର ମନ୍ତ୍ରୀ, ବିଧାୟକ, ଯୁବନେତା ଏବଂ ବହୁ ବିଜେଡି କର୍ମୀ ଦିଲ୍ଲୀ ଗସ୍ତ କରିଥିଲେ। ପୁରସ୍କାର ସମାରୋହ ଶେଷ ହେବା ଓଡିଶା ପ୍ରତ୍ୟାବର୍ତ୍ତନ ସମୟରେ ଦିଲ୍ଲୀ ବିମାନବନ୍ଦରଠାରେ ଶାସକ ବିଜେଡିର ଯୁବ ବିଧାୟକ, ଯୁବନେତା ଓ କାର୍ଯ୍ୟକର୍ତ୍ତାମାନେ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ଯେଉଁ କାଣ୍ଡ ଭିଆଇଲେ, ଏହା କେଉଁ ଭଳି 'ଜୀବନବ୍ୟାପୀ ସାଧନାର ଫଳ' ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି। ନିଶାସକ୍ତ ଅବସ୍ଥାରେ ଥିବା କିଛି ଯୁବ ବିଧାୟକ ତଥା ବିଜୁ ଯୁବ ଜନତା ଦଳର ପ୍ରମୁଖ ନେତୃବୃନ୍ଦମାନେ ପାଇଲଟ ଓ ବିମାନବନ୍ଦର କର୍ମଚାରୀଙ୍କ ସହିତ ଅସଦ୍ ଆଚରଣ ଏବଂ ଅଯଥା ଯୁକ୍ତିତର୍କ କାରଣରୁ ସେଠାରେ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଅଧ ଘଂଟା ବିଳମ୍ବ




କାରଣରୁ ଇଣ୍ଡିଗୋ ଏ-୩୨୦ ବିମାନରେ ଆସୁଥିବା ବିମାନଯାତ୍ରୀ ନାହିଁ ନଥିବା ହଇରାଣ ଶିକାର ହୋଇଥିଲେ । ଶେଷରେ ବିମାନଟି ତାଙ୍କୁ ନଆଣି କେବଳ ସେମାନଙ୍କ ବ୍ୟାଗ ଓ ଲଗେଜକୁ ନେଇ ଭୁବନେଶ୍ୱର ଆସିଥିଲା । ଏହି ଘଟଣା ସଂପର୍କରେ ଓଡିଶା ସମେତ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇବା କାରଣରୁ ଓଡିଶା ଆଜି ନିନ୍ଦିତ ଅପମାନିତ ହୋଇଛି। ଗତ ୩ ତାରିଖ ଦିନ ସାମ୍ବାଦିକ ସମ୍ମିଳନୀ ଜରିଆରେ ଯୁବମୋର୍ଚ୍ଚା ତରଫରୁ ଯେଉଁ ୨୨ଟି ପ୍ରଶ୍ନ ରାଜ୍ୟ ସରକାରଙ୍କୁ ପଚରା ଯାଇଥିଲା, ସେଥିରେ ଥିବା ୯ନମ୍ବର ପ୍ରଶ୍ନରେ ଓଡିଶାରେ ନିଶା କାରବାର ବୃଦ୍ଧି ପ୍ରସଙ୍ଗରେ ପ୍ରଶ୍ନ କରାଯାଇଥିଲା ଏବଂ ତାର ଜବାବ୍ ଶାସକ ଦଳ ଦେବା ପୂର୍ବରୁ ତାଙ୍କର ନେତାମାନେ ନିଜ କାର୍ଯ୍ୟକଳାପରୁ ଏହା ସ୍ୱଷ୍ଟ ପ୍ରମାଣିତ କରିଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। କେନ୍ଦ୍ର ସରକାରଙ୍କ ବିନାନୁମତିରେ ଜାତୀୟ ପ୍ରତୀକର ଚିହ୍ନ ଲାଗିବା ଏକ ଦଣ୍ଡନୀୟ ଅପରାଧ । ଜାତୀୟ ପ୍ରତୀକକୁ କୌଣସି ବେସରକାରୀ ଓ ପ୍ରାଇଭେଟ୍ ସଂସ୍ଥା ବିନା କେନ୍ଦ୍ରୀୟ ଅନୁମୋଦନରେ ବ୍ୟବହାର କରିପାରିବେନାହିଁ। କ୍ୟାପିଟାଲ ଫାଉଣ୍ଡେସନ ସୋସାଇଟି ନାମକ ପ୍ରାଇଭେଟ ସଂସ୍ଥାରୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିଥିବା ପୁରସ୍କାରରେ ଜାତୀୟ ପ୍ରତୀକ ରହିଛି। ତାହେଲେ ଏଭଳି ପୁରସ୍କାରକୁ ନେଇ ଶାସକ ବିଜେଡିର ଆନନ୍ଦ ଓ ଉଲ୍ଲାସ କେବଳ ଏକ ପ୍ରହସନ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ବିଜୁ ଜନତା ଦଳ କ'ଣ ଆଇନ୍ର ଉର୍ଦ୍ଧ୍ୱରେ ? ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବା ଆଳରେ ଗତ ୬ ତାରିଖ ଦିନ ରାଜରାସ୍ତାରେ ହଜାର ହଜାର ସଂଖ୍ୟାରେ ଗାଡି, ମଟର, ଆମ୍ବୁଲାନ୍ସ ଅଟକି ରହିଲା। ରୋଗୀମାନେ ଡାକ୍ତରଖାନାକୁ ଯାଇନପାରି କଷ୍ଟ ପାଇଲେ। ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଥିଲା। ଭୁବନେଶ୍ୱରର ମଧ୍ୟସ୍ଥଳୀରେ ଥିବା କ୍ୟାପିଟାଲ୍ ହସ୍ପିଟାଲର ଚାରିପଟେ ଭିଡ ଜମି ରହିବାରୁ ରୋଗୀ ଓ ସାଧାରଣ ଜନତା ବହୁ କଷ୍ଟର ସମ୍ମୁଖୀନ ହୋଇଥିବାବେଳେ ଶାସକ ବିଜେଡିର ନେତାମାନେ ଏହାକୁ ସାଧାରଣ କଥା କହି ଏଡାଇ ଦେବା ସମ୍ବେଦନହୀନତାର ପରିଚୟ। ଆଇନ ଶୃଙ୍ଖଳାର କଥା ହେଉ ବା ନିଶାର କଥା ହେଉ ବିଜେଡି ନେତାମାନଙ୍କର ଆଚାର ଓ ସ୍ୱଭାବ ଯୋଗୁଁ ସାଧାରଣ ଜନତାଙ୍କ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ଏହି ଅବସରରେ ରାଷ୍ଟ୍ରୀୟ ଉପସଭାନେତ୍ରୀ ଅର୍ପିତା ବଡଜେନା, ଯୁବମୋର୍ଚ୍ଚା ରାଜ୍ୟ ପ୍ରଭାରୀ ଶଶାଙ୍କ ରାଜ୍, ରାଜ୍ୟ ସାଧାରଣ ସମ୍ପାଦକ ଦୀପକ କୁମାର ଗୋଚ୍ଛାୟତ ଓ ସାଧାରଣ ସମ୍ପାଦକ ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଭୁବନେଶ୍ୱରରେ ହେବ ଟାଟା ମେମୋରିଆଲ କ୍ୟାନସର ହସ୍‌ପିଟାଲ

**ଭୁବନେଶ୍ୱର :** ଜଟଣିସ୍ଥିତ ନାଇଜର ପରିସରରେ ଏକ ୨୦୦ ଶଯ୍ୟା ବିଶିଷ୍ଟ କ୍ୟାନସର ହସପିଟାଲ ସ୍ଥାପନ ପାଇଁ ଓଡ଼ିଶା ସରକାର ଓ ଟାଟା କ୍ୟାନସର ସେଣ୍ଟର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବୁଧବାର ଦିନ ଲୋକସେବା ଭବନଠାରେ ଏହି ବୁଝାମଣାପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ଓ ଟାଟା ମେମୋରିଆଲ ସେଣ୍ଟର ପକ୍ଷରୁ ସ୍ୱାକ୍ଷରିତ ହୋଇଛି। ଏହି ହସପିଟାଲରେ ମୋଟ ୬୦୦ କୋଟି ଟଙ୍କା ବ୍ୟୟ ହେବ। ଏହା ମଧ୍ୟରୁ ୪୦୦ କୋଟି ଟଙ୍କା କେନ୍ଦ୍ର ସରକାରଙ୍କ ଆଣବିକ ଶକ୍ତି ମନ୍ତ୍ରାଳୟ, ୨୫୦ କୋଟି ଟଙ୍କା ଟାଟା ଟ୍ରଷ୍ଟ ଯୋଗାଇ ଦେବେ। ଅନ୍ୟପକ୍ଷରେ ରାଜ୍ୟ ସରକାର ଏହି ହସପିଟାଲ ପାଇଁ ୪୦ ଏକର ଜମି ଓ ଅନ୍ୟାନ୍ୟ ଭିତ୍ତିଭୂମି ଯୋଗାଇ ଦେବେ। ଏହା ସହିତ ରାଜ୍ୟ ସରକାର ରେଡିଓ



ଆଇସୋଟପ୍ସ ନିମନ୍ତେ ଏକ ସାଇକ୍ଲୋଟ୍ରୋନ ମେସିନ ଯୋଗାଇ ଦେବେ। ପ୍ରଥମ ପର୍ଯ୍ୟାୟରେ ଏହି ହସପିଟାଲ ପାଇଁ ନାଇଜର ୧୭ ଏକର ଜମି ଯୋଗାଇ ଦେବ। ପରେ ଏହାର ସଂପ୍ରସାରଣ ପାଇଁ ରାଜ୍ୟ ସରକାର ଆଉ ୪୦ ଏକର ଜମି ଯୋଗାଇଦେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି କ୍ୟାନସର ହସପିଟାଲ କେବଳ ଓଡ଼ିଶାବାସୀ ନୁହନ୍ତି, ରାଜ୍ୟ ବାହାରର ଲୋକମାନଙ୍କ ବି ଆବଶ୍ୟକତା ମେଣ୍ଟାଇବ। ଏହି ହସପିଟାଲ ସ୍ଥାପନକୁ ସାକାର କରିଥିବାରୁ ସେ କେନ୍ଦ୍ର ସରକାର, ଟାଟା ଟ୍ରଷ୍ଟ ଓ ନାଇଜରକୁ କୃତଜ୍ଞତା ଜଣାଇଛନ୍ତି। ଏହି ପ୍ରକଳ୍ପ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ଘରୋଇ କ୍ଷେତ୍ର ମଧ୍ୟରେ ସମନ୍ୱୟର ଏକ ଉଦାହରଣ ବୋଲି ସେ କହିଛନ୍ତି।

# ଠାକୁର ଦର୍ଶନ ପାଇଁ ଅନ୍‌ଲାଇନ୍ ଟିକେଟ୍ ସୁବିଧା ଆରମ୍ଭ ହେବ

**ଭୁବନେଶ୍ୱର :** ରାଜ୍ୟର ବିଭିନ୍ନ ପ୍ରମୁଖ ମନ୍ଦିରର ହେଉଥିବା ନୀତିକ୍ରାନ୍ତି, କାର୍ଯ୍ୟକ୍ରମ, ମନ୍ଦିର ଖୋଲିବା ଓ ବନ୍ଦ ହେବା ସମୟ, କେଉଁ ଦିନ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହେବ ସେନେଇ ଗୋଟିଏ ୱେବସାଇଟ୍ରେ ତଥ୍ୟ ରହିବ। ଏପରିକି ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଶ୍ରୀ ଲିଙ୍ଗରାଜ ମନ୍ଦିରରେ ଶ୍ରଦ୍ଧାଳୁମାନେ ଅନଲାଇନ୍‌ରେ ଆଗୁଆ ଟିକେଟ୍ କରି ସହଜରେ ଯେପରି ଶ୍ରୀ ଜୀଉଙ୍କ ଦର୍ଶନ କରିପାରିବେ ସେନେଇ ସୁବିଧା ରହିବ। ଶ୍ରଦ୍ଧାଳୁମାନଙ୍କ ପାଇଁ ଅନଲାଇନ୍‌ରେ ଦାନ ବ୍ୟବସ୍ଥା, ଭୋଗ ପାଇବା, ସ୍ୱତନ୍ତ୍ର ପୂଜା କରିବା ପାଇଁ ବୁକିଂ ବ୍ୟବସ୍ଥା ରହିବ। ଏଥିପାଇଁ ରାଜ୍ୟ ସରକାର ଇଣ୍ଟିଗ୍ରେଟେଡ୍ ଟେମ୍ପୁଲ୍ ମ୍ୟାନେଜମେଣ୍ଟ ସିଷ୍ଟମ ଆରମ୍ଭ କରିବାକୁ



ଯାଉଥିବା ନେଇ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ସାରକା ଗୁରୁବାର ଦିନ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, କର୍ଣ୍ଣାଟକ ଓ ତାମିଲନାଡୁ ଭଳି ରାଜ୍ୟରେ ଯେପରି ଇଣ୍ଟିଗ୍ରେଟେଡ୍ ଟେମ୍ପୁଲ୍ ମ୍ୟାନେଜମେଣ୍ଟ ସିଷ୍ଟମ କାର୍ଯ୍ୟକାରୀ ହେଉଛି ସେହିଭଳି ଓଡ଼ିଶାରେ ଏହାକୁ କାର୍ଯ୍ୟକାରୀ କରାଯିବ। ବିଭିନ୍ନ ପଦାଧିକାରୀଙ୍କ ସହ ବହୁଥର ଆଲୋଚନା ହେବା ପରେ ଏନେଇ ନିଷ୍ପତ୍ତି ହୋଇଛି। ହିନ୍ଦୁ ଧର୍ମର ଭାବାବେଗ ଆଘାତ ନ ହେବା ଭଳି ଏକ ୱେବ୍ ପୋର୍ଟାଲ ପ୍ରସ୍ତୁତ କରାଯିବ। ଏଥିରେ ବିଭିନ୍ନ ମନ୍ଦିରର ସବିଶେଷ ତଥ୍ୟ ରହିବ। ଶ୍ରଦ୍ଧାଳୁମାନେ ବିନା ଟିକେଟ୍ରେ ଧାଡ଼ିରେ ଯାଇ ଦର୍ଶନ କରିପାରିବେ, ଯିଏ ଅଧିକ ସମୟ ଧାଡ଼ିରେ ରହିବାକୁ ଚାହିଁବେନି ସେମାନେ ଟିକେଟ୍ କରି ଦର୍ଶନ କରିପାରିବେ। ଏହାସହ ଶ୍ରଦ୍ଧାଳୁମାନେ ଯେଉଁ ମନ୍ଦିରକୁ ଚାହିଁବେ ସେହି ମନ୍ଦିରକୁ ଦାନ ମଧ୍ୟ କରିପାରିବେ। ମନ୍ଦିରଗୁଡ଼ିକର ଜମା ଖାତା ସରକାରୀ ବ୍ୟାଙ୍କରେ ରହିବ। ହେଲେ ଅନଲାଇନ୍ ପେମେଣ୍ଟ ପାଇଁ ପେମେଣ୍ଟ ଗେଟ୍ୱେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ରହିବ ବୋଲି ନିଷ୍ପତ୍ତି ହୋଇଛି।

# ବାଜିଲା ହକି ବିଶ୍ୱକପ୍ ବିଗୁଲ୍




**ଭୁବନେଶ୍ୱର :** ୨୦୨୩ରେ ଓଡ଼ିଶାରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ପାଇଁ ବାଜିଲା ବିଗୁଲ୍। ଭୁବନେଶ୍ୱର ଲୋକସେବା ଭବନ କନଭେନସନ ସେଣ୍ଟରରେ ହୋଇଛି ଡ୍ର ସେରମନି। ବିଶ୍ୱକପ୍ ପାଇଁ ପୁଲ୍ ଘୋଷଣା କରାଯାଇଛି। ମୋଟ୍ ୪ଟି ପୁଲରେ ୧୬ଟିମ୍ ଭାଗ ନେବେ। ପୁଲ୍-ଡିରେ ଭାରତ ରହିଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ଘୋଷଣା କରିଥିଲେ। ଏହାପରେ ଅନ୍ୟ ପୁଲର ଟିମ୍ ନେଇ ଘୋଷଣା କରାଯାଇଛି। ପୁଲ୍-ଡିରେ ଭାରତ ସହ ଇଂଲଣ୍ଡ, ସ୍ପେନ୍, ୱେଲ୍ସ ବି ସାମିଲ ହୋଇଛନ୍ତି। ସେହିଭଳି ପୁଲ୍-ଏରେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଫ୍ରାନ୍ସ ଓ ଦକ୍ଷିଣ ଆଫ୍ରିକା ରହିଛନ୍ତି। ପୁଲ୍-ବିରେ ବେଲଜିଅମ୍, ଜର୍ମାନୀ, କୋରିଆ, ଜାପାନ ସାମିଲ ହୋଇଛନ୍ତି। ଏବଂ ପୁଲ୍-ସିରେ ନେଦରଲାଣ୍ଡସ୍, ନ୍ୟୁଜିଲାଣ୍ଡ, ମାଲେସିଆ, ଚିଲୀ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟତୀତ ଏଫ୍‌ଆଇଏଚ୍ କାର୍ଯ୍ୟକାରୀ ସଭାପତି ସୈଫ୍ ଅହମ୍ମଦ, ହକି ଇଣ୍ଡିଆ ସଦସ୍ୟ ଜାଫର ଇକବାଲ, କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରଭୃତି ଉପସ୍ଥିତ ଥିଲେ। ହକି ବିଶ୍ୱକପ କରି ରୋଲ ମଡେଲ ପାଲଟିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି କାର୍ଯ୍ୟକ୍ରମରେ ହକି ଇଣ୍ଡିଆ ସଦସ୍ୟ ଜାଫର ଇକବାଲଙ୍କ ଉଦବୋଧନ ଦେଇ କହିଛନ୍ତି, ହକି ପ୍ରେମୀଙ୍କ ପାଇଁ ଆଜି ଏକ ବଡ଼ ଦିନ। ୨ୟ ଥର ପାଇଁ ହକି ବିଶ୍ୱକପ ଆୟୋଜନ କରୁଛି ଓଡ଼ିଶା, ଯାହା ଗର୍ବର ବିଷୟ। ଏଥିପାଇଁ ସେ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିଭଳି ହକି ଇଣ୍ଡିଆ ସିଓଏ ଡକ୍ଟର ଏସ. ୱାଇ କ୍ୟୁରେସୀ ମଧ୍ୟ ନିଜ ଉଦବୋଧନରେ ଓଡ଼ିଶାକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଭାରତୀୟ ହକିକୁ ନୂଆ ରୂପ ଦେବାରେ ଓଡିଶାର ଉଦ୍ୟମ ପ୍ରଶଂସନୀୟ। ଏହା ବ୍ୟତୀତ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ନିଜ ଉଦବୋଧନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୁରି ଭୁରି ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ହକି ଆୟୋଜନ କରି ଓଡ଼ିଶା ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଓଡିଶାର ୨ଟି ସ୍ଥାନରେ ବିଶ୍ୱକପ ଖେଳାଯିବାକୁ ଥିବାରୁ ଏହା ଗର୍ବର ବିଷୟ।

# ବାଲୁକାମୁକ୍ତ ହେବ ସୂର୍ଯ୍ୟ ମନ୍ଦିର

**କୋଣାର୍କ :** ସୂର୍ଯ୍ୟ ମନ୍ଦିର ଭିତରୁ ବାଲି ବାହାର କରାଯିବ। ବଦଳିବ ସୂର୍ଯ୍ୟମନ୍ଦିର ରୂପରେଖା। ଦୀର୍ଘ ୧୧୯ ବର୍ଷ ପରେ ଏହି ବିଶ୍ୱ କୀର୍ତ୍ତିରାଜିରୁ କଢ଼ାଯିବ ବାଲି। ୩ ବର୍ଷରେ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ସେଥିପାଇଁ ହୋଇଛି ପୂଜାର୍ଚ୍ଚନା। ଏଏସ୍‌ଆଇର ଐତିହାସିକ ନିଷ୍ପତ୍ତି କ୍ରମେ, ସୂର୍ଯ୍ୟ ମନ୍ଦିରର ଗର୍ଭଗୃହରୁ ବାଲି କାଢ଼ିବା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଏକ ଘରୋଇ କମ୍ପାନୀ ବିଡିଆର ନିର୍ମାଣ ସଂସ୍ଥା ନିର୍ମାଣ କରିବ ମେକାନିକାଲ ୱାର୍କିଂ ପ୍ଲାଟଫର୍ମ। ଏହି ପ୍ଲାଟଫର୍ମରେ ଲିଫ୍ଟ ଓ ଟ୍ରଲି ଭଳି ମେକାନିକାଲ ସିଷ୍ଟମ ଦ୍ୱାରା ଗର୍ଭଗୃହରୁ ବାଲି ଏବଂ ପଥର କଢ଼ା ଯିବ। ଦ୍ୱିତୀୟ ପର୍ଯ୍ୟାୟରେ ପଶ୍ଚିମ ଦ୍ୱାରର ଦ୍ୱିତୀୟ ପୀଢ଼ ନିକଟରେ ୪ ଫୁଟ ଓସାର ଓ ୫ ଫୁଟର ଉଚ୍ଚର ଏକ ରାସ୍ତା ଖୋଳି ଗର୍ଭଗୃହରୁ ବାଲି କାଢ଼ିବ ଏଏସ୍‌ଆଇ। ବିଡିଆର କମ୍ପାନୀର ବୈଷୟିକ ସହାୟତାରେ ଆସନ୍ତା ୩ ବର୍ଷ ମଧ୍ୟରେ ବାଲି କାଢ଼ିବାକୁ ଯୋଜନା ରହିଥିବା



ଏଏସ୍‌ଆଇ କର୍ତ୍ତୃପକ୍ଷ। ୧୯୦୩ ମସିହାରେ ସୂର୍ଯ୍ୟମନ୍ଦିରର ମୁଖଶାଳାର ସ୍ଥିତି ଓ ଉପରଭାଗରୁ ପଥର ଖସୁଥିବା ଦେଖି ବ୍ରିଟିଶ ସରକାର ଗର୍ଭଗୃହରେ ବାଲି ଭର୍ତ୍ତି କରିଥିଲେ। ଏଥିସହ ସମସ୍ତ ଦ୍ୱାର ବନ୍ଦ କରିଦେଇଥିଲେ। ଇତିମଧ୍ୟରେ ବିତିଗଲାଣି ୧୧୯ ବର୍ଷ। ତେବେ ମନ୍ଦିରର ଗର୍ଭଗୃହ ସୁରକ୍ଷା ପାଇଁ ୨୦୧୦ ମସିହାରେ କୋଣାର୍କରେ ଆୟୋଜିତ ହୋଇଥିଲା ଅନ୍ତର୍ଜାତୀୟ କର୍ମଶାଳା। ଏଥିରେ ଯୋଗଦେଇଥିବା ବହୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସ୍ଥପତି, ଇଞ୍ଜିନିୟର ବାଲି କାଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ୨୦୧୫ରେ ଗର୍ଭଗୃହର ଆଭ୍ୟନ୍ତରୀଣ ସ୍ଥିତିରେ କ'ଣ ପରିବର୍ତ୍ତନ ଆସିଛି ? ତାହା ଜାଣିବା ପାଇଁ ରୁର୍କି ସ୍ଥିତ ସେଣ୍ଟର ଫର ବିଲ୍ଡିଂ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ସିବିଆର) ପ୍ରଥମ ପର୍ଯ୍ୟାୟରେ ଜିପିଆରଏସ୍, ଲେଜର ସ୍କାନିଂ ଓ ଏଣ୍ଡୋସ୍କୋପି କରି ଏଏସ୍‌ଆଇକୁ ରିପୋର୍ଟ ଦେଇଥିଲା। ଏଥିରେ ମୁଖଶାଳା ଗର୍ଭଗୃହ ମଧ୍ୟରେ ଥିବା ବାଲି ୧୭ ଫୁଟ ଦବିବା ସହ ପଥର ଖସିଥିବା କୁହାଯାଇଥିଲା। ସୂର୍ଯ୍ୟମନ୍ଦିରର ସୁରକ୍ଷା ଉପରେ ଏଏସ୍‌ଆଇର ଭୂମିକାକୁ ନେଇ ହାଇକୋର୍ଟ ମଧ୍ୟ ପ୍ରଶ୍ନ ଉଠାଇଥିଲେ। ଏସବୁ ଭିତରେ ଆଜି ଏଏସ୍‌ଆଇ ବାଲି କାଢ଼ିବା ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ଏହି କାମ ବହୁ ଆଗରୁ ହେବାର ଥିଲା ବୋଲି ମତ ରଖିଛନ୍ତି ଐତିହ୍ୟ ବିଶେଷଜ୍ଞ ଅନୀଲ ଧୀର। ସେପଟେ ସୂର୍ଯ୍ୟ ମନ୍ଦିରରୁ ବାଲି କାଢ଼ିବା ନିଷ୍ପତ୍ତିକୁ କୋଣାର୍କ ସୁରକ୍ଷା ସମିତି ସମେତ ସ୍ଥାନୀୟ ଲୋକେ ସ୍ୱାଗତ କରିବା ସହ ବାଲି ନିଷ୍କାସନର ସମସ୍ତ ପ୍ରକ୍ରିୟାକୁ ସାର୍ବଜନୀନ କରିବାକୁ ଦାବି କରିଛନ୍ତି।

# ରାଜ୍ୟସ୍ତରୀୟ ଉତ୍ସବ ଭାବେ ପାଳନ ହେବ ବାଲିଯାତ୍ରା

**କଟକ:** କଟକର ପ୍ରସିଦ୍ଧ ବାଲିଯାତ୍ରାକୁ ରାଜ୍ୟସ୍ତରୀୟ ଉତ୍ସବ ଭାବେ ପାଳନ କରାଯିବ । ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ଅଧକ୍ଷତାରେ ଏନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ନଭେମ୍ବର ୮ରୁ ୧୬ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ହେବା ନେଇ ସ୍ଥିର ହୋଇଛି। ଗୃହ ଓ ନଗର ଉନ୍ନୟନ, ପୂର୍ତ୍ତ, ଶକ୍ତି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଆଦି ବିଭାଗ ମାଧ୍ୟମରେ ଯାତ୍ରାର ପ୍ରସ୍ତୁତି ପାଇଁ ୧୫ କୋଟି ୩୫ ଲକ୍ଷ ଟଙ୍କା ଖର୍ଚ୍ଚ ଆକଳନ ଉପରେ ଆଲୋଚନା ହୋଇଛି । ଓଡ଼ିଶାର



ବିଭିନ୍ନ ଜିଲ୍ଲାରୁ ଅଧିକ ସଂଖ୍ୟକ କଳାକାର ଓ ଶିଳ୍ପୀମାନଙ୍କୁ ସାମିଲ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ଯାତ୍ରା ପଡିଆକୁ ରାସ୍ତା ସଂଯୋଗ, ଟ୍ରାଫିକ୍ ନିୟନ୍ତ୍ରଣ, ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ, ଷ୍ଟଲ୍ ପାଇଁ ସ୍ଥାନ ନିର୍ଦ୍ଧାରଣ, ବିଦ୍ୟୁତ ସଂଯୋଗ, ପରିମଳ, ସ୍ୱାସ୍ଥ୍ୟ ସେବା ଓ ଆଇନ୍ ଶୃଙ୍ଖଳା ଆଦି ଉପରେ ଗୁରୁତ୍ୱ ଦିଆଯାଇଛି । ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ପ୍ରସ୍ତୁତି ସାରିବା ପାଇଁ ମୁଖ୍ୟ ଶାସନ ସଚିବ ସଂପୃକ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏନଜିଟିର ଗାଇଡ୍ ଲାଇନ୍ ଅନୁସାରେ ଯାତ୍ରାର ଆୟୋଜନ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଉତ୍ସବର ପରିଚାଳନା ଓ ଆର୍ଥିକ ବ୍ୟବସ୍ଥା ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ।

# ପ୍ରଫେସର ପ୍ରଭାତ ରାଉଳ ଓୟୁଏଟି କୁଳପତି

**ଭୁବନେଶ୍ୱର :** ଓଡ଼ିଶା ୟୁନିଭର୍ସିଟି ଅଫ୍ ଅଗ୍ରିକଲଚର ଆଣ୍ଡ ଟେକ୍ନୋଲୋଜି (ଓୟୁଏଟି)ର କୁଳପତି ଭାବେ ପ୍ରଫେସର



ପ୍ରଭାତ କୁମାର ରାଉଳଙ୍କୁ ନିଯୁକ୍ତି ମିଳିଛି। ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍ ଏହି ନିଯୁକ୍ତି ଦେଇଛନ୍ତି। ଆଗାମି ୩ ବର୍ଷ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ମିଳିଥିବା ସୂଚନା ଅନୁସାରେ, ପ୍ରଫେସର ରାଉଳ ଓୟୁଏଟି ଡିନ୍ ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କୁ ରାଜ୍ୟ ସରକାର ଡେପୁଟେସନରେ ଆପିକଲ୍ ପରିଚାଳନା ନିର୍ଦ୍ଦେଶକ ଭାବେ ଡେପୁଟେସନରେ ପଠାଇଥିଲେ । ତେବେ ଓୟୁଏଟି କୁଳପତି ପବନ କୁମାର ଅଗ୍ରୱାଲଙ୍କ କାର୍ଯ୍ୟକାଳ ସମାପ୍ତ ହେବାପରେ ଏହି ଖାଲି ପଡ଼ିଥିବା ପଦବୀରେ କୃଷି ବିଶେଷଜ୍ଞ ପ୍ରଫେସର ରାଉଳଙ୍କୁ ନିଯୁକ୍ତି ମିଳିଛି । ତାଙ୍କ ନିକଟରେ ୨୯ ବର୍ଷର ଶିକ୍ଷକତା ଅଭିଜ୍ଞତା ରହିଛି। ସେ ୨୪ଟି ପୁସ୍ତକ ରଚନା କରିଥିବା ବେଳେ ତାଙ୍କ ଅଧୀନରେ ୯ ଜଣ ପିଏଚଡି କରିଛନ୍ତି।

# ଆଉ ୧୧ ଜିଲ୍ଲାରେ ବିଏଫ୍‌ଟି ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କ ଦାବି

**ବାରିପଦା, (ବିଜୁ ସିଂ):** ଓଡିଶାର ୧୧ଟି ଜିଲ୍ଲାର ମନରେଗା ଯୋଜନା ଅନ୍ତର୍ଗତ ତୃଣମୂଳ ସ୍ତରରେ ଟେକନିସିଆନ ଭାବେ କାମ କରୁଥିବା ୫୩୬ଟି ବିଏଫଟି ପୋଷ୍ଟ ମଞ୍ଜୁର କରିବା ନିମନ୍ତେ ରାଜ୍ୟ ସରକାର ୨୦୧୯ ମସିହା ମାର୍ଚ୍ଚ ମାସରୁ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିଥିବା ବେଳେ, ପୁନଶ୍ଚ ବିଗତ ୨୦୨୨ ମସିହା ଜାନୁୟାରୀ ମାସରେ ଏବାବଦରେ ରିମାଇଣ୍ଡର ଦେଇଥିଲେ ମଧ୍ୟ ୩ବର୍ଷ ହେଲାଣି କେନ୍ଦ୍ର ସରକାର ମନରେଗାର ଉପଯୁକ୍ତ କାର୍ଯ୍ୟକାରିତା ପାଇଁ ଆବଶ୍ୟକୀୟ ୫୩୬ ଟି ବିଏଫଟି ପଦ କୁ ମଂଜୁର କରିନାହାନ୍ତି । ତେବେ ଏହା ବର୍ତମାନ କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ମନରେଗା ସେଲ ବିଚାରାଧୀନ ଅଛି। ବିଏଫଟି ମାନେ ତୃଣମୁଳ ସ୍ତରରେ ସିଭିଲ ଇଂଜିନିୟର ଭଳି ମନରେଗା କାର୍ଯ୍ୟର ଲେଆଉଟ କରିବା, ମାପ ଦେବା, ମନରେଗା ପ୍ରକଳ୍ପ ଗୁଡିକରକାର୍ଯ୍ୟ ତଦାରଖ ଏବଂ ମନରେଗା ଶ୍ରମୀକ ମାନଙ୍କର ମଜୁରୀ ରିଲିଜ ପାଇଁ ତଥ୍ୟ ଅନଲାଇନରେ ଦାଖଲ କରିବା ଆଦି କାର୍ଯ୍ୟ କରିଥାନ୍ତି ବର୍ତମାନ ମନରେଗା କାର୍ଯ୍ୟର ତଦାରଖ ପାଇଁ ପ୍ରଥମ ପର୍ଯ୍ୟାୟରେ ଓଡିଶାର ଦଶଟି ଜିଲ୍ଲାରେ ୬୨୭ ବିଏଫଟି ନିଯୁକ୍ତ ହୋଇ କାର୍ଯ୍ୟ କରି ଆସୁଛନ୍ତି । ତାଲିମ ପ୍ରାପ୍ତ ବିଏଫଟି ମାନେ ମନରେଗା କାର୍ଯ୍ୟରେ ଯୋଗ ଦେବାପରେ ତୃଣମୂଳ ସ୍ତରରେ କାର୍ଯ୍ୟର ତଦାରଖ କରୁଥିବାରୁ ପୂର୍ବାପେକ୍ଷା ମନରେଗା କାର୍ଯ୍ୟଗୁଡିକର ସ୍ଥାୟୀତ୍ୱ ବଢୁଥିବାର ମନରେଗା ବିଷାରଦ ମାନେ କହିଛନ୍ତି । ତେବେ ଓଡିଶାର ଦଶଟି ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ବିଏଫଟି ମାନେ ନିଯୁକ୍ତ ହୋଇ କାର୍ଯ୍ୟ କରୁଥିବା ବେଳେ, ଆଉ ୧୧ଟି ଜିଲ୍ଲା ପାଇଁ ରାଜ୍ୟ ସରକାର ବିଏଫଟି ନିଯୁକ୍ତ କରିବାକୁ କେନ୍ଦ୍ର ସରକାରଙ୍କ ଠାରେ ଦାବୀ କରିଥିଲେ ମଧ୍ୟ ୩ବର୍ଷ ଭିତରେ ବିଏଫଟି ନିଯୁକ୍ତ କରାନଯିବା ଘଟଣାରେ ପ୍ରତିକ୍ରିୟା ରଖି ବିଏଫଟି ସଂଘର ରାଜ୍ୟ ସଭାପତି ସୁଶାନ୍ତ କୁମାର ପଣ୍ଡା ଏବଂ ମୟୂରଭଂଜ ଜିଲ୍ଲା ସଭାପତି ଗୌରହରି ମହାନ୍ତ କେନ୍ଦ୍ର ସରକାରଙ୍କର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ମନରେଗା ସେଲ ତୁରନ୍ତ ଏହି ବିଏଫଟି ପଦଗୁଡିକୁ ମଂଜୁର କରିବାକୁ ଦାବୀ ରଖିଛନ୍ତି।


PLOT FOR SALE
MOUZA:BHOLA





N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286





PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


## ଜଳବାୟୁ ପରିବର୍ତ୍ତନ ପଦକ୍ଷେପ ଉପରେ ଜାତୀୟ ସମ୍ମିଳନୀ

# ଶିଳ୍ପ ସଂସ୍ଥାର ପ୍ରଦୂଷଣ ଜଗିବ କ୍ୟାମେରା

**ଭୁବନେଶ୍ୱର :** ଶିଳ୍ପ ସଂସ୍ଥାଗୁଡ଼ିକ ହେଉଥିବା ପ୍ରଦୂଷଣକୁ ରୋକିବା ଲାଗି ରାଜ୍ୟ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ରାଜ୍ୟର ସମସ୍ତ ଶିଳ୍ପ ସଂସ୍ଥା ପାଇଁ ଆଇପି କ୍ୟାମେରା ଲଗାଇବା ବାଧ୍ୟତାମୂଳକ ହୋଇଛି। ଏହି କ୍ୟାମେରାଗୁଡ଼ିକୁ ସିଧାସଳଖ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) କାର୍ଯ୍ୟାଳୟର କଣ୍ଟ୍ରୋଲ ରୁମ୍ ସହ ସଂଯୋଗ କରାଯାଇଛି। ଯଦି କୌଣସି ଶିଳ୍ପ ସଂସ୍ଥା ଲଗାତାର ୧୫ ମିନିଟ୍ ଧରି ପ୍ରଦୂଷଣ କରୁଥିବା ନଜରକୁ ଆସେ ତେବେ ତାହା ଜଣାପଡ଼ିବ। ଏଥିପାଇଁ ଏସ୍ପିସିବିରେ ରାଜ୍ୟସ୍ତରୀୟ କେଣ୍ଡ୍ରାଲ ରୁମ୍ ଖୋଲାଯିବା ସହ ସେଠାରେ ପର୍ଯ୍ୟାପ୍ତ ମାନବ ସମ୍ବଳ ନିଯୁକ୍ତି ଦିଆଯାଇଛି। ଏଥିସହ କୋରାପୁଟ ଓ ବଲାଙ୍ଗୀରରେ ବୋର୍ଡର ଦୁଇଟି ଆଞ୍ଚଳିକ କାର୍ଯ୍ୟାଳୟ ଖୋଲାଯାଇଛି। ଏଥିସହ ଜଳ ପ୍ରଦୂଷଣ ରୋକିବାକୁ ଜିରୋ ଲିକ୍ୟୁଇଡ୍ ବେସ୍ଡ କରିବାକୁ ସମସ୍ତ ଶିଳ୍ପ ସଂସ୍ଥାକୁ କୁହାଯାଇଛି ବୋଲି ଏସ୍ପିସିବିର ସଦସ୍ୟ ସଚିବ କେ ମୁରୁଗସେନ୍ କହିଛନ୍ତି। ଏସ୍ପିସିବି ଓ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ(ଆଇସିସି) ଓଡ଼ିଶାର ମିଳିତ ସହଯୋଗରେ ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ରେ ଆୟୋଜିତ 'ଜଳବାୟୁ ପରିବର୍ତ୍ତନ ପଦକ୍ଷେପ-ନେଟ୍ ଜିରୋ ହାସଲ କରିବା ପାଇଁ ବିକଳ୍ପ ଶକ୍ତି ଏବଂ ଗତିଶୀଳତା ସମାଧାନ' ଶୀର୍ଷକ ଜାତୀୟ ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ମୁରୁଗନେସ୍ ଏହା କହିଛନ୍ତି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର କାର୍ଯ୍ୟକାରୀ ନିର୍ଦ୍ଦେଶକ ଜ୍ଞାନ ରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଗ୍ଲୋବାଲ୍ ୱାର୍ମିଂ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାନବ ସଭ୍ୟତା ବିପଦପୂର୍ଣ୍ଣ ହେଉଛି। ଏଥିସହ ବିଭିନ୍ନ ପ୍ରାକୃତିକ ଦୁର୍ବିପାକ ଦେଖାଯାଉଛି। ଯାହାକି ମାନବ ସଭ୍ୟତା ପାଇଁ ସତର୍କ ଘଣ୍ଟି। ସମସ୍ତେ ଏଥିପ୍ରତି ଯତ୍ନବାନ ଦେବାକୁ ସେ ପରାମର୍ଶ ଦେଇଥିଲେ।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି